31 YEARS
ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

# ସମ୍ବାଦ କଳିକା
The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
NS-EN ISO 9001:2008
The Only ISO Certified Odiya Newspaper
କର୍ମଣ୍ୟେ ବାଧିକାରସ୍ତେ ମା' ଫଳେଷୁ କଦାଚନ
ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୪୭ ● ୧୪ ମାର୍ଚ୍ଚ ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-47 ● 14th March 2025, Friday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

### ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଖର୍ଚ୍ଚ ଦାବି ପାରିତ

## ପରିବେଶ ସନ୍ତୁଳନ ପାଇଁ ଜଙ୍ଗଲ ସମ୍ପଦର ସୁରକ୍ଷା ନିହାତି ଜରୁରୀ

ଭୁବନେଶ୍ୱର, ୧୩।୩
ନ୍ୟୁଜ୍ ବ୍ୟୁରୋ

ଗ୍ଲୋବାଲ୍ ୱାର୍ମିଂ ଏବେ ସାରା ବିଶ୍ୱ ପାଇଁ ଗୁରୁତର ସମସ୍ୟା ଭାବେ ଉଭା ହୋଇଛି। ମାର୍ଚ୍ଚ ମାସରୁ ତାପମାତ୍ରା ୪୦ ଡିଗ୍ରୀ ଡେଇଁଗଲାଣି। ଏଭଳି ସମସ୍ୟାର ନିରାକରଣ ପାଇଁ ଜଙ୍ଗଲ ସମ୍ପଦର ସୁରକ୍ଷା, ସଂରକ୍ଷଣ ଓ ଅଭିବୃଦ୍ଧି ଏକାନ୍ତ ଅପରିହାର୍ଯ୍ୟ ହୋଇପଡିଥିବା ବେଳେ ଏ ଦିଗରେ ବର୍ତ୍ତମାନର ସରକାର କାମ କରିବା ଆରମ୍ଭ କରିଛନ୍ତି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ପ୍ରକାଶ କରିଛନ୍ତି।



ଗୁରୁବାର ବିଧାନସଭାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସମ୍ପର୍କିତ ସର୍ବମୋଟ ୨୫୧୨ କୋଟି ୦୯ ଲକ୍ଷ ୭୬ ହଜାର ଟଙ୍କାର ଖର୍ଚ୍ଚ ଦାବି ବିଭାଗୀୟ ମନ୍ତ୍ରୀଙ୍କ ଦ୍ୱାରା ଆଗତ ଏବଂ ଏହା ଉପରେ ଦୀର୍ଘ ସମୟ ଧରି ଆଲୋଚନା ସହିତ ମନ୍ତ୍ରୀଙ୍କ ଉତ୍ତର ପରେ ପାରିତ ହୋଇଛି। ମନ୍ତ୍ରୀ ତାଙ୍କ ଉତ୍ତରରେ କହିଛନ୍ତି ଯେ, ପରିବେଶ ସନ୍ତୁଳନ ରକ୍ଷା ବର୍ତ୍ତମାନ ସମୟର ସର୍ବୋଚ୍ଚ ପ୍ରାଥମିକତା। ଏଥିପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କୃଷି, ମୃତ୍ତିକା ସଂରକ୍ଷଣ ଓ ଉଦ୍ୟାନ କୃଷି ବିଭାଗ ଜଙ୍ଗଲ ବିଭାଗର ବନ୍ଧୁ ହୋଇଥିବା ବେଳେ ଅନ୍ୟସବୁ ବିଭାଗ ଇକୋଲୋଜିକାଲି ବିରୋଧୀ। ବର୍ତ୍ତମାନର ସରକାର ଜଙ୍ଗଲ ବିଭାଗରୁ ୫-ଜେ'ର ନୂଆ ପରିକଳ୍ପନା ବା ଯୋଜନା ପ୍ରସ୍ତୁତ କରିଛନ୍ତି। ଯେଉଁଥିରେ ଜଳ, ଜଙ୍ଗଲ, ଜନ୍ତୁ, ଜମି ଓ ଜନ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇଛି। ଜଙ୍ଗଲ ଆମକୁ ଖାଦ୍ୟ, ଅଙ୍ଗାରକ୍ଲାମ, ଆଚ୍ଛାଦନ, ବର୍ଷା ଓ ସନ୍ତୁଳନ ରକ୍ଷାର ସୁଯୋଗ ପ୍ରଦାନ କରୁଛି। ଜଙ୍ଗଲ ସମ୍ପଦ ହିଁ ମାନବ ସମ୍ବଳକୁ ରକ୍ଷା କରୁଛି। ସେ ଦୃଷ୍ଟିରୁ ଏହାର ସୁରକ୍ଷା ଓ ଅଭିବୃଦ୍ଧି ଜରୁରୀ ହୋଇପଡିଛି ବୋଲି ମନ୍ତ୍ରୀ କହିଥିଲେ।

ସେ କହିଥିଲେ ରାଜ୍ୟରେ ଜଙ୍ଗଲ ସୁରକ୍ଷା, ସଂରକ୍ଷଣ, ପରିଚାଳନା, ପୁର୍ନରୁଦ୍ଧାର ଓ ପୁର୍ନଜନନ ତଥା ବନ୍ୟଜନ୍ତୁଙ୍କ ସୁରକ୍ଷା ଦାୟିତ୍ୱକୁ ବିଭାଗ ବହନ କରିଛି। ସେହିପରି ବୃକ୍ଷଚାରା ରୋପଣ, ଉଜୁଡା ଜଙ୍ଗଲର ପୁନଃରୁଦ୍ଧାର, ବନାଞ୍ଚଳରେ ବାସ କରୁଥିବା ଲୋକମାନଙ୍କ ଦୀର୍ଘସ୍ଥାୟୀ ଜୀବିକା ନିର୍ବାହ ପନ୍ଥା, ସୋମାନଙ୍କ ସାମାଜିକ ଅର୍ଥନୈତିକ ବିକାଶ ଏବଂ ଜଙ୍ଗଲର ନିରବଚ୍ଛିନ୍ନ ସୁପରିଚାଳନା ପାଇଁ ସରକାର ପ୍ରତିବଦ୍ଧ। ବାତ୍ୟା, ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟରୁ ଜନସାଧାରଣଙ୍କ ସୁରକ୍ଷା ପାଇଁ ବ୍ୟାପକ ହେନ୍ତାଳବଣ, ଲୁଣାବଣ ଓ ଝାଉଁବଣ ସୃଷ୍ଟି କରିବା ପାଇଁ ପଦକ୍ଷେପ ନିଆଯାଉଛି। ଚିଲିକା ହ୍ରଦର ଜୈବ ବିବିଧତାର ସୁରକ୍ଷା ଏବଂ ସଂରକ୍ଷଣ, ବିଦେଶାଗତ ପକ୍ଷୀମାନଙ୍କ ସୁରକ୍ଷା, ମତ୍ସ୍ୟ ସମ୍ପଦ ଉତ୍ପାଦନର ଅଭିବୃଦ୍ଧି, ଚିଲିକା ଉପରେ ନିର୍ଭରଶୀଳ *(ପୃଷ୍ଠା ୭ରେ)*

## ୩୦ ମାର୍ଚ୍ଚରେ ଓଡ଼ିଶାରେ ଅନ୍ତ୍ୟୋଦୟ ଆବାସ ଯୋଜନା ଆରମ୍ଭ

ଭୁବନେଶ୍ୱର, ୧୩।୩
ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୩୦ ତାରିଖରେ ଓଡ଼ିଶାରେ ଅନ୍ତ୍ୟୋଦୟ ଗୃହ ଯୋଜନା ୨୦୨୫ (ଏକ ମହତ୍ୱାକାଂକ୍ଷୀ ଗୃହ ଯୋଜନା)ର ଶୁଭାରମ୍ଭ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେହିଦିନ କଳାହାଣ୍ଡି ଜିଲ୍ଲାରେ ଏହି ଯୋଜନାର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଥିବା ଜଣାପଡିଛି।

ଏହି ଯୋଜନାର ଲକ୍ଷ୍ୟ ହେଉଛି ୫୦ ହଜାର ବ୍ୟକ୍ତିଙ୍କୁ ଏଥିରେ ଯୋଡିବା। ଯେଉଁଥିରେ ଦିବ୍ୟାଙ୍ଗ, ବିଧବା ଏବଂ ବିଭିନ୍ନ ରୋଗରେ ପୀଡିତ ବ୍ୟକ୍ତି ସାମିଲ ଅଛନ୍ତି। ଏମାନଙ୍କ ବ୍ୟତୀତ ସହିଦଙ୍କ ପରିବାର ଏବଂ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ବ୍ୟକ୍ତିମାନେ ମଧ୍ୟ ଏହି ଯୋଜନାରେ ସାମିଲ ହୋଇପାରିବେ।



ଏହା ବ୍ୟତୀତ ହିତାଧିକାରୀମାନଙ୍କୁ ଚିହ୍ନଟ କରିବା ପାଇଁ ଆବାସ ସର୍ଭେ କାର୍ଯ୍ୟ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଜାରି ରହିବ। ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଏହି ସର୍ଭେରେ ଅଂଶଗ୍ରହଣ କରିବା ପାଇଁ ପ୍ରାୟ ୧୯ ଲକ୍ଷ ଲୋକ ପୂର୍ବରୁ ସେମାନଙ୍କର ନାମ ପଞ୍ଜିକରଣ କରିସାରିଛନ୍ତି ଏବଂ ଆହୁରି ପଞ୍ଜିକରଣ ଆଶା କରାଯାଉଛି।

ଅନ୍ତ୍ୟୋଦୟ ଗୃହ ଯୋଜନା ରାଜ୍ୟର ଗରିବ ଲୋକଙ୍କ ପାଇଁ ଓଡ଼ିଶା ସରକାରଙ୍କର ଏକ ଅନନ୍ୟ ଯୋଜନା। ପଞ୍ଚାୟତିରାଜ ବିଭାଗ ମାଧ୍ୟମରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନା ବିଷୟରେ ମୁଖ୍ୟମନ୍ତ୍ରୀ ପୂର୍ବରୁ ବାର୍ଷିକ ବଜେଟରେ ଉଲ୍ଲେଖ କରିଥିଲେ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି।

## ୩ ସହରରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁଲା

ଭୁବନେଶ୍ୱର, ୧୩।୩
ନ୍ୟୁଜ୍ ବ୍ୟୁରୋ

ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଦ୍ୱାରା ଗୁରୁବାର ଓଡ଼ିଶାରେ ଚଳିତ ଗ୍ରୀଷ୍ମଋତୁର ସର୍ବାଧିକ ତାପମାତ୍ରା ରେକର୍ଡ କରାଯାଇଛି। ୩ ସହରରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଛୁଇଁଛି।

ରାଜ୍ୟର ଝାରସୁଗୁଡା ସହରରେ ତାପମାତ୍ରା ସର୍ବାଧିକ ୪୧.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଅତ୍ୟନ୍ତ ଅଧିକ ତାପମାତ୍ରା ଅନୁଭୂତ ହୋଇଛି। ହୀରାକୁଦରେ ତାପମାତ୍ରା ୪୦.୧ ଡିଗ୍ରୀ, ସମ୍ବଲପୁରରେ ୪୦ ଡିଗ୍ରୀ ଏବଂ ରାଉରକେଲାରେ ୩୯.୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

ରାଜ୍ୟର ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରା ୩୮.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲି ଏବଂ ବାଲେଶ୍ୱରରେ ଯଥାକ୍ରମେ ୩୮ ଡିଗ୍ରୀ ସେଲସିୟସ ଏବଂ ୩୭.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଏହି ସ୍ଥାନଗୁଡ଼ିକ ମଧ୍ୟରେ କେନ୍ଦୁଝର ସବୁଠାରୁ ଥଣ୍ଡା ରହିଛି। ଏହାର ତାପମାତ୍ରା ୩୭.୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।



### ଶୁଭେଚ୍ଛା

ପବିତ୍ର ଦୋଳ ଓ ହୋଲି ଅବସରରେ ସମ୍ବାଦ କଳିକାର ପାଠକ-ପାଠିକା, ଶୁଭେଚ୍ଛୁ ଓ ବିଜ୍ଞାପନଦାତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।

ପରିଚାଳକ

### ଛୁଟି ଘୋଷଣା

ପବିତ୍ର ଦୋଳ ଓ ହୋଲି ଅବସରରେ ସମ୍ବାଦ କଳିକାର କାର୍ଯ୍ୟାଳୟ ତା ୧୪.୩.୨୦୨୫ ଓ ୧୫.୩.୨୦୨୫ ଦୁଇ ଦିନ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୧୬.୩.୨୦୨୫ ସନ୍ଧ୍ୟାରେ ପ୍ରକାଶ ପାଇବ।

ପରିଚାଳକ

## ଆଇଆରବି କନଷ୍ଟେବଲ ନିଯୁକ୍ତିରେ ରୋକ ଲଗାଇଲେ ଓଡ଼ିଶା ହାଇକୋର୍ଟ

କଟକ, ୧୩।୩ : ନ୍ୟୁଜ୍ ବ୍ୟୁରୋ

ବୟସ ଯୋଗ୍ୟତା ଦୃଷ୍ଟିରୁ ଓଡିଶାରେ ଇଣ୍ଡିଆ ରିଜର୍ଭ ବାଟାଲିୟନ (ଆଇଆରବି) କନଷ୍ଟେବଲ ନିଯୁକ୍ତି ଉପରେ ଓଡ଼ିଶା ହାଇକୋର୍ଟ ରୋକ ଲଗାଇଛନ୍ତି। ଯେଉଁ ଆବେଦନକାରୀମାନଙ୍କୁ ପୂର୍ବରୁ 'ବୟସ୍କ' ବୋଲି ବିବେଚନା କରାଯାଉଥିଲା, ସେମାନେ ଦାବି କରିଥିଲେ ଯେ, ସେମାନଙ୍କୁ ଅନ୍ୟାୟ ଭାବରେ ବିଚାରରୁ ବାଦ ଦିଆଯାଇଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ୨୦ ମାର୍ଚ୍ଚ, ୨୦୨୫ରେ ହେବ ବୋଲି ଧାର୍ଯ୍ୟ କରାଯାଇଛି।



ବୟସ ଯୋଗ୍ୟତା ସହିତ ଜଡିତ ଅଗ୍ରାଧିକାର ଅଭିଯୋଗ ପରେ ନିଯୁକ୍ତି ବନ୍ଦ ହୋଇଯାଇଛି ବୋଲି ସରକାରୀ ସୂତ୍ରରୁ ଜଣାପଡିଛି। ହାଇକୋର୍ଟର ଏକକ ଖଣ୍ଡପୀଠଙ୍କ ପୂର୍ବ *(ପୃଷ୍ଠା ୭ରେ)*

## ପୋଲାଭରମ ପ୍ରସଙ୍ଗକୁ ନେଇ ବିଜେଡ଼ି ବିଧାୟକଙ୍କ ହଟ୍ଟଗୋଳ, ପ୍ରଥମାର୍ଦ୍ଧ ବୈଠକ ଅଚଳ

ଭୁବନେଶ୍ୱର, ୧୩।୩
ନ୍ୟୁଜ୍ ବ୍ୟୁରୋ

ଗୁରୁବାର ବିରୋଧୀ ଦଳ ବିଜେଡି ବିଧାୟକ ମାନଙ୍କର ପ୍ରତିବାଦ ହଟ୍ଟଗୋଳ ଯୋଗୁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇ ପାରିନଥିଲା। ବୈଠକ ଆରମ୍ଭରୁ ପୋଲାଭରମ ପ୍ରସଙ୍ଗରେ ଆଲୋଚନା ଦାବି କରି ବିରୋଧୀ ବିଜେଡି ବିଧାୟକ ମାନେ ନାରାବାଜି କରିଥିଲେ। ଏହି କାରଣରୁ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ପ୍ରଥମେ ୧୧.୩୦ ଯାଏ ମୁଲତବୀ ଘୋଷଣା କରିଥିଲେ। ଏହା ପରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି *(ପୃଷ୍ଠା ୭ରେ)*

## ଓପିଏସ୍‌ସି ଓଜେଏସ୍-୨୦୨୩ ପରୀକ୍ଷା ଫଳ ପ୍ରକାଶ

ଭୁବନେଶ୍ୱର, ୧୩।୩
ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ପକ୍ଷରୁ ଗୁରୁବାର ଓଡ଼ିଶା ନ୍ୟାୟିକ ସେବା (ଓଜେଏସ)-୨୦୨୩ ପରୀକ୍ଷା ଫଳ ପ୍ରକାଶ ପାଇଛି। ସିଭିଲ୍ ଜଜ୍ ପଦବୀରେ ନିଯୁକ୍ତି ପାଇଁ ୨୪ ମହିଳା ପ୍ରାର୍ଥୀଙ୍କ ସମେତ ୩୩ ଜଣ *(ପୃଷ୍ଠା ୭ରେ)*




ଆନନ୍ଦ, ହର୍ଷ ଓ ଉଲ୍ଲାସର ପର୍ବ ପବିତ୍ର ହୋଲି ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। ଏହି ପର୍ବ ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ସମସ୍ତ ଓଡ଼ିଆଙ୍କର ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଦେଉ, ଏତିକି କାମନା କରୁଛି।

(ଡ. ହରି ବାବୁ କମ୍ଭମ୍‌ପାଟି)

DSPL-104

ହୋଲି ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ରଙ୍ଗର ପର୍ବ ହୋଲି ହେଉଛି ସ୍ନେହ, ଶ୍ରଦ୍ଧା, ଆନନ୍ଦ ଓ ଉଲ୍ଲାସର ଉତ୍ସବ। ଏହି ଅବସରରେ ଓଡ଼ିଶାର ପ୍ରିୟ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି। ଶାନ୍ତି, ମୈତ୍ରୀ ଓ ଭାଇଚାରାର ବାର୍ତ୍ତା ବହନ କରୁଥିବା ହୋଲି ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଦେଉ। ସାମାଜିକ ସଦ୍‌ଭାବ ଆହୁରି ସୁଦୃଢ଼ ହେଉ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।



(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/13/0447/2425

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୪ ମାର୍ଚ୍ଚ ୨୦୨୫ ଶୁକ୍ରବାର





## ରାଜଧାନୀରେ 'କ୍ୱାକ୍' ଚିକିତ୍ସା

# ରୋଗୀଙ୍କ ଜୀବନ ସହ ଖେଳୁଛନ୍ତି ନକଲି ଡାକ୍ତର




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ନକଲି ଡାକ୍ତର ବା କ୍ୱାକ୍ କରୁଛନ୍ତି ରୋଗୀ ଚିକିତ୍ସା। ତାହା ପୁଣି ଖୁଲମଖୁଲାରେ। ବର୍ଷ ବର୍ଷ ଧରି ରୋଗୀ ଦେଖୁଥିବାରୁ ବେଶ୍ ଭିଡ଼ ବି ହେଉଛି। ନିଜର ଡିଗ୍ରିକୁ ଇଂରାଜୀରେ ଏଭଳି ଢଙ୍ଗରେ ଲେଖୁଛନ୍ତି ଯେ ସାଧାରଣ ଲୋକଟିଏ ବୁଝିବା ମୁସ୍କିଲ୍। ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇବା ଲାଗି ନିଜର ରେଜିଷ୍ଟ୍ରେସନ୍ ନମ୍ବର ମଧ୍ୟ ଦେଇଛନ୍ତି। ଭୁବନେଶ୍ୱରରେ ସରକାରୀ ଡାକ୍ତରଖାନାଠାରୁ ଆରମ୍ଭ କରି ବହୁ ସଂଖ୍ୟାରେ ଘରୋଇ ଡାକ୍ତରଖାନା ରହିଛି। ଏହା ସତ୍ତ୍ୱେ ସମସ୍ତଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ନକଲି ଡାକ୍ତର ରୋଗୀଙ୍କ ଜୀବନ ସହ ଖେଳ ଖେଳୁଛନ୍ତି। ବିଶେଷ କରି ଔଷଧ ଦୋକାନରେ ରୋଗୀ ଦେଖୁଥିବା ଏଭଳି କ୍ୱାକ୍‌ଙ୍କ ତାଲିକା ମଧ୍ୟ ବେଶ୍ ଲମ୍ବା। ନକଲି ଡାକ୍ତରଙ୍କ ଚିହ୍ନଟ ସହ ଧରପଗଡ଼ ନେଇ ହାଇକୋର୍ଟଙ୍କଠାରୁ ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ବ୍ୟାପକ ମାନସ ମନ୍ଥନ ହୋଇଥିଲା। ଜିଲ୍ଲା ସ୍ତରରେ କ୍ୱାକ୍‌ମାନଙ୍କୁ ଚିହ୍ନଟ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏକ କ୍ୱାକ୍ ନିରୋଧୀ ସେଲ୍ ମଧ୍ୟ ଗଠନ କରିଛନ୍ତି। ହେଲେ ସରକାରଙ୍କ ନାକ ତଳେ ଏଭଳି କାମ ଚାଲିଥିବା ବେଳେ ନା ଲୋକମାନେ ସ୍ୱର ଉଠାଉଛନ୍ତି ନା ସରକାର ଧରପଗଡ଼ କରୁଛନ୍ତି। ଉପକଣ୍ଠ ତମାଣ୍ଡୋ ଅଞ୍ଚଳରେ ଏଭଳି ଜଣେ କ୍ୱାକ୍ ବହୁବର୍ଷ ଧରି ରୋଗୀ ଚିକିତ୍ସା କରୁଛନ୍ତି। ପ୍ରେସ୍‌କ୍ରିପସନ୍‌ରେ ତାଙ୍କର ରେଜିଷ୍ଟ୍ରେସନ୍ ନମ୍ବର ଦେଇଛନ୍ତି ୩୫୮୦। ଡିଗ୍ରିରେ ଲେଖିଛନ୍ତି ଫିଜିସିଆନ ଅଫ ଇଣ୍ଡିଆନ୍ ମେଡିସିନ୍ସ ଏଣ୍ଡ ଜେନେରାଲ ପ୍ରାକ୍ଟିସନର। ଏଲୋପ୍ୟାଥିକ ଚିକିତ୍ସା କ୍ଷେତ୍ରରେ ଏଭଳି କୌଣସି ଡିଗ୍ରି ମଧ୍ୟ ନାହିଁ। ଏ କାର୍ଯ୍ୟକ୍ରମ ପକ୍ଷରୁ ଡାକ୍ତରଙ୍କ ରେଜିଷ୍ଟ୍ରେସନ୍ ନମ୍ବରକୁ ଓଡ଼ିଶା କାଉନ୍‌ସିଲ ଅଫ ମେଡିକାଲ ରେଜିଷ୍ଟ୍ରେସନ୍ (ଓସିଏମ୍‌ଆର) ୱେବସାଇଟ୍‌ରେ ଯାଞ୍ଚ କରାଯାଇଥିଲା। ମାତ୍ର ୱେବ୍‌ସାଇଟ୍‌ରେ ସେଭଳି କୌଣସି ଡାକ୍ତର ନ ଥିବା ଜଣାପଡ଼ିଛି। ସଂପୃକ୍ତ କ୍ୱାକ୍‌ଙ୍କ ନିକଟରେ ଚିକିତ୍ସିତ ହୋଇଥିବା ଜଣେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଯିବା ପରେ ତାଙ୍କ ସଂପର୍କରେ ତଥ୍ୟ ପଦାକୁ ଆସିଛି। ନକଲି ଡାକ୍ତରଙ୍କ ଚିହ୍ନଟ ନେଇ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସରକାରୀ ଓ ଘରୋଇ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତରଙ୍କ ପଞ୍ଜୀକରଣ ଯାଞ୍ଚ କରାଯାଇଥିଲା। ପଞ୍ଜୀକରଣ ଯାଞ୍ଚ ସମୟରେ ସରକାର ଏହି ଦୁଇ କ୍ଷେତ୍ରରେ କୌଣସି ନକଲି ଡାକ୍ତରଙ୍କୁ ପାଇ ନ ଥିଲେ। ତେବେ କୌଣସି ଡାକ୍ତରଙ୍କ ସଂପର୍କରେ ସନ୍ଦେହ ହେଲେ ତାଙ୍କ ସଂପର୍କରେ ଯାଞ୍ଚ କରିବା ଲାଗି ଓସିଏମ୍‌ଆର ୱେବସାଇଟ୍‌ରେ ସ୍ୱତନ୍ତ୍ରଭାବେ ତାଲିକାଭୁକ୍ତ ଏଲୋପ୍ୟାଥି ଡାକ୍ତରଙ୍କ ତଥ୍ୟ ପ୍ରଦାନ ବ୍ୟବସ୍ଥା କରାଯାଇଛି। ଏଥିରେ ସଂପୃକ୍ତ ଡାକ୍ତରଙ୍କ ରେଜିଷ୍ଟ୍ରେସନ୍ ନମ୍ବର ଓ ନାମ ଉଲ୍ଲେଖ କଲେ, ଏଥିରେ ଡାକ୍ତରଙ୍କ ନାମ, ବାପାଙ୍କ ନାମ ଓ ଯୋଗ୍ୟତା ଜଣାପଡ଼ିବ। ସେହିପରି ଗତବର୍ଷ ଏପ୍ରିଲ ୨୪ ତାରିଖରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲା କ୍ୱାକ୍ ନିରୋଧୀ ସେଲ୍ ସଂପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ଜିଲ୍ଲାପାଳ, ଏସ୍‌ପିଙ୍କ ପ୍ରତିନିଧି, ସିଡିଏମ୍‌ଓ, ଜିଲ୍ଲା ଆଇନ ସେବା କର୍ତ୍ତୃପକ୍ଷଙ୍କ ପ୍ରତିନିଧି ଓ ଭାରତୀୟ ମେଡିକାଲ ସଂଘର ପ୍ରତିନିଧି ସଦସ୍ୟଭାବେ ରହିଛନ୍ତି। ନକଲି ଡାକ୍ତରଙ୍କ ସଂପର୍କରେ କୌଣସି ସୂତ୍ରରୁ ଖବର ପାଇଲେ ସେମାନେ ଏହାର ଚଢ଼ଉ କରିବେ। ଏହାସହ ନକଲି ଡାକ୍ତରଙ୍କ ସଂପର୍କରେ କ'ଣ ପଦକ୍ଷେପ ନିଆଯାଇଛି ତାହା ସଂପର୍କିତ ୩ମାସରେ ଥରେ ସ୍ୱାସ୍ଥ୍ୟ ବିଭାଗକୁ ରିପୋର୍ଟ ପ୍ରଦାନ କରିବେ। ମାତ୍ର ଜିଲ୍ଲା ସ୍ତରରେ ଜିଲ୍ଲା କ୍ୱାକ୍ ନିରୋଧୀ ସେଲ୍‌ର ପ୍ରଦର୍ଶନ ଉତ୍ସାହଜନକ ନୁହେଁ। ଯାହାର ସୁଯୋଗ ନେଇ ଗ୍ରାମାଞ୍ଚଳରେ କ୍ୱାକ୍‌ମାନେ ରୋଗୀଙ୍କ ଜୀବନ ସହ ଖେଳ ଖେଳୁଛନ୍ତି। କ୍ୱାକ୍‌ଙ୍କ ଭୁଲ ଔଷଧ, ଇଞ୍ଜେକସନ୍ ପାଇଁ ରାଜ୍ୟରେ ଅନେକ ଲୋକଙ୍କ ଜୀବନ ଯାଉଛି। ମାତ୍ର ଏଥିରେ ସଂପୂର୍ଣ୍ଣ ପୂର୍ଣ୍ଣଚ୍ଛେଦ ପଡ଼ିପାରିନାହିଁ। ରାଜଧାନୀରେ କ୍ୱାକ୍ ଚିକିତ୍ସା କରୁଥିବା ସଂପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡା.ବିଜୟ ମହାପାତ୍ର କହିଛନ୍ତି, ମେଡିକାଲ କ୍ଷେତ୍ରରେ ଫିଜିସିଆନ ଅଫ ଇଣ୍ଡିଆନ୍ ମେଡିସିନ୍ସ ଏଣ୍ଡ ଜେନେରାଲ ପ୍ରାକ୍ଟିସନର ଭଳି କୌଣସି ଡିଗ୍ରି କିମ୍ବା ଚିକିତ୍ସା ପଦ୍ଧତି ନାହିଁ। ସଂପୃକ୍ତ କ୍ୱାକ୍‌ଙ୍କ ସଂପର୍କରେ ସଂପୂର୍ଣ୍ଣ ତଥ୍ୟ ମିଳିଲେ ଜିଲ୍ଲା ପକ୍ଷରୁ ଯାଞ୍ଚ କରାଯିବ।



ପୁରୀ : ଶ୍ରୀମନ୍ଦିରରେ ଦୋଳୋତ୍ସବର ଶୁଭାରମ୍ଭ ହୋଇଛି । ରତ୍ନସିଂହାସନରେ ଶ୍ରୀବିଗ୍ରହଙ୍କ ଚାଚେରୀ ବେଶ ଅନୁଷ୍ଠିତ ହୋଇଥିଲା । ଶ୍ରୀପଦରୁ ତ୍ରିମୁଣ୍ଡି ଲାଲ୍ ବସ୍ତ୍ରରେ ସୁଶୋଭିତ ହୋଇଥିଲେ ଦାରୁଦିଅଁ । ଲାଗି ହୋଇଥିଲେ ବହୁମୂଲ୍ୟ ଅଳଙ୍କାର । ବେଶରେ ଥାଇ ଠାକୁରଙ୍କୁ ଝିମିରି ଫଗୁ ଲାଗି କରାଯାଇଥିଲା । ଏଥିସହ ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ ଓ ଭୂଦେବୀ ଜଗନ୍ନାଥବଲ୍ଲଭ ମଠରେ ବିଜେ ହୋଇ ଦୋଳୋତ୍ସବ ନୀତି ସମ୍ପନ୍ନ ହୋଇଥିଲା । ଦିଅଁ ବିଜେ ସମୟରେ ବଡ଼ଦାଣ୍ଡରେ ପୁଷ୍ପ ବୃଷ୍ଟି କରାଯାଉଥିବାର ଅପୂର୍ବ ଦୃଶ୍ୟ ଦେଖିବାକୁ ମିଳିଥିଲା । (ଫଟୋ : ସମ୍ବାଦ କଳିକା)

## ଗର୍ଭ ଯନ୍ତ୍ରଣା ବେଳେ ହୃଦ୍‌ଘାତରେ ମାଆ ମୃତ : ଜୀବିତ ଛୁଆ ବାହାର କଲେ ଡାକ୍ତର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗର୍ଭ ଯନ୍ତ୍ରଣାରେ ଛଟପଟ ହୋଇ ହୃଦ୍‌ଘାତରେ ମାଆ ଜୀବନ ଚାଲିଗଲା । କିନ୍ତୁ ମରିଲାନି ମାତୃତ୍ୱ । କମାଲ କଲା ଚିକିତ୍ସା ବିଜ୍ଞାନ ଏବଂ ଡାକ୍ତରଙ୍କ ନିଷ୍ଠା । ମୃତ ମାଆ ପେଟରୁ ଜୀବିତ ଛୁଆ ପଦାକୁ ଆସିଲା । ଭୁବନେଶ୍ୱର ଜଣେ ମହିଳା ୯ ମାସର ଗର୍ଭବତୀ ଥିଲେ । ଗର୍ଭ ଯନ୍ତ୍ରଣା ହେବାରୁ ଫେବ୍ରୁୟାରୀ ୧୪ ତାରିଖ ରାତି ୧୧ଟା ୨ ମିନିଟ୍‌ରେ କ୍ୟାପିଟାଲ ହସ୍ପିଟାଲ୍‌ରେ ପହଞ୍ଚିଥିଲେ । ହେଲେ କାଜୁଆଲିଟିରେ ମହିଳାଙ୍କ ଇସିଜି ପରେ ୧୧ଟା ୫ ମିନିଟ୍‌ରେ ତାଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର । ସେତେବେଳେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ସମ୍ବେଦନା ପାଣିଗ୍ରାହୀ ଡ୍ୟୁଟିରେ ଥିଲେ । ସେ ଓ ତାଙ୍କ ଟିମ୍ ମୃତ ମହିଳାଙ୍କ ଅଲଟ୍ରାସାଉଣ୍ଡ କରି ଜାଣିବାକୁ ପାଇଥିଲେ ଗର୍ଭସ୍ଥ ଶିଶୁ ଜୀବିତ ରହିଛି । ଏହି ଖବର ମୃତକଙ୍କ ସ୍ୱାମୀଙ୍କୁ ଜଣାଇଥିଲେ । ସ୍ୱାମୀଙ୍କ ଅନୁମତି ପରେ ତୁରନ୍ତ ମହିଳାଙ୍କ ଅସ୍ତ୍ରୋପଚାର କରାଯାଇ ଜୀବିତ ଶିଶୁ ଉଦ୍ଧାର କରାଯାଇଥିଲା । ହେଲେ ଶିଶୁ ଅବସ୍ଥା ସଙ୍କଟାପନ୍ନ ଥିଲା। ତୁରନ୍ତ ଶିଶୁକୁ ହସ୍ପିଟାଲ ଏସ୍‌ଏନ୍‌ସିୟୁରେ ଭର୍ତ୍ତି କରାଯାଇଥିଲା। କ୍ୟାପିଟାଲ ହସ୍ପିଟାଲ-ପିଜିଆଇଏମ୍‌ଆରରୁ ମିଳିଥିବା ସୂଚନା ଅନୁଯାୟୀ, ମୃତ ମାଆ ପେଟରୁ ଜୀବିତ ଅବସ୍ଥାରେ ଶିଶୁ ଉଦ୍ଧାର କରିବା କେବଳ ଡାକ୍ତରୀ ପାଠ୍ୟକ୍ରମରେ ପଢ଼ାଯାଇଥିଲା । ମୃତ ମାଆ ପେଟରେ ଶିଶୁ ପ୍ରାୟ ୨୨ ମିନିଟ୍ ବଞ୍ଚିପାରେ । ହେଲେ ଡାକ୍ତରମାନେ ୧୦ ମିନିଟ୍ ଭିତରେ ମୃତକଙ୍କ ପେଟରୁ ଶିଶୁକୁ ବାହାର କରି ଚିକିତ୍ସା ଆରମ୍ଭ କରିଥିଲେ । ହସ୍ପିଟାଲ୍‌ରେ ଏସ୍‌ଏନ୍‌ସିୟୁରେ ରହିବା ପରେ ପରିବାର ଲୋକ ଶିଶୁକୁ ଏକ ଘରୋଇ ହସ୍ପିଟାଲ୍‌କୁ ନେଇଥିଲେ ।

# ଏଣିକି ହ୍ୱାଟ୍ସଆପ୍‌ରେ ମିଳିବ ୪୨୯ଟି ନାଗରିକ ସେବା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏଣିକି ହ୍ୱାଟ୍ସଆପ୍‌ରେ ମିଳିପାରିବ ସମସ୍ତ ନାଗରିକ ସେବା । ଗୋଟିଏ ହ୍ୱାଟ୍ସଆପ୍ ନମ୍ବର ଜରିଆରେ ଜନ୍ମ ଓ ଆୟ ପ୍ରମାଣପତ୍ର, ଡ୍ରାଇଭିଂ ଓ ସାର ଲାଇସେନ୍ସ ଏବଂ ଜାତୀୟ ପରିବାର ମଙ୍ଗଳ ଯୋଜନା ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସରକାରୀ ସେବା ପାଇପାରିବେ ନାଗରିକ। ଓଡ଼ିଶା ସରକାର ଓ ମେଟା ଇଣ୍ଡିଆ ମିଳିତ ଭାବେ ଏକ ୟୁନିଫାଏଡ୍ ହ୍ୱାଟ୍ସଆପ୍ ଚାଟବଟ୍‌ର ଶୁଭାରମ୍ଭ କରିଛନ୍ତି। ଯାହା ରାଜ୍ୟର ସାଢ଼େ ୪କୋଟିରୁ ଅଧିକ ଲୋକଙ୍କୁ ଆଗାମୀ ଦିନରେ ୪୨୯ଟି ସରକାରୀ ସେବା ପ୍ରଦାନ କରିବ । ଲୋକସେବା ଭବନରେ ଅନୁଷ୍ଠିତ ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ଏହି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ମହାନିର୍ଦ୍ଦେଶକ ଜି. ମାଥିଭାଥାନନ, ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଏବଂ ପୂର୍ବତନ ସୂଚନା କମିଶନର ତଥା ସିୱାଇଏସ୍‌ଡିର ପରାମର୍ଶଦାତା ଜଗଦାନନ୍ଦଙ୍କ ଉପସ୍ଥିତିରେ ବିଭିନ୍ନ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଓଡ଼ିଶା ସରକାରଙ୍କ ପକ୍ଷରୁ ସେଣ୍ଟର ଫର ମଡର୍ଣ୍ଣାଇଜିଂ ଗଭର୍ଣ୍ଣମେଣ୍ଟ ଇନିସିଏଟିଭ୍ (ସିଏମଜିଆଇ), ମେଟା ଇଣ୍ଡିଆ ସହ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି । ୟୁନିଫାଏଡ୍ ହ୍ୱାଟ୍ସଆପ୍ ଚାଟବଟ୍ ୪୨୯ଟି ସରକାରୀ ସେବାକୁ ଗୋଟିଏ ହ୍ୱାଟସ୍ ଆପ ନମ୍ବରରେ ସମନ୍ୱିତ କରିବ । ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା କହିଥିଲେ, ପ୍ରତ୍ୟେକ ନାଗରିକଙ୍କୁ ସୁବିଧାରେ ସରକାରୀ ସେବା ଯୋଗାଇଦେବା ପାଇଁ ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ। ବୈଷୟିକ ଜ୍ଞାନକୌଶଳ ଓ ପ୍ରଶିକ୍ଷଣ କ୍ଷେତ୍ରରେ ଆମର ପୁଞ୍ଜିନିବେଶ ଦ୍ୱାରା ଏହି ବ୍ୟବସ୍ଥା ସହଜ ହୋଇଛି । ଅମଲାତାନ୍ତ୍ରିକ ବ୍ୟବସ୍ଥାରେ ରହିଥିବା କେତେକ ପ୍ରତିବନ୍ଧକକୁ ଦୂର କରି ଜନସାଧାରଣଙ୍କୁ ଉଦ୍ଦିଷ୍ଟ ସେବାର ସାମଗ୍ରିକ ଉପଲବ୍ଧତା ବୃଦ୍ଧି କରିବା ଏହି ବୁଝାମଣା ପତ୍ରର ମୁଖ୍ୟ ଉଦ୍ଦେଶ୍ୟ । ଚଳିତ ବର୍ଷ ଶେଷ ସୁଦ୍ଧା ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ ଅଧୀନରେ ବିଜ୍ଞପ୍ତି ପ୍ରକାଶ ପାଇଥିବା ସମସ୍ତ ସାର୍ବଜନୀନ ସେବାକୁ ହ୍ୱାଟ୍ସଆପ୍ ମାଧ୍ୟମରେ ପ୍ରଦାନ କରିବାକୁ ଆମେ ଲକ୍ଷ୍ୟ ରଖିଛୁ ବୋଲି ସିଏମଜିଆଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ କହିଛନ୍ତି। ମେଟା ଇନ୍ ଇଣ୍ଡିଆର ବିଜନେସ୍ ମେସେଜିଂ ନିର୍ଦ୍ଦେଶକ ରବି ଗର୍ଗ କହିଥିଲେ, ଆଙ୍ଗୁଠିରେ ନାଗରିକ ସେବା ସହଜରେ ଉପଲବ୍ଧ କରାଇ ଆମେ ଆନନ୍ଦିତ । ହ୍ୱାଟ୍ସଆପ୍‌ରେ ନାଗରିକ ସେବା ବିତରଣ ମଡେଲ୍ ପ୍ରଚଳନ କରିବା ପାଇଁ ମେଟା ଆନ୍ଧ୍ରପ୍ରଦେଶ ଓ ମହାରାଷ୍ଟ୍ର ସରକାରଙ୍କ ସହ ଭାଗିଦାରିତା କରିଛି । ଏହି ଅବସରରେ ଓଡ଼ିଶା ଲୋକସେବା ଅଧିକାର ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ସମ୍ବଳ ସହାୟକ ସଂସ୍ଥା ଭାବେ ସିଏମ୍‌ଜିଆଇ ଏବଂ ସେଣ୍ଟର ଫର ୟୁଥ୍ ଆଣ୍ଡ ସୋସିଆଲ ଡେଭଲପମେଣ୍ଟ (ସିୱାଇଏସଡି) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହା ବ୍ୟତୀତ ସରକାରୀ କର୍ମଚାରୀଙ୍କ ପାଇଁ ଯୋଜନାଭିତ୍ତିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପାଇଁ ସିଏମ୍‌ଜିଆଇ, ସିୱାଇଏସ୍‌ଡି ଏବଂ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ମଧ୍ୟରେ, ଓଡ଼ିଶା ଲୋକସେବା ଅଧିକାର ଆଇନ କାର୍ଯ୍ୟକାରିତା ସମ୍ପର୍କିତ ଅଭିଯାନ ଏବଂ ସଚେତନତା ପାଇଁ ଏନ୍‌ଏସ୍‌ଏସ୍ ଛାତ୍ର ସ୍ୱେଚ୍ଛାସେବୀମାନଙ୍କୁ ସାମିଲ କରିବା ଦିଗରେ ସିଏମଜିଆଇ, ସିୱାଇଏସ୍‌ଡି, ଉଚ୍ଚଶିକ୍ଷା ବିଭାଗ ମଧ୍ୟରେ ଏବଂ ପଞ୍ଚାୟତିରାଜ ନିର୍ବାଚିତ ସଦସ୍ୟ ଏବଂ ଗୋଷ୍ଠୀ ପ୍ରତିନିଧିମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ସିଏମ୍‌ଜିଆଇ, ସିୱାଇଏସ୍‌ଡି ଏବଂ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ (ଏସ୍‌ଆଇଆରଡି) ମଧ୍ୟରେ ତ୍ରିପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା । ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ଶାସନ ସଚିବ ଦେବବ୍ରତ ମଲ୍ଲିକ ଧନ୍ୟବାଦ ଦେଇଥିବା ବେଳେ ମୁଖ୍ୟ ଶାସନ ସଚିବଙ୍କ ଅନୁ ଶାସନ ସଚିବ ଅଂଶୁମାନ ରଥ ଏବଂ ସିଏମଜିଆଇର ପ୍ରକଳ୍ପ ସଂଯୋଜକ ପିନାକୀ ମହାନ୍ତି ସଂଯୋଜନା କରିଥିଲେ।



## ସହରରେ ଅନନ୍ୟ ଦୋଳଯାତ୍ରା ପରମ୍ପରା

# ୯୭ ବିମାନରୁ ଗୋଟିଏ ସୁନା, ୫୦ରୁ ଅଧିକ ଚାନ୍ଦି ବିମାନ

**କଟକ, ନ୍ୟୁଜ ବ୍ୟୁରୋ**

ସହରରେ ଦୋଳଯାତ୍ରା ପରମ୍ପରା ବହୁ ପୁରୁଣା । ଜଗନ୍ନାଥ ସଂସ୍କୃତିର ଏହି ପ୍ରମୁଖ ପର୍ବ ଦୋଳଯାତ୍ରା ସହରର ବିଭିନ୍ନ ସାହିରେ ଶହଶହ ବର୍ଷ ଧରି ପାଳିତ ହୋଇ ଆସୁଛି । କୁହାଯାଏ ରାଜା ପ୍ରତାପ ରୁଦ୍ର ଦେବଙ୍କ ଅମଳରୁ କଟକରେ ୭୨ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଦୋଳ ମେଲଣ ଅନୁଷ୍ଠିତ ହେଉଛି । ତେବେ କାଠ ବିମାନରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଏବେ ସମୟ କ୍ରମେ ଚାନ୍ଦି ଓ ସୁନା ବିମାନରେ ପହଞ୍ଚିଛି । କଟକରେ ମୋଟ୍ ୯୭ଟି ଦୋଳ ବିମାନକୁ ନେଇ ଯାତ୍ରା ହେଉଥିବା ବେଳେ ଏହା ମଧ୍ୟରୁ ଗୋଟିଏ ସୁନା ବିମାନ ଏବଂ ପ୍ରାୟ ୫୦ଟିରୁ ଅଧିକ ଚାନ୍ଦି ବିମାନ ରହିଛି । ଚଳିତ ବର୍ଷ ଦରଖାପାଟଣା, ଥୋରିଆ ସାହି, ଶେଖ୍ ବଜାରର ଚାନ୍ଦି ବିମାନ ଏଥିରେ ସାମିଲ ହୋଇଛି । ବିଭିନ୍ନ ସାହି ବସ୍ତିକୁ ନେଇ ଗଢି ଉଠିଥିବା କଟକ ସହରରେ ଆଜି ବି ବଞ୍ଚି ରହିଛି ବହୁ ପୁରୁଣା ପରମ୍ପରା । ସେଗୁଡିକ ମଧ୍ୟରୁ ଦୋଳଯାତ୍ରା ହେଉଛି ଅନ୍ୟତମ । ଆଧୁନିକତାର ଛାପରେ ଆଜି ବି ବଦଳିନି ସଂସ୍କୃତି, ହଜିଯାଇନି ପରମ୍ପରା । ବରଂ ସମୟ ବଦଳିବା ସହିତ ଦୋଳଯାତ୍ରାର ଚମକ ଆହୁରି ବଢ଼ିଛି । ପୂର୍ବରୁ କାଠ ବିମାନରେ ରାଧାକୃଷ୍ଣ ଦୋଳ ଯାତ୍ରାରେ ଯାଉଥିଲେ । ଏବେ କିନ୍ତୁ ଚାନ୍ଦି ଓ ସୁନା ବିମାନରେ ଠାକୁରଙ୍କ ଶୋଭାଯାତ୍ରା ଏହି ଯାତ୍ରାକୁ ଆହୁରି ଆକର୍ଷଣୀୟ କରିଛି। କଟକର ଗଣପର୍ବ ଦୁର୍ଗା ପୂଜାରେ ସୁନା, ଚାନ୍ଦିର ମେଢ ଦେଖିବାକୁ ମିଳୁଥିବା ବେଳେ ଏବେ ଦୋଳଯାତ୍ରାରେ ମଧ୍ୟ ଆକର୍ଷଣୀୟ ସୁନା, ଚାନ୍ଦିର ଦୋଳ ବିମାନ ସଂଖ୍ୟା ବଢ଼ିବାରେ ଲାଗିଛି । ଦୋଳଯାତ୍ରାରେ ଏବେ ମୋଟ୍ ୯୭ଟି ବିମାନ ଦୋଳ ମେଲଣରେ ସାମିଲ ହେଉଛନ୍ତି । ଏହା ମଧ୍ୟରେ କାଠଗଡ଼ା ସାହି ପ୍ରଥମେ ସୁନା ଦୋଳ ବିମାନ ତିଆରି କରିଥିବା ବେଳେ ଏବେ ୫୦ରୁ ଅଧିକ ଚାନ୍ଦିର ଦୋଳ ବିମାନ ରହିଛି । ପ୍ରତିବର୍ଷ ବିଭିନ୍ନ ସାହିର ନୂଆ ନୂଆ ଚାନ୍ଦି ବିମାନ ସାମିଲ ହେଉଛି । ଚଳିତ ବର୍ଷ ୨୨ ଦିଗଭାଗର ଦରଖାପାଟଣା ସଂକୀର୍ତ୍ତନ ମଣ୍ଡଳୀ, ୨୫ ଦିଗଭାଗର ଥୋରିଆ ସାହି ସଂକୀର୍ତ୍ତନ ମଣ୍ଡଳୀ ଏବଂ ଶେଖବଜାର କାଶୀନାଥ ସଂକୀର୍ତ୍ତନ ମଣ୍ଡଳୀର ୩ଟି ନୂଆ ଚାନ୍ଦି ବିମାନ ଦୋଳଯାତ୍ରାରେ ଯୋଡି ହୋଇଛି । ମୋଟ୍ ୨୦ କେଜି ଚାନ୍ଦିରେ ଦରଖାପାଟଣା ସାହି ସଂକୀର୍ତ୍ତନ ମଣ୍ଡଳୀ ବିମାନ ନିର୍ମିତ ହୋଇଥିବା ବେଳେ ଥୋରିଆ ସାହି ବିମାନ ୨୨ କେଜି ଚାନ୍ଦିରେ ନିର୍ମିତ ହୋଇଛି । ସାଢେ ୬ ଫୁଟ୍ ଉଚ୍ଚତା ଏବଂ ୩ ଫୁଟ୍ ଚଉଡାର ଏହି ବିମାନକୁ ଅଲିଶା ବଜାର ଅଞ୍ଚଳର ତାରକସୀ କାରିଗର ପ୍ରଦୀପ ପୃଷ୍ଟି ତିଆରି କରିଛନ୍ତି । ଏଥିରେ ଗୋଟିଏ ମୟୂର କଳିକା ସହ ଚନ୍ଦ୍ରିକା, ଫୁଲ ପଟି, ଓଲଟ ଶୁଆ, ଦଧିନଉତି, ନୀଳଚକ୍ର, ଆମ୍ବ ପତ୍ର, କର୍ଣ୍ଣର ପଟି, ଖୁମ୍ବ, ୨ଟି ମୟୂର ପଟି ଏବଂ ୪ଟି ନଟୁ ରହିଛି । ବିମାନକୁ ତିଆରି କରିବାକୁ ପ୍ରାୟ ୨ ମାସ ସମୟ ଲାଗିଛି । ଦରଖାପାଟଣା ଗ୍ରାମର ସମସ୍ତ ବାସିନ୍ଦା, ମୁରବି, ଅଧିକାରୀ ଓ ପୂଜା କମିଟିର କର୍ମକର୍ତ୍ତାଙ୍କ ସହଯୋଗରେ ଏହି ଚାନ୍ଦି ବିମାନ ତିଆରି ହୋଇ ପାରିଥିବା କହିଛନ୍ତି ୨୨ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର କାର୍ଯ୍ୟକାରୀ ସର୍ବାଧିକାରୀ ସୁବାଷ ଚନ୍ଦ୍ର ସାହୁ । ୧୮୮୨ ମସିହାରୁ ଦରଖାପାଟଣାରେ ଦୋଳ ମେଲଣ ଆରମ୍ଭ ହୋଇଥିଲା । ରବିବାର ଫଗୁ ଦଶମୀରେ ଠାକୁର ବାହାରି ସାହି ପରିକ୍ରମାରେ ଭୋଗ ଖାଇବା ପରେ ମେଲଣରେ ସାମିଲ ହୋଇଛନ୍ତି ।




## ବଦଳିବ ରାଜଧାନୀ ଚେହେରା

# ଜୟଦେବରୁ ନନ୍ଦନକାନନ ପର୍ଯ୍ୟନ୍ତ ନିର୍ମାଣ ହେବ ଏଲିଭେଟେଡ୍ କରିଡର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱରର ଚେହେରା ବଦଳିବ । ରାଜଧାନୀରେ ଭିଡ଼ କମାଇବାକୁ ନୂଆ ରାସ୍ତା, ପୋଲ, ଫ୍ଲାଇ ଓଭର ବ୍ରିଜ୍ ଓ ରୋଡ୍ ଓଭରବ୍ରିଜ୍ ନିର୍ମାଣ କରାଯିବ । ଏହା ସହିତ ଏକାମ୍ର କ୍ଷେତ୍ରର ଐତିହ୍ୟ ସମୂହର ବିକାଶ ପାଇଁ ଚଳିତ ଆର୍ଥିକ ବର୍ଷରେ ୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ବୋଲି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ରାଜଧାନୀର ରାଜରାସ୍ତାରେ ଯିବା ଆସିବା ପାଇଁ ଆଉ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡ଼ିବ ନାହିଁ। ସହର ମୁଖ୍ୟ ରାସ୍ତାକୁ ଭିଡ଼ ହ୍ରାସ ଯୋଜନା (ଡିକଞ୍ଜେସନ୍ ପ୍ଲାନ୍) ପ୍ରସ୍ତାବ ପ୍ରସ୍ତୁତ କରାଯାଇଛି । ସଡ଼କ ନେଟୱାର୍କକୁ ବ୍ୟାପକ କରିବା ପାଇଁ ରାଜଧାନୀ ରାସ୍ତାର ଉନ୍ନତୀକରଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏ ବାବଦରେ ଚଳିତ ଆର୍ଥିକ ବର୍ଷ(୨୦୨୫-୨୬)ରେ ୨୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ଯୋଜନାରେ ୨୦ କିଲୋମିଟର ରାସ୍ତାର ଉନ୍ନତୀକରଣ ପାଇଁ ପ୍ରସ୍ତାବ ଅଛି । ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ଏଲିଭେଟେଡ୍ କରିଡର ନିର୍ମାଣ କରାଯିବ । ଏହା ସହିତ ବାରଙ୍ଗରୁ ପଟିଆ ଷ୍ଟେସନ୍ ଛକ ତଥା ଜାତୀୟ ରାଜପଥ-୧୬ ଓ ସୁଆଙ୍ଗ ମୌଜା ଦେଇ ଜଟଣୀକୁ ସଂଯୋଗ କରୁଥିବା କେନାଲ ବନ୍ଧ ରାସ୍ତା(ଦୟା ୱେଷ୍ଟ କେନାଲ୍) ର ଉନ୍ନତୀକରଣ କରାଯିବ । କଳ୍ପନା ଛକ ଓ ମ୍ୟୁଜିୟମ ଛକରେ ଫ୍ଲାଇ ଓଭର ନିର୍ମାଣ ହେବ । ଶିଶୁ ଭବନ ଛକରୁ ମ୍ୟୁଜିୟମ ରାସ୍ତାରେ ରୋଡ୍ ଓଭରବ୍ରିଜ୍(ଆରଓବି) ନିର୍ମାଣ ହେବ। ଏଜି ଛକରେ ଭୂତଳ ରାସ୍ତା ନିର୍ମାଣ ହେବ । କଳାରାହାଙ୍ଗରୁ ବରିମୁଣ୍ଡ ଓ ଗୁରୁ କେଳୁଚରଣ ପାର୍କରୁ ଫୁଲନଖରା ପର୍ଯ୍ୟନ୍ତ ଗୋଟିଏ ନୂଆ ରାସ୍ତା ହେବ । ଏହି ରାସ୍ତାରେ ଏକ ନୂଆ ରେଳ ଓଭରବ୍ରିଜ୍ ନିର୍ମାଣ କରାଯିବ । ଭୁବନେଶ୍ୱର ଭିତରେ ଓ ବାହାରେ ରିଂ ରୋଡ୍ ନିର୍ମାଣ ହେବ।



# ବିଏମ୍‌ସିର ବିବାଦ ପିଚ୍ଛା ଛାଡୁନି : ରଙ୍ଗମରା, ସୌନ୍ଦର୍ଯ୍ୟୀକରଣରେ ହରିଲୁଟ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ପ୍ରବାସୀ ଭାରତୀୟ ଦିବସ ଅବସରରେ ସହରର କାନ୍ଥବାଡ଼ରେ ରଙ୍ଗବୋଳା କାର୍ଯ୍ୟରେ ବିଏମ୍‌ସିର ବିବାଦ ପିଛାଛାଡ଼ୁନି । ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ କରିବା ପାଇଁ କାନ୍ଥବାଡ଼ରେ ମହାପୁରୁଷଙ୍କ ନାମକୁ ବିକୃତ କରି ସମଗ୍ର ବିଶ୍ୱରେ ନନ୍ଦିତ ହେବା ପରେ ଏବେ ଏହା ପଛରେ କେଳେଙ୍କାରୀ ପଦାକୁ ଆସିଛି । କାମ ନକରି ସୌନ୍ଦର୍ଯ୍ୟୀକରଣ ନାମରେ ଲକ୍ଷଲକ୍ଷ ଟଙ୍କା ହରିଲୁଟ୍ ହୋଇଥିବା ବେଳେ କାମ ପୂର୍ବରୁ କର୍ପୋରେସନର ସ୍ୱୀକୃତି ନିଆଯାଇନାହିଁ। ବରଂ କାମ ସରିବା ପରେ କାର୍ଯ୍ୟୋତ୍ତର ଅନୁମୋଦନ ନିଆଯାଇଛି। ଅନେକ ଥର ଜାଗା ଓ ଚିତ୍ରକରଙ୍କୁ ପରିବର୍ତ୍ତନ ମଧ୍ୟ କରାଯାଇଛି। ଏଥିରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବାରୁ ବିରୋଧ ଭୟରେ କର୍ପୋରେସନ ସ୍ୱୀକୃତି ନିଆଯାଇ ନଥିବା ଅଭିଯୋଗ ହୋଇଛି। ପୂର୍ବରୁ ହକି ପାଇଁ ସହର କାନ୍ଥବାଡ଼ରେ ରଙ୍ଗବୋଳା ସହ ଚିତ୍ର କରାଯାଇଥିଲା। ଏଥିରେ ବି ପ୍ରାୟ ୨୦ କୋଟି ଖର୍ଚ୍ଚ ହୋଇଥିଲା। ପ୍ରବାସୀ ଭାରତୀୟ ଦିବସ ପାଇଁ ସେ ସବୁ ଭଲ ଥିଲେ ମଧ୍ୟ ତାହା ଉପରେ ରଙ୍ଗ ମାରି ନୂଆ ଚିତ୍ର କରାଗଲା। ଚିତ୍ରରେ ଖୁବ୍ କମ୍ ମହାପୁରୁଷଙ୍କୁ ସ୍ଥାନିତ କରାଯାଇଥିଲା। ତାଙ୍କ ନାମରେ ଗୁରୁଚଣ୍ଡାଳ ତ୍ରୁଟି ରହିଥିଲା। କୌଣସି ନିର୍ଦ୍ଦିଷ୍ଟ ଥିମ୍‌ରେ ମଧ୍ୟ କରାଯାଇ ନଥିଲା। ଏଥର ୧୭ କୋଟି ଖର୍ଚ୍ଚ ହେଲା। ଦୁଇ ବର୍ଷରେ ପ୍ରାୟ ୪୦ କୋଟି କେବଳ କାନ୍ଥବାଡ଼ରେ ରଙ୍ଗବୋଳା ଓ ଚିତ୍ରରେ ଖର୍ଚ୍ଚ ହୋଇଥିଲା। ବଡ଼କଥା ହେଲା ଏସବୁର କର୍ପୋରେସନ ସ୍ୱୀକୃତି ନିଆଯାଇ ନଥିଲା। ବରଂ କାର୍ଯ୍ୟୋତ୍ତର ଅନୁମୋଦନ ନିଆଗଲା। ବିଭିନ୍ନ ସମୟରେ ଏହାର ସ୍ଥାନ ଓ ଚିତ୍ରକରଙ୍କୁ ପରିବର୍ତ୍ତନ କରାଯାଇଥିଲା। ଉଚ୍ଚ କର୍ତ୍ତୃପକ୍ଷଙ୍କ ନିଷ୍ପତି କ୍ରମେ କଣ୍ଟ୍ରାକ୍ଟସ୍ କମିଟି ଏହି ସବୁ ସ୍ଥାନ ପରିବର୍ତ୍ତନ କରିଥିଲା। କମିଟି ୧୩୬ଟି କାମର କାର୍ଯ୍ୟୋତ୍ତର ଅନୁମୋଦନ କରିଥିଲା। ଉଚ୍ଚକର୍ତ୍ତୃପକ୍ଷ କିଏ ସେ କାହିଁକି ସ୍ଥାନ ଓ ଚିତ୍ରକର ପରିବର୍ତ୍ତନ କଲେ ଚୂଡ଼ାନ୍ତ ନିଷ୍ପତ୍ତି ନେଉଥିବା କର୍ପୋରେସନକୁ କାହିଁକି ଏହି ପ୍ରକ୍ରିୟାରୁ ବାଦ୍ ରଖାଗଲା ଏ ଉତ୍ତର କାହାପାଖରେ ନାହିଁ। ସୌନ୍ଦର୍ଯ୍ୟୀକରଣ ପାଇଁ ୨ କୋଟି ଖର୍ଚ୍ଚ ହୋଇଛି। ଏଥିରେ ପ୍ରାୟ କୋଟିଏ ଟଙ୍କା ହରିଲୁଟ୍ ଅଭିଯୋଗ ହୋଇଛି। କଳ୍ପନା ଛକରେ ଥିବା ବକ୍ସି ଜଗବନ୍ଧୁ ପ୍ରତିମୂର୍ତ୍ତି ସ୍ଥଳ ନବୀକରଣ ପାଇଁ ୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଜଳଫୁଆରା ମରାମତି ଓ ସ୍ଥାପନରେ ପ୍ରାୟ ୧୩ଲକ୍ଷ, ପ୍ରତିମୂର୍ତ୍ତି ପାଖରେ ପେଭର ବ୍ଲକ୍ ଓ ପେଣ୍ଟିଂ ପାଇଁ ୫ ଲକ୍ଷ, ପ୍ରତିମୂର୍ତ୍ତି ଚାରିପଖରେ ଷ୍ଟିଲ୍‌ବାଡ଼ ପାଇଁ ୫ ଲକ୍ଷ, ଏଭଳି କେବଳ ପ୍ରତିମୂର୍ତ୍ତି ସ୍ଥଳରେ ୨୮ଲକ୍ଷ ଖର୍ଚ୍ଚ ହୋଇଛି । ଏହା କେବଳ ଗୋଟିଏ ଜାଗାର ଖର୍ଚ୍ଚ। ଏଭଳି ବିଭିନ୍ନ ଜାଗାରେ ବିଭିନ୍ନ ଠିକାଦାରଙ୍କ ଜରିଆରେ ଲକ୍ଷଲକ୍ଷ ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି । ପୁରୁଣା ଭୁବନେଶ୍ୱରରେ ଥିବା ଖାଓଗଳି ନବୀକରଣରେ ୪.୯୮ଲକ୍ଷ, ବସିବା ପାଇଁ ବେଞ୍ଚ ଓ ଟ୍ରି ଗାର୍ଡ ପାଇଁ ୩ଲକ୍ଷ, ଲିଙ୍ଗରାଜ ମାର୍କେଟ୍ କମ୍ପ୍ଲେକ୍ସରେ ପାଚେରୀ ମରାମତି ଓ ରଙ୍ଗ ଏବଂ ଟଏଲେଟ୍ ମରାମତିରେ ୪.୯୫ଲକ୍ଷ, ମାର୍କେଟ୍ ରଙ୍ଗରେ ୪.୯୭ ଲକ୍ଷ, ଲିଙ୍ଗରାଜ ମନ୍ଦିର ସିଂହଦ୍ୱାରରେ କେବଳ ଫୁଲସଜାରେ ୭୨ହଜାର ଖର୍ଚ୍ଚ ଦର୍ଶାଯାଇଛି । ଅନେକ କାମ କେବଳ କାଗଜପତ୍ରରେ ଦର୍ଶାଯାଇଥିବା ଅଭିଯୋଗ କରିଛନ୍ତି ଧନେଶ୍ୱର ନାୟକ। ସେ କହିଛନ୍ତି ୱାର୍ଡ ନଂ ୫୪, ୫୫, ୫୬ ଓ ୫୭ରେ ଏଭଳି ଲକ୍ଷଲକ୍ଷ ଟଙ୍କା ହରିଲୁଟ୍ ହୋଇଛି । ଲିଙ୍ଗରାଜ ମାର୍କେଟ୍ ଓ ଲିଙ୍ଗରାଜ ମାର୍କେଟ୍ କମ୍ପ୍ଲେକ୍ସରେ ରଙ୍ଗବୋଳା ହୋଇଥିବା ଦର୍ଶାଯାଇଛି। ଯେଉଁ ସବୁ ସାମଗ୍ରୀ ବ୍ୟବହାର କରାଯାଇଛି ସେ ସବୁ ନିମ୍ନମାନର। ଏ ନେଇ ଆମେ ବିଏମ୍‌ସିକୁ ଅଭିଯୋଗ କରିଛୁ। କିନ୍ତୁ ଏ ପର୍ଯ୍ୟନ୍ତ ଉତ୍ତର ଆସିନାହିଁ। ତେବେ କେବଳ ବଏମ୍‌ସି ନୁହେଁ, କେତେକ ଜାଗାରେ ରାସ୍ତା ଓ କୋଠାବାଡ଼ି ବିଭାଜନ ମଧ୍ୟ ସୌନ୍ଦର୍ଯ୍ୟୀକରଣ କରିଛି। ପେଭରବ୍ଲକ୍ ପକାଇଥିବା ହିସାବ ଦେଖାଇଛି। ଉଭୟଙ୍କ ମଧ୍ୟରେ ସମନ୍ୱୟ ବୈଠକ ହୋଇନାହିଁ କିମ୍ବା ଯୋଗାଯୋଗ ମଧ୍ୟ ହୋଇନାହିଁ। ବିଏମ୍‌ସି ଯେତିକି କାନ୍ଥବାଡ଼ରେ ରଙ୍ଗ ଓ ଚିତ୍ର କରିଛି ସେ ସବୁ ପୂର୍ତ୍ତ ବିଭାଗ ଓ ଜାତୀୟ ରାଜପଥର ସମ୍ପତ୍ତି। କୌଣସି ବିଭାଗ ସହ ସମନ୍ୱୟ ନଥିବାରୁ ଯିଏ ଯେମିତି ପାରିଛି ବିଲ୍ କରିଛି ବୋଲି ସେ ଅଭିଯୋଗ କରିଛନ୍ତି। ବିଏମ୍‌ସି କହିଛି, ଏହି ସବୁ ଅର୍ଥ ବିଏମ୍‌ସି ପାଣ୍ଠିରୁ ଖର୍ଚ୍ଚ ହୋଇନାହିଁ। ଖର୍ଚ୍ଚର ସିଂହଭାଗ ବିଭିନ୍ନ ସଂସ୍ଥାର ସିଏସ୍‌ଆର ପାଣ୍ଠିରୁ ଆସିଥିଲା। ବାକି ଅର୍ଥ ସରକାରଙ୍କ ଠାରୁ ଆସିବ। ଅଭିଯୋଗ ହେଲେ ତଦନ୍ତ ହେବ। ନିମ୍ନମାନର କାମ ବା କାମ ନ ହୋଇ ବିଲ୍ ହୋଇଥିଲେ କାର୍ଯ୍ୟାନୁଷ୍ଠାନ ହେବ।

ପ୍ରଭାତୀୟ
31 YEARS
ସମ୍ବାଦ କଳିକା

# ୧୦ ବର୍ଷରେ ସ୍ୱାସ୍ଥ୍ୟ ବୀମାରେ ଦୁଇ ଗୁଣା ବୃଦ୍ଧି

ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ବହୁ ମାତ୍ରାରେ ମହଙ୍ଗା ହୋଇଗଲାଣି। ଗତ ୧୦ ବର୍ଷରେ ଏହା ଦୁଇ ଗୁଣା ବଢ଼ିଯାଇଛି । ଫଳରେ ଅନେକ ଲୋକ ନିଜ ନିଜର ବୀମା ବନ୍ଦ କରିବାକୁ ବାଧ୍ୟ ହେଉଥିବା ଏକ ରିପୋର୍ଟରୁ ଜଣାପଡ଼ିଛି । ରିପୋର୍ଟ ଅନୁସାରେ, ମହଙ୍ଗା ପ୍ରିମିୟମ ଯୋଗୁ ଲୋକେ ପଲିସି ବନ୍ଦ କରିଦେଉଛନ୍ତି ଅବା କମ୍ କଭର ରହିଥିବା ପ୍ଲାନ୍ ନେଉଛନ୍ତି । ଚଳିତ ଆର୍ଥିକ ବର୍ଷ ପ୍ରତି ୧୦ରେ ଜଣେ ବୀମାଧାରୀ ନିଜର ସ୍ୱାସ୍ଥ୍ୟ ବୀମା ପଲିସିକୁ ରିନ୍ୟୁ କରିନାହାନ୍ତି । ପ୍ରାୟ ୧୦% ଲୋକଙ୍କ ପ୍ରିମିୟମ ୩୦% କିମ୍ବା ଏହାଠାରୁ ଅଧିକ ବୃଦ୍ଧି ପାଇଛି । ଏଥିମଧ୍ୟରୁ ମାତ୍ର ଅଧା ଲୋକ ହିଁ ପୁରା ପ୍ରିମିୟମ ଭରିଛନ୍ତି । ଗତ ୧୦ ବର୍ଷରେ ୫୨% ପଲିସିଧାରୀଙ୍କ ପ୍ରିମିୟମରେ ବାର୍ଷିକ ୫ରୁ୧୦% ବୃଦ୍ଧି ଘଟିଛି। ଏହାର ଅର୍ଥ ଯଦି କୌଣସି ବ୍ୟକ୍ତିଙ୍କ ପ୍ରିମିୟମ୍ ୧୦୦ ଟଙ୍କା ଥିଲା ୧୦ ବର୍ଷ ପରେ ଏହା ୧୬୨- ୨୫୯ ଟଙ୍କା ହୋଇଛି । ୩୮% ପଲିସିଧାରୀଙ୍କ ପ୍ରିମିୟମରେ ବାର୍ଷିକ ବୃଦ୍ଧି ୧୦ରୁ୧୫% ରହିଛି । ଅର୍ଥାତ୍ ସେମାନଙ୍କ ୧୦୦ ଟଙ୍କା ଥିବା ପ୍ରିମିୟମ ୨୫୯ରୁ୪୦୪ ଟଙ୍କା ହୋଇଛି । କିନ୍ତୁ ୩% ଲୋକଙ୍କ ପ୍ରିମିୟମ୍‌ରେ ବାର୍ଷିକ ବୃଦ୍ଧି ୧୫ରୁ୩୦% ରହିଥିବା ଜଣାପଡ଼ିଛି । ପ୍ରଶ୍ନ ଉଠୁଛି ଯେ, ପ୍ରିମିୟମ କାହିଁକି ଏତେ ମାତ୍ରାରେ ବୃଦ୍ଧି ପାଇଛି । ବୀମା କମ୍ପାନିଙ୍କ କହିବାନୁସାରେ, କ୍ଲେମ୍ ଅନୁପାତ ବିଗିଡ଼ିବା କାରଣରୁ ଏଭଳି ହେଉଛି । କ୍ଲେମ୍ ଅନୁପାତ ଅର୍ଥାତ୍, ଯେତିକି ପ୍ରିମିୟମ ସଂଗ୍ରହ ହୋଇଛି, ସେଥିମଧ୍ୟରୁ କେତେ ମାତ୍ରାକୁ କ୍ଲେମ୍ କରାଯାଇଛି । ଯଦି ଅଧିକ କ୍ଲେମ୍ ଆସେ, ତେବେ କମ୍ପାନିଗୁଡ଼ିକୁ ପ୍ରିମିୟମ ବଢ଼ାଇବାକୁ ପଡ଼ିଥାଏ । କିଛି ଲୋକଙ୍କ ପ୍ରିମିୟମ୍‌ରେ ଅଧିକ ବୃଦ୍ଧି ଦେଖିବାକୁ ମିଳିଛି । କାରଣ ସ୍ୱାସ୍ଥ୍ୟ ବୀମାର ପ୍ରିମିୟମ୍ ପ୍ରତିବର୍ଷ ଏକାଭଳି ବଢ଼ି ନ ଥାଏ । ଏହା କିଛି ବର୍ଷର ବ୍ୟବଧାନରେ ଅଚାନକ ବୃଦ୍ଧି ପାଇଥାଏ । ବୀମା କମ୍ପାନିଗୁଡ଼ିକ ପ୍ରତି ୩ ବର୍ଷରେ ମେଡିକାଲ ଖର୍ଚ୍ଚ ହିସାବରେ ନିଜ ନିଜର ବୀମା ଦର ବଢ଼ାଇଥାନ୍ତି । ବୟସ ବଢ଼ିବା ସହ ପ୍ରିମିୟମ ବଢ଼ିଥାଏ। ବୟୋବୃଦ୍ଧ ଲୋକଙ୍କ ଚିକିତ୍ସା ଖର୍ଚ୍ଚ ଅଧିକ ରହିଥାଏ । ତେଣୁ ସେମାନଙ୍କ ପ୍ରିମିୟମ୍‌ରେ ଅଧିକ ବୃଦ୍ଧି କରାଯାଇଥାଏ । ପଲିସିବଜାରର ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ଭାରତର ସ୍ୱାସ୍ଥ୍ୟ ବୀମା ବଜାରରେ ବ୍ୟାପକ ପରିବର୍ତ୍ତନ ଆସିଛି। ଏହି ସର୍ଭେରେ ବର୍ଦ୍ଧିତ ପ୍ରିମିୟମ, ଲୋକଙ୍କ ଖର୍ଚ୍ଚ କମ୍ କରିବାର ଉପାୟ ଏବଂ ମେଡିକାଲ ଖର୍ଚ୍ଚକୁ ନିୟନ୍ତ୍ରଣ କରିବା ପାଇଁ କମ୍ପାନିଗୁଡ଼ିକର ମତାମତ ନିଆଯାଇଛି । କିଛି ଲୋକଙ୍କୁ ପ୍ରିମିୟମ୍‌ରେ ବଡ଼ ବୃଦ୍ଧିର ସାମ୍ନା କରିବାକୁ ପଡ଼ିଛି । କିନ୍ତୁ ଅଧିକାଂଶ ଲୋକ ନୂଆ ପ୍ଲାନ୍ ଏବଂ ସଞ୍ଚୟର ବିଭିନ୍ନ ଉପାୟ ମାଧ୍ୟମରେ ଖର୍ଚ୍ଚକୁ ଭଲ ଭାବେ ପରିଚାଳନା କରିପାରୁଥିବା ଏଥିରେ ଉଲ୍ଲେଖ କରାଯାଇଛି । ବିଶେଷଜ୍ଞଙ୍କ ମତରେ, ଯଦି ପ୍ରିମିୟମ ବଢ଼େ ଏବଂ ବୀମାଧାରୀ ତାହାକୁ ଭରିବାକୁ ଚାହାନ୍ତି ନାହିଁ ତେବେ ସେମାନଙ୍କ ପାଖରେ କମ୍ ପ୍ରିମିୟମଯୁକ୍ତ ପ୍ଲାନ୍ ବାଛିବାର ବିକଳ୍ପ ରହିଛି । କେତେକ ଲୋକ ଟଙ୍କା ବଞ୍ଚାଇବା ପାଇଁ ‘ଡିଡକ୍ଟେବଲ’ ବିକଳ୍ପ ବି ବାଛୁଛନ୍ତି। ‘ଡିଡକ୍ଟେବଲ’ର ଅର୍ଥ ହେଉଛି, ଏକ ନିର୍ଦ୍ଦିଷ୍ଟ ରାଶି ପର୍ଯ୍ୟନ୍ତ ଖର୍ଚ୍ଚକୁ ନିଜକୁ ଉଠାଇବାକୁ ପଡ଼ିବ, ଏହା ପରେ ହିଁ ବୀମା କମ୍ପାନି ଖର୍ଚ୍ଚ କରିବ । ମେଡିକାଲ ଖର୍ଚ୍ଚ ବୃଦ୍ଧି ଏବଂ ନୂଆ ପ୍ରଯୁକ୍ତି ସହିତ ସ୍ୱାସ୍ଥ୍ୟ ବୀମାର ପରିସର ବଢୁଛି, ଯାହାଦ୍ୱାରା ପ୍ରିମିୟମ ଉପରେ ପ୍ରଭାବ ପଡୁଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

ସତ୍ୟ ଭାଗବତ
**ଜଗନ୍ନାଥ**

ହେ ପ୍ରଭୁ ଜଗତ ନାଥ
ମୁଁ
କାହାର କୁହ (ପଦ)
ଜନମ ଯାତନା ଦେଲ
ସଂସାରେ ସଂସାରୀ କଲ
ତୋ ଭଜନ ଭଜିବାକୁ
ପଥଟି ନ ଦେଲ
ହେ ପ୍ରଭୁ ଜଗତନାଥ
ମୁଁ କାହାର କୁହ
(୧)

ବାବାଜୀର ରୂପ ଦେଲ
ଭକ୍ତର ଭାବନା କଲ
ତୋ ମହିମା ବୁଝିବାକୁ
ଶକ୍ତିଟି ନଦେଲ
ହେ ପ୍ରଭୁ ଜଗତନାଥ
ମୁଁ କାହାର କୁହ (୨)

ପିତାମାତା ତୁମ୍ଭେ ହେଲ
ପୁତ୍ର ରୂପେ ଲୀଳା କଲ
ନାମ ଅନାମ ସୂତ୍ରକୁ
ଭକ୍ତିଟି ନ ଦେଲ
ହେ ପ୍ରଭୁ ଜଗତନାଥ
ମୁଁ କାହାର କୁହ (୩)

କୃପା ବାରିଧି ହୋଇଲ
ଅଭିରାମ ନାମ ଦେଲ
ତୋ ନାମକୁ ଭଜିବାକୁ
ଶ୍ରଦ୍ଧାଟି ନ ଦେଲ
ହେ ପ୍ରଭୁ ଜଗତନାଥ
ମୁଁ
କାହାର କୁହ (୪)

ସତ୍ୟ ପାଶେ ଶାନ୍ତି
ଦେଲ
ଦୟା ପାଶେ କ୍ଷମା
ଦେଲ
ନାମ ଥୋଇ ଅନାମକୁ
ଗୁପତ କରିଲ
ହେ ପ୍ରଭୁ ଜଗତନାଥ
ମୁଁ କାହାର କୁହ (୫)

ସବୁ ଦେଇ ଶୂନ୍ୟ କଲ
ଶୂନ୍ୟ ବ୍ରହ୍ମ ବୋଲାଇଲ
ସେ ଶୂନ୍ୟ ବ୍ରହ୍ମ ପଦ୍ମକୁ
ଅଭିକି ନ ଦେଲ
ହେ ପ୍ରଭୁ ଜଗତନାଥ
ମୁଁ କାହାର କୁହ (୬)

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୧୫)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ଓଡ଼ିଶା ଇତିହାସର ଜଣେ ଜାତୀୟସ୍ତରର ଖ୍ୟାତି ସମ୍ପନ୍ନ ମଣିଷ ହୋଇଛନ୍ତି ବିଶର ମହାନ୍ତି, ଯାହାଙ୍କର ଅବଦାନ ପାଇଁ ଓଡ଼ିଶାବାସୀ ନିଜକୁ ଧନ୍ୟମଣିବା ସହିତ ସମଗ୍ର ବିଶ୍ୱରେ ନିଜକୁ ଗୌରବାନ୍ୱିତ ମନେକରନ୍ତି। ସେହି କିମ୍ବଦନ୍ତୀ ପୁରୁଷ ବିଶର ମହାନ୍ତିଙ୍କ ସଂପର୍କରେ ରାଜ୍ୟର ବହୁ ବୁଦ୍ଧିଜୀବୀ, ବହୁ ବିଶିଷ୍ଟ ବିଦ୍ୱାନ୍‌ମାନେ ଆଜି ପ୍ରଶ୍ନ କରିଛନ୍ତି ଏ ବିଶର ମହାନ୍ତି କିଏ ? ଯେଉଁ ବିଶର ମହାନ୍ତିଙ୍କ ପରିଚୟ ପାଇଁ ଓଡ଼ିଶାବାସୀ ଝୁରି ହେଉଛନ୍ତି, ବାସ୍ତବରେ ସେ ବିଶର ମହାନ୍ତି କିଏ? ଏ ସମ୍ପର୍କରେ ନିମ୍ନରେ କେତେକ ଐତିହାସିକ, ବିଶିଷ୍ଟ ଶିକ୍ଷାବିଦ୍ ତଥା ବହୁ ରାଜନୈତିକ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ମତାମତ ସହିତ ତାଙ୍କର ଉପଲବ୍ଧିକୁ ଏଥିରେ ପ୍ରିୟ ପାଠକ ପାଠିକାଙ୍କ ନିମନ୍ତେ ପ୍ରକାଶ କରୁଛୁ।

୧୮୨୫ ମସିହା ଆମ୍‌ସ ସଟନ୍‌ଙ୍କ ଓଡ଼ିଆ ଭାଷାରୁ ଉଦ୍ଧୃତ ଏକ ତଥ୍ୟରେ ଲିପିବଦ୍ଧ କରାଯାଇଛି “ଏ ଉତ୍ତାରେ ସେ ଗଙ୍ଗା କୂଳରେ ବଡ ନିଆଁ ଗଦାକରି ଶ୍ରୀ ଜଗନ୍ନାଥଙ୍କୁ ସେ ଜଳନ୍ତା କାଠ ଉପରେ ଫୋପାଡି ଦେଲା, ମାତ୍ର ସେହିକ୍ଷଣି ସେହି ନିନ୍ଦୁକର ଅଙ୍ଗ ପ୍ରତ୍ୟେଙ୍ଗ ଖସିପଡି ସେ ଅତ୍ୟନ୍ତ କଷ୍ଟରେ ପ୍ରାଣ ଛାଡିଲା। ଏଥିରେ ପାଖସ୍ଥ ଜଣେ କହିଲା ହଁ ଓଡ଼ିଶା ଦେବତାକୁ ଅମର୍ଯ୍ୟାଦା କରିବାର ଦଣ୍ଡ ଏହି। ଏ ଉତ୍ତାରୁ ଜଳନ୍ତା ନିଆଁରୁ ସେ ମୂର୍ତ୍ତି କି ଓଟାରି ନଦୀରେ ପକାଇଲା। ଏହି ସବୁ କର୍ମକୁ ବିଶର ମହାନ୍ତି ବୋଲି ଜଣେ ବିଶ୍ୱସ୍ତ ସେବକ ଜଗି ବସି ସେହି ଦରପୋଡା ମୂର୍ତ୍ତିକି ଗୁପ୍ତ ରୂପରେ ସ୍ରୋତରୁ କାଢି ଯତ୍‌କରି ଓଡ଼ିଶା ଦେଶକୁ ବାହୁଡାଇ ଆଣି କୁଜଙ୍ଗ ଖଣ୍ଡାଇତ ଠାରେ ସାବଧାନ ରୂପେ ସମର୍ପି ଦେଲା।” ଏଥିରୁ ବିଶର ମହାନ୍ତି ନାମକ ଜଣେ ବ୍ୟକ୍ତିଙ୍କର ନାମ ବ୍ୟତୀତ ତାଙ୍କର କୌଣସି ପରିଚୟ ମିଳିଲା ନାହିଁ। ତେବେ ଯାହାହେଉ ବିଶର ମହାନ୍ତି ନାମକ ଜଣେ ବ୍ୟକ୍ତି ଯିଏ କି ନିଜର ଜୀବନକୁ ବିପନ୍ନ କରି ଜଗନ୍ନାଥଙ୍କ ବ୍ରହ୍ମମଣିକୁ ଉଦ୍ଧାର କରି କୁଜଙ୍ଗ ରାଜ୍ୟକୁ ଆଣିଥିଲା। ଏହା ନିଃସନ୍ଦେହରେ କୁହାଯିବ। ଆଉ ଗୋଟିଏ ଐତିହାସିକ ତଥ୍ୟ ବି “ଓଡ଼ିଆ ଜାତିର ଆଦିମ ଇତିହାସ ମାଦଳା ପାଞ୍ଜି (୧ମ ପାଞ୍ଜିମତେ ରଘୁବଂଶ ଛୋଟରାୟଙ୍କ ପରେ ଖ୍ରୀ : ୧୫୫୮) ଏଥିରେ ଉଲ୍ଲେଖ କରାଯାଇଛି “କଟକେ ରାଜା କେହି ରହି ନ ପାରିଲେ । ମୋଗଲ ପୀଢ କରି ମାଠି ରହିଲେ। ପରୀଛା ଦିବ୍ୟସିଂହ ପଟ୍ଟନାୟକ ଠାକୁରଙ୍କୁ ଘେନିଗଲେ। ଏ ଗୋଳରେ ପରମେଶ୍ୱରଙ୍କୁ ଛପଳିହାଥୀ ପଡାରେ ପାତାଳି କରିଥିଲେ। ତହିଁକି ବୋଲି କଳାପାହାଡ ଠାବ କଲା। ମୁହାଁଣ ପାର ହୋଇଗଲା। ଭେଉଁଆ କଢାଇ ଅଣ୍ଟାକି ପାଣିରେ ନେଲା। ସେଠାକୁ ପରମେଶ୍ୱରଙ୍କୁ ହାଥୀରେ ପକାଇ ଆଣିଲା। ବାଉନକୋଟି ଭଣ୍ଡାର ସେଠାରୁ ଜବତ କଲା। ବଡ ଦେଉଳ ଅଏଁଳା ସରିଯାଏ ଭଙ୍ଗାଇଲା। ଯେତେ ଦେବତାମାନ, ପିତୁଳାମାନ ସବୁକୁ ହିଁ ଖୁଣକଲା। କଳପବଟ ଖୋଳାଇ ପକାଇଲା। ଘୋଡାନଣ୍ଡି ପୁରେଇ ନିଆଁ ଲଗାଇଲା। ଶ୍ରୀ ଜଗନ୍ନାଥଙ୍କୁ ଗଙ୍ଗାକୂଳ ତଣ୍ଡା ଯାଏ ନେଲା। କାଠ କୁଢାଇ ଅଗ୍ନିରେ ପୂରେଇ ଜାଳିଦେଲା। ତେଣେ ପଠାଣର ଦେହ ଖଣ୍ଡ ଖଣ୍ଡ ହୋଇ ଫାଟିଲା। କାଜି କହିଲା ଓଡ଼ିଶାର ଦେବତା ଜଳାଇ ଦେଲୁ ତେଣୁ କରି ତୋହର ଦେହ ଫାଟିଲା। ଏହାଶୁଣି ତାହାର ପୁଅ ପରମେଶ୍ୱରଙ୍କୁ ଗଙ୍ଗାରେ ମେଲିଦେଲା। ସେ ଦାରୁ ଭାସି ଆସନ୍ତେ ଅମୂରା ଗୋଟିଏ ଜାଳି କାଠ ବୋଲି ଧରି ତାହା ବାରିରେ ପକାଇଲା। ଶ୍ରୀ ଜଗନ୍ନାଥଙ୍କୁ ନେଲା ବେଳେ ବିଶର ମହାନ୍ତି ଯାଇଥିଲା। ବୈଷ୍ଣବ ହୋଇ ସଙ୍ଗେ ଗୋଡାଇଥିଲା। ଆଠମାସ ରହି ବାଦ୍ୟପଣ କରି ଦାରୁ ମାଗିଲା। ବ୍ରହ୍ମ ଖୋଳ କରି ମୃଦଙ୍ଗେ ପୁରେଇ ଘେନିଅଇଲା। କୁଜଙ୍ଗ ଗଡରେ ଆଣି ପ୍ରବେଶ କଲା। ଖଣ୍ଡାଏତ ଓଳିଆ ଉପରେ ଦୁଇ ଠାକୁର ରହିଲେ।” ଇଏ ହେଲା ଓଡ଼ିଆ ଜାତିର ଆଦିମ ଇତିହାସ-ମାଦଳା ପାଞ୍ଜିରେ ଲିଖିତଥିବା କିଛି ଉଦ୍ଧୃତାଂଶ। ଏଥିରେ ମଧ କେବଳ ବିଶର ମହାନ୍ତି ନାମକ ଜଣେ ପ୍ରତିଷ୍ଠିତ ସେବକ ଭାବେ ଜଣାଶୁଣା ଥିବାରୁ ସମ୍ଭବତଃ ତାହାର ବଂଶ ପରିଚୟ ସଂକ୍ରାନ୍ତରେ କିଛି ଉଲ୍ଲେଖ କରାଯାଇନାହିଁ।

(କ୍ରମଶଃ)

# ଦୋଳ ଉତ୍ସବର ବୈଜ୍ଞାନିକ ଓ ଆଧ୍ୟାତ୍ମିକ ତତ୍ତ୍ୱ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬



ଓଡ଼ିଆ ପଞ୍ଜିକା ଅନୁସାରେ ଫାଲଗୁନ ମାସର ପୂର୍ଣ୍ଣିମା ତିଥି ଦୋଳ ପୂର୍ଣ୍ଣିମା ନାମରେ ଅଭିହିତ। ଫାଲଗୁନ ଶୁକ୍ଳ ଦଶମୀ ତିଥିଠାରୁ ଦୋଳଯାତ୍ରା ସାଧାରଣତଃ ଆରମ୍ଭ ହୋଇଥାଏ । ଏହି ପର୍ବର ମୁଖ୍ୟ ଆରାଧ୍ୟ ଠାକୁର ରାଧା ଓ କୃଷ୍ଣଙ୍କ ନିକଟରେ ଏହି ଦିନଠାରୁ ଅବିର ଅର୍ପଣ କରାଯାଇଥାଏ । ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ଛୋଟ ଛୋଟ ବିମାନରେ ମହାଡମ୍ବର ସହକାରେ ଗ୍ରାମର ପ୍ରାୟ ପ୍ରତ୍ୟେକଙ୍କ ଦ୍ୱାରକୁ ନିଆଯାଇଥାଏ । ପ୍ରାୟତଃ ପ୍ରତ୍ୟେକ ଦ୍ୱାରରେ ଠାକୁରଙ୍କୁ ଭୋଗ ଅର୍ପଣ କରାଯିବା ସଙ୍ଗେସଙ୍ଗେ ପୁରୋହିତଙ୍କୁ ମଧ୍ୟ ଦକ୍ଷିଣା ଦିଆଯାଇଥାଏ । ଠାକୁରଙ୍କ ଉଦ୍ଦେଶ୍ୟରେ ପ୍ରତ୍ୟେକ ଦ୍ୱାରରେ ଅର୍ପିତ ଭୋଗକୁ ଦ୍ୱାରୀ ଭୋଗ କୁହାଯାଇଥାଏ । ଦୋଳପୂର୍ଣ୍ଣମୀ ଦିନ ସାଧାରଣତଃ ଠାକୁରମାନଙ୍କୁ ମନ୍ଦିରର ଦକ୍ଷିଣପୂର୍ବ ଦିଗରେ ନିର୍ମିତ ହୋଇଥିବା ଏକ ମଣ୍ଡପ ଉପରକୁ ନିଆଯାଇଥାଏ । ସେହି ମଣ୍ଡପର ନାମ ଦୋଳ ମଣ୍ଡପ । ସେଠାରେ ପୂଜାର୍ଚ୍ଚନା କରାଯିବା ସଙ୍ଗେସଙ୍ଗେ ଠାକୁରମାନେ ଦୋଳି ଖେଳନ୍ତି ଓ ସେଠାରେ ନାଲି ଅବିର ଅର୍ପଣ କରାଯାଇଥାଏ । ସାରା ଓଡ଼ିଶାର ପୁରପଲ୍ଲୀ ଫଗୁ ଦଶମୀଠାରୁ ଦୋଳଯାତ୍ରାର ଉତ୍ସାହ ଉଦ୍ଦୀପନାରେ ଝୁମି ଉଠେ । ଗାଁ ଗାଁରେ ରାଧାକୃଷ୍ଣ ମନ୍ଦିରରେ କିମ୍ବା ଶ୍ରୀଜଗନ୍ନାଥ ମନ୍ଦିରରେ ଚଳନ୍ତି ପ୍ରତିମାକୁ ଦୋଳା ବା ବିମାନରେ ବସାଇ ଗ୍ରାମ ପରିକ୍ରମା ଆରମ୍ଭ କରାଯାଏ ଏବଂ ଦୁଆର ଦୁଆର ବୁଲି ଭୋଗ ଖାଆନ୍ତି ଠାକୁରେ । ସେହିପରି ଶୈବପୀଠ ସହିତ ବୈଷ୍ଣବ ଭକ୍ତ ଓ ପୀଠର ସୌହାର୍ଦ୍ଦ୍ୟ ବୃଦ୍ଧିରେ ଦୋଳ ମେଲଣ ଓ ଦୋଳ ମଣ୍ଡପ ସାହାଯ୍ୟ କରିଥାଏ। ସାଧାରଣତଃ ଶୈବ, ଶାକ୍ତ ପୀଠରେ ବା ତାଙ୍କ ନିକଟରେ ଆୟୋଜିତ ହୋଇଥାଏ ଦୋଳ ମେଲଣ । ସେଠାରେ ପଞ୍ଚରାତ୍ର ବ୍ୟାପୀ ଚାଚେରୀରେ ସନ୍ଧ୍ୟା ଠାରୁ ମଧ୍ୟରାତ୍ର ପର୍ଯ୍ୟନ୍ତ ଗ୍ରାମ ପରିକ୍ରମା ଓ ପରିଭ୍ରମଣ କରୁଥିବା ରାଧାକୃଷ୍ଣଙ୍କ ବିମାନ ଆସି ସାମୟିକ ରହିଥାଏ । ସାରା ଓଡ଼ିଶାର ବିଭିନ୍ନ ସ୍ଥାନରେ ଏହି ମେଲଣର ଅନନ୍ୟ ପରମ୍ପରା, ଐତିହ୍ୟ ଓ ନାମକରଣ ରହିଛି । ରଥଯାତ୍ରା ଓ ଦେବସ୍ନାନ ପୂର୍ଣ୍ଣିମାକୁ ବାଦ ଦେଲେ ଦୋଳଯାତ୍ରା ପୁରୀମନ୍ଦିରର ଏକ ବିଶିଷ୍ଟ ପର୍ବ । ଶ୍ରୀଜଗନ୍ନାଥଙ୍କର ବିଭିନ୍ନ ଯାନିଯାତ୍ରା ସମ୍ପର୍କରେ ଯେଉଁ ସବୁ ଉଲ୍ଲେଖ ରହିଛି, ତାହାରି ମଧ୍ୟରେ ଦୋଳଯାତ୍ରାର ବିଶେଷ ଗୁରୁତ୍ୱ ସ୍ୱୀକୃତ ହୋଇଛି। ଦୋଳରେ ଦୋଳ ଗୋବିନ୍ଦ, ଚନ୍ଦନ ଯାତ୍ରାର ଚାପରେ ମଧୁସୂଦନ ଓ ରଥଯାତ୍ରାରେ ରଥ ଉପରେ ବାମନଙ୍କୁ ଦର୍ଶନ କଲେ ଆଉ ପୁନର୍ଜନ୍ମ ହୁଏନାହିଁ ବୋଲି ଆପ୍ତବାକ୍ୟ ଓ ବିଶ୍ୱାସ ରହିଛି । ବୈଷ୍ଣବଧର୍ମର ଅନ୍ୟତମ ପ୍ରସିଦ୍ଧ ରଚନା ଶ୍ରୀଜୟଦେବ ବିରଚିତ ଶ୍ରୀଗୀତଗୋବିନ୍ଦରେ ବସନ୍ତରାସରେ ଏହା ବର୍ଣ୍ଣିତ ହୋଇଛି । ଜଗନ୍ନାଥଙ୍କୁ ବିଭିନ୍ନ ନାମରେ ବିଭିନ୍ନ ମାସରେ ପୂଜା କରାଯାଇଥାଏ । ସେଥି ମଧ୍ୟରୁ ଫାଲଗୁନ ମାସରେ ତାଙ୍କର ନାମ ଗୋବିନ୍ଦ ଏଣୁ ଫାଲଗୁନ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିଟି ଗୋବିନ୍ଦ ଦ୍ୱାଦଶୀ ନାମରେ ସୁପ୍ରସିଦ୍ଧ । ଫଗୁଦଶମୀ ତିଥିରୁ ଫଗୁଖେଳ ଓ ଦୋଳାରେ ଗୋବିନ୍ଦଙ୍କର ଯାତ୍ରା ଓ ଗ୍ରାମ ପରିକ୍ରମା ଆରମ୍ଭ ହେଇଥାଏ । ଦୋଳବେଦୀରେ ମଦନମୋହନ ଓ ଲକ୍ଷ୍ମୀ ବିଜେ କରିଥାନ୍ତି । ଓଡ଼ିଶାର ପ୍ରାୟ ସମସ୍ତ ଗ୍ରାମରେ ବିଶେଷକରି ବ୍ରାହ୍ମଣଶାସନ ମାନଙ୍କରେ ଏହାର ଗୁରୁତ୍ୱ ବିଶେଷ ଭାବରେ ସ୍ୱୀକୃତ।

ବହୁ ପୁରାଣ ଶାସ୍ତ୍ରରେ ନାରାୟଣ, ବିଷ୍ଣୁ, ବାସୁଦେବ, କୃଷ୍ଣଙ୍କର କଥା କୁହାଯାଇଥିଲେ ହେଁ କୃଷ୍ଣଙ୍କ ଜୀବନ ଚରିତ ମୁଖ୍ୟତଃ ମହାଭାରତ ଓ ହରିବଂଶ ପୁରାଣ ଦ୍ୱାରା ଭାରତରେ ଲୋକପ୍ରିୟ। ଏଥି ମଧ୍ୟରୁ ସଂସ୍କୃତରେ ବ୍ୟାସଦେବଙ୍କ ଦ୍ୱାରା ରଚିତ ଓ ଶୁକମୂନିଙ୍କ ଦ୍ୱାରା କଥିତ ଶ୍ରୀମଦ ଭାଗବତର ଲୋକପ୍ରିୟତା ସର୍ବାଧିକ । ଓଡ଼ିଆ ଭାଷାରେ ଅତିବଡ଼ି ଜଗନ୍ନାଥ ଦାସଙ୍କ ଅନୁସୃଜନରେ ଏହା ଓଡ଼ିଶାରେ ଅତ୍ୟନ୍ତ ଆଦୃତ । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଶ୍ରୀମଦ ଭାଗବତରେ ଗୌଣ କିମ୍ବା ଆଦୌ ଲେଖା ନଥିବା ବିଷୟ ଓ ପ୍ରସଙ୍ଗ ମଧ୍ୟ ଲୋକପ୍ରିୟତା ଲାଭ କରିଛି । ତେବେ ଦୋଳ ସହିତ ବିଭିନ୍ନ ପୁରାଣର କାହାଣୀ ସଂଯୁକ୍ତ ହୋଇରହିଛି । ଗୋଟିଏ ପଟେ ରାଧା-କୃଷ୍ଣ ପ୍ରେମ ଗାଥାର ଭବ୍ୟ ଉତ୍ତାଳ ଉତ୍ତରଣ ଓ ଅନ୍ୟ ପକ୍ଷରେ ଅନ୍ୟାନ୍ୟ ପୌରାଣିକ ଆଖ୍ୟାନର ଗୁନ୍ଥନ । ରଙ୍ଗର ରଙ୍ଗୀନ ଖେଳ ଓ ହୋଲିକା ଦହନର ଅଗ୍ନି ଔଜ୍ଜଲ୍ୟ ଏ ଉଭୟ ଦୁଷ୍ଟ ଶକ୍ତି ଉପରେ ଶୁଭଙ୍କର ପ୍ରତୀକର ବିଜୟକୁ ଏହି ପର୍ବ ସହିତ ସମ୍ମିଳିତ କରି ରଖିଛି । ଶ୍ରୀରାଧା - ଶ୍ରୀକୃଷ୍ଣଙ୍କ ପ୍ରେମପ୍ରଣୟର ଲୀଳା, ଦୋଳ ଓ ରଙ୍ଗର ଖେଳ ବ୍ୟତୀତ ଅନ୍ୟ ଯେଉଁ ସବୁ ଆଖ୍ୟାନ ଉପାଖ୍ୟାନ ଏହି ଦୋଳ-ହୋଲି ଯୁଗ୍ମପର୍ବ ଦିବସ ସହିତ ସଂପୃକ୍ତ । ପୁଣି କେତେକଙ୍କ ମତରେ ପ୍ରବଳ ପରାକ୍ରମୀ ରାକ୍ଷସ ମେର୍ଦ୍ଧାସୁରର ମୃତ୍ୟୁର ଭଗବାନ କାରଣ ହୋଇ ପୃଥିବୀରୁ ପାପର ମାତ୍ରା ହ୍ରାସ କରିଥିବା ଯୋଗୁଁ ଏହିପର୍ବ ଆୟୋଜିତ ହୋଇଥିଲା। ଏକ ପୌରାଣିକ କାହାଣୀ ଅନୁସାରେ, ସତୀଙ୍କର ଅକାଳମୃତ୍ୟୁ ପରେ ରୁଦ୍ର ମହାତପସ୍ୱୀ ମହାଦେବ ଶିବ ରୂପରେ ଧ୍ୟାନମଗ୍ନ । ତେଣେ ଦେବଗଣ ତାରକାସୁରର ଅତ୍ୟାଚାରରେ ଭୀତ, ସଂତ୍ରସ୍ତ ଆଉ ଉଚ୍ଚକିତ ଭାବରେ ପ୍ରତୀକ୍ଷାମାଣ- ଏକ ଶୁଭଲଗ୍ନର । ମହାଯୋଗୀ ଶିବଙ୍କର ଧ୍ୟାନ ଭାଙ୍ଗିଲେ ହିଁ ମଦନଙ୍କ ପଞ୍ଚଶରରେ ତାଙ୍କୁ ଆକ୍ରାନ୍ତ କରାଯାଇପାରେ ଏବଂ ଅନିନ୍ଦ୍ୟ ରୂପବତୀ ହିମବନ୍ତ କନ୍ୟା ପାର୍ବତୀଙ୍କ ସହିତ ମହାଦେବ ଶିବ ମିଳିତ ହେଲେ ହିଁ କାର୍ତ୍ତିକେୟଙ୍କର ଜନ୍ମ ସମ୍ଭବ । ଏହି କାର୍ତ୍ତିକେୟ ହିଁ ଦେବଗଣଙ୍କ ସେନାପତି ଭାବରେ ତାରକାସୁରକୁ ନିଧନ କରି ଦେବତାଙ୍କୁ ଅଭୟ ପ୍ରଦାନ କରିବାରେ ଏକମାତ୍ର ସମର୍ଥ । ଗୋଟିଏ ଗୋଟିଏ କରି ପଞ୍ଚବାଣ ନିକ୍ଷେପ କଲେ କାମଦେବତା ମଦନ, ଉନ୍ମୁକ୍ତ ହେଲା ଶିବଙ୍କର ମୁଦ୍ରିତ ଚକ୍ଷୁ । କପାଳରେ ଜଳି ଉଠିଲା ତୃତୀୟ ଚକ୍ଷୁ । ନିମିଷକରେ ଭସ୍ମୀଭୂତ ହେଲେ କାମଦେବତା ମଦନ । ଉଚ୍ଚସ୍ୱରରେ ବିଳାପ କରି ରତିଦେବୀ ଆବିର୍ଭାବ ହେଲେ । ନିଜର ସ୍ୱ-ଦେହ ଜ୍ୱଳନରେ ମଦନ କିନ୍ତୁ ସେଦିନ ଦେବତାଙ୍କ ସୁରକ୍ଷା ପାଇଁ ମହାଦେବଙ୍କ ମାଧ୍ୟମରେ ଏକ ଇପ୍ସିତ ଲକ୍ଷ୍ୟ ସାଧନ କରିଦେଇ ଗଲେ । କେହି କେହି କହନ୍ତି , ହୋଲିର ଦିବ୍ୟ ଦହନ କ୍ରିୟା ଏହି ଅନଙ୍ଗଙ୍କୁ ଅଗ୍ନିରେ ଦାହ କରିବାର ଏକ ପ୍ରତିଛବି। ଅନ୍ୟ ଏକ କିମ୍ବଦନ୍ତୀରୁ ଜଣାଯାଏ ଯେ ନଡ଼ା ଗଦାକରି ତାକୁ ନିଆଁ ଲଗାଇ ଯାହାକୁ ଅଇଘରା ତଥା ଅଗିରା ଦୋଳ ପୂର୍ଣ୍ଣମୀ ରାତିରେ ବା ହୋଲି ଉତ୍ସବରେ ଯେଉଁ ଅଗ୍ନି ଜ୍ୱଳନର ପରମ୍ପରା ଅଛି, ତାହା ଭକ୍ତ ପ୍ରହ୍ଲାଦଙ୍କ ପୌରାଣିକ ଉପାଖ୍ୟାନ ସହିତ ସଂପୃକ୍ତ । ଏହି ଆଖ୍ୟାନଟି ହୋଲିକା ଦହନ ନାମରେ ମଧ୍ୟ ପରିଚିତ । ହୋଲିକା ଏକ ରାକ୍ଷସୀ ଓ ତାହାର ଦହନ ରାଜା ହିରଣ୍ୟକଶିପୁର ନାସ୍ତିକତା ପ୍ରେରିତ ଦୁଷ୍ଟ ଶକ୍ତି ଉପରେ ଭକ୍ତ ଓ ଶିଶୁ ପ୍ରହ୍ଲାଦ ପ୍ରତି ଆଶିର୍ବାଦ ପ୍ରଦାନ କରୁଥିବା ଦୈବୀଶକ୍ତିର ପ୍ରତୀକାତ୍ମକ ବିଜୟ ରୂପେ ଅନୁଷ୍ଠିତ ହୋଇଥାଏ। ପୌରାଣିକ କଥାବସ୍ତୁ ଅନୁଯାୟୀ ହୋଲିକା ଥିଲା ହିରଣ୍ୟକଶିପୁର ଭଉଣୀ, ଯେକି ଶିବଙ୍କଠାରୁ ବର ପ୍ରାପ୍ତ ହେଇଥିଲା ଯେ ସେ ଜଳରେ ବୁଡ଼ିବ ନାହିଁ କି ନିଆଁରେ ପୋଡ଼ିବ ନାହିଁ । ହିରଣ୍ୟକଶିପୁକୁ ଭଗବାନ ବିଷ୍ଣୁଙ୍କ ମାୟାରେ ଶିକ୍ଷା ଦେବାପାଇଁ ହୋଲିକା ରାକ୍ଷସୀକୁ ପୁତ୍ର ପ୍ରହ୍ଲାଦ ସହିତ ଅଗ୍ନିରେ ପ୍ରବିଷ୍ଟ କରାଇଥିଲା, ସେଥିରେ ଶିଶୁ ପୁତ୍ରଟି ରକ୍ଷା ପାଇଯାଇଥିବା ବେଳେ ହୋଲିକା ଭସ୍ମୀଭୂତ ହୋଇଥିଲା ।

ଆଉ କେତେକ ଅଞ୍ଚଳରେ ମଥୁରାରୁ ପ୍ରେରିତ ଛଦ୍ମ ଖଳନାୟିକା ପୁତନାର ଗୋପପୁର ପ୍ରବେଶ ଓ ସ୍ତନ୍ୟପାନ କରାଇ କୃଷ୍ଣ ଉଦ୍ୟମର କାହାଣୀକୁ ହୋଲି ଉତ୍ସବ ସହିତ ଯୋଡାଯାଇଥାଏ । ପୁତନା ରାକ୍ଷସୀର ଅନ୍ତ ଓ ତାହାର ଅନ୍ତ୍ୟେଷ୍ଟିକୁ ଏହି ଅଗ୍ନି ପ୍ରଜ୍ୱଳନ ସହିତ କେତେକ ସଂପୃକ୍ତ କରିଥାନ୍ତି। ଯେତେବେଳେ ଅସୁରରାଜା କଂସ ଶୂନ୍ୟବାଣୀ ଶୁଣିବାକୁ ପାଇଥିଲା ଯେ ତା’ର ପ୍ରକୃତ ହତ୍ୟାକାରୀ ଗୋପରେ ବଢୁଛି, ସେ ଚାହିଁଥିଲା ଗୋପପୁରର ସମସ୍ତ ଶିଶୁଙ୍କୁ କଳେବଳେ କୌଶଳେ ହତ୍ୟା କରିବ ବୋଲି । ସେଥିପାଇଁ ରାକ୍ଷସୀ ପୁତନା ପ୍ରେରିତ ହୋଇଥିଲା ଗୋପପୁରକୁ ନିଜ ସ୍ତନରେ ହଳାହଳ ବିଷ ପୂର୍ଣ୍ଣକରି କ୍ଷୀର ରୂପେ ପାନ କରାଇ ସମସ୍ତ ଗୋପାଳ ଶିଶୁଙ୍କ ଜୀବନ ହରଣ କରିବା ପାଇଁ । କୃଷ୍ଣ ପୁତନାର ସ୍ତନ୍ୟପାନ କରିବାର ଛଳନା କରି ଛଳନାମୟୀ ସୁନ୍ଦରୀର ପଞ୍ଚପ୍ରାଣ ଶୋଷଣ କରିଥିଲେ । ଦିବ୍ୟ ସୁନ୍ଦରୀ ରୂପ ଧାରଣ କରିଥିବା ପୁତନା ତା’ର ଅସଲ ରୂପ ପ୍ରକାଶ କରି ମୃତ୍ୟୁବରଣ କରିଥିଲା । ଶ୍ରୀକୃଷ୍ଣ ସନ୍ଥମାନଙ୍କୁ ପାଳନ କରିବା ପାଇଁ ଦୁଷ୍ଟ ନିବାରଣ କରିଥିବା ଯୋଗୁଁ ହୋଲି ବା ଦୋଳଉତ୍ସବ ପାଳିତ ହୁଏ ବୋଲି ଅନେକ ମତବ୍ୟକ୍ତ କରନ୍ତି । ତେବେ ଶ୍ରୀମଦ ଭାଗବତର ଗୋପଲୀଳାର ଅନ୍ୟ କେତେକ କଂସ ପ୍ରେରିତ ଅସୁର, ଅସୁରିଣୀଙ୍କ ନିଧନ ସହିତ ମଧ୍ୟ ଏହି ଦୋଳଉତ୍ସବକୁ ସଂପୃକ୍ତ କରାଯାଇଥାଏ। କିନ୍ତୁ ଗୋପଲୀଳାର ସର୍ବୋତ୍କୃଷ୍ଟ ଆଖ୍ୟାନ ରାଧାକୃଷ୍ଣ ଯୁଗଳ ମିଳନର ଏକ ସର୍ବଶ୍ରେଷ୍ଠ ଦୃଶ୍ୟ ଦୋଳିରେ ରାଧାକୃଷ୍ଣ ବା ଝୁଲଣରେ ଯୁଗଳ ମୂର୍ତ୍ତି ଏହି ପର୍ବର ପ୍ରଧାନ କଥା ବୋଲି କୁହାଯାଏ।

# ରଙ୍ଗର ପର୍ବ ‘ହୋଲି’



ବିଶ୍ୱବିଜୟୀ ଦାଶ
ସମ୍ପାଦକ, ବ୍ରଜବିଳାସ ଇ-ପତ୍ରିକା
ବାଣପୁର, ଖୋର୍ଦ୍ଧା
ପିନ୍ ନଂ - ୭୫୨୦୩୫
ମୋ ନଂ- ୬୩୭୦୨୦୮୪୨୮

ପ୍ରାଚୀନ କାଳରୁ ଓଡ଼ିଶା କଳା , ସାହିତ୍ୟ , ସଂସ୍କୃତି , ବୀରତ୍ୱ , ସାହସିକତା ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ଭାରତବର୍ଷରେ ନିଜର ସ୍ୱାତନ୍ତ୍ର୍ୟ ପ୍ରଦର୍ଶନ କରି ଆସିଛି । ଏହି ସ୍ୱାତନ୍ତ୍ର୍ୟ ମଧ୍ୟ ତା’ର ପରିଲକ୍ଷିତ ହୁଏ, ପର୍ବପର୍ବାଣି ପାଳନ କ୍ଷେତ୍ରରେ। ପର୍ବପର୍ବାଣିକୁ ବାଦ ଦେଲେ ଓଡ଼ିଶାର ସାମାଜିକ, ସାଂସ୍କୃତିକ, ଆଧ୍ୟାତ୍ମିକ ତଥା ପାରମ୍ପରିକତାର ବୈଭବକୁ କଳ୍ପନା କରିବା ଅସମ୍ଭବ। ପର୍ବପର୍ବାଣି ଭିତରେ ଏକ ଜାତିର ଜାତୀୟ ଜୀବନ ପ୍ରତିବିମ୍ବିତ। ସୁତରାଂ ଚିନ୍ତାଶୀଳ, ଅଭିଜ୍ଞ, ସମାଜହିତୈଷୀ ମନୀଷୀବୃନ୍ଦ ଅତୀତରେ ସୁସ୍ଥ , ସଂହତ ସମାଜର ସ୍ୱପ୍ନକୁ ସାକାର କରିବାପାଇଁ ବୋଧହୁଏ ସୃଷ୍ଟି କରିଥିଲେ ଅଗଣିତ ପର୍ବପର୍ବାଣି । ଏଇଥିପାଇଁ ପର୍ବପର୍ବାଣିର ରାଜ୍ୟ ଓଡ଼ିଶା । ଲୋକଙ୍କ ତୁଣ୍ଡରୁ ଶୁଣାଯାଏ,‘ବାର ମାସରେ ତେର ପର୍ବ,’।

ଓଡ଼ିଶା ତଥା ଭାରତ ବର୍ଷର ଗୁରୁତ୍ୱପୂର୍ଣ୍ଣ ପର୍ବ ହେଉଛି ହୋଲି। ଏହା ଆନନ୍ଦ ଓ ରଙ୍ଗର ପର୍ବ ଭାବେ ବେଶ୍ ଜଣାଶୁଣା। ଚୈତ୍ର ମାସ ପ୍ରତିପଦା ଏବଂ ଫାଲଗୁନ୍ ମାସ ପୂର୍ଣ୍ଣିମା ‘ଦୋଳ ପୂର୍ଣ୍ଣିମା’ ପରଦିନ ହୋଲି ପର୍ବ ପାଳନ କରାଯାଇଥାଏ। ଏହି ପର୍ବରେ ଜନସାଧାରଣ ପ୍ରଭୁ ରାଧା ଦାମୋଦରଙ୍କୁ ସୁସଜ୍ଜିତ ବିମାନରେ ବସାଇ ନଗର ଭ୍ରମଣ କରାଇଥାନ୍ତି। ଏହି ଅବସରରେ ଠାକୁରଙ୍କ ଅବିର ଖେଳ ମଧ୍ୟ ହୋଇଥାଏ। ହୋଲି ପର୍ବକୁ ସବୁଠି ଆଡ଼ମ୍ବର ସହକାରେ ପାଳନ କରାଯାଇଥାଏ। ପରସ୍ପରକୁ ରଙ୍ଗ ଲଗାଇ ହୋଲି ଉତ୍ସବ ପାଳିଥାନ୍ତି ଜନସାଧାରଣ। ହିନ୍ଦୁ ଧର୍ମ ବିଶ୍ୱାସ କରେ ଯେ ହିରଣ୍ୟକାଶ୍ୟପ ନାମକ ଜଣେ ଶୟତାନ ରାଜା ଥିଲେ। ତାଙ୍କର ପ୍ରହ୍ଲାଦ ନାମକ ଏକ ପୁଅ ଏବଂ ହୋଲିକା ନାମକ ଏକ ଭଉଣୀ ଥିଲେ। ବିଶ୍ୱାସ କରାଯାଏ ଯେ, ଶୟତାନ ରାଜା ଭଗବାନ ବ୍ରହ୍ମାଙ୍କ ଆଶୀର୍ବାଦ ପାଇଥିଲେ। ଏହି ଆଶୀର୍ବାଦର ଅର୍ଥ କୌଣସି ମନୁଷ୍ୟ, ପଶୁ କିମ୍ବା ଅସ୍ତ୍ର ତାଙ୍କୁ ହତ୍ୟା କରିପାରିବ ନାହିଁ। ଏହି ଆଶୀର୍ବାଦ ତାଙ୍କ ପାଇଁ ଅଭିଶାପରେ ପରିଣତ ହେଲା କାରଣ ସେ ବହୁତ ଅହଂକାରୀ ଥିଲେ। ସେ ନିଜ ରାଜ୍ୟକୁ ପରମେଶ୍ୱରଙ୍କ ପରିବର୍ତ୍ତେ ଉପାସନା କରିବାକୁ ଆଦେଶ ଦେଲେ, ନିଜ ପୁତ୍ରକୁ ରକ୍ଷା କଲେ ନାହିଁ। ଏହାପରେ ତାଙ୍କ ପୁତ୍ର ପ୍ରହ୍ଲାଦଙ୍କ ବ୍ୟତୀତ ସମସ୍ତ ଲୋକ ତାଙ୍କୁ ପୂଜା କରିବା ଆରମ୍ଭ କଲେ। ପ୍ରଭୁ ବିଷ୍ଣୁଙ୍କର ପ୍ରକୃତ ବିଶ୍ୱାସୀ ହୋଇଥିବାରୁ ଭଗବାନଙ୍କ ବଦଳରେ ତାଙ୍କ ପିତାଙ୍କୁ ପୂଜା କରିବାକୁ ମନାକରି ଦେଇଥିଲେ। ତାଙ୍କର ଅବମାନନା ଦେଖି ଶୟତାନ ରାଜା ନିଜ ଭଉଣୀ ସହିତ ପ୍ରହ୍ଲାଦଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ସେ ତାଙ୍କୁ ପୁଅ ସହିତ କୋଳରେ ନିଆଁରେ ବସାଇଲା, ଯେଉଁଠାରେ ହୋଲିକା ଜଳି ଯାଇଥିଲେ ଏବଂ ପ୍ରହ୍ଲାଦ ନିରାପଦରେ ବାହାରକୁ ଆସିଥିଲେ। ଏହା ସୂଚାଇ ଦେଇଛି ଯେ, ତାଙ୍କର ଭକ୍ତି ହେତୁ ସେ ତାଙ୍କ ପ୍ରଭୁଙ୍କ ଦ୍ୱାରା ସୁରକ୍ଷିତ ଥିଲେ। ଏହିପରି, ଲୋକମାନେ ହୋଲିକୁ ମନ୍ଦ ଉପରେ ଭଲର ବିଜୟ ଭାବରେ ପାଳନ କରିବା ଆରମ୍ଭ କଲେ।

ଭାରତବର୍ଷର ଜନସାଧାରଣ ହୋଲି ପର୍ବକୁ ଅତି ଉତ୍ସାହର ସହିତ ପାଳନ କରନ୍ତି। ପରସ୍ପରକୁ ଫଗୁ ଓ ଅବିର ଲଗାଇ ଖୁସି ମନାନ୍ତି, ପିଲାମାନେ ପିଚ୍‌କାରି ମାରି ହୋଲି ପର୍ବ ପାଳନ କରନ୍ତି। ଉତ୍ତର ଭାରତରେ ହୋଲିର ଗୋଟିଏ ଦିନ ପୂର୍ବରୁ ଜନସାଧାରଣ ‘ହୋଲିକା ଦାହାନ୍’ ନାମକ ଏକ ରୀତିନୀତି କରନ୍ତି।

ହୋଲି ପାଳନ ମଧ୍ୟରେ ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ରସାୟନିକ ରଙ୍ଗ ନୁହେଁ ପ୍ରାକୃତିକ ରଙ୍ଗ ବା ହର୍ବାଲ ହୋଲିରେ ରଙ୍ଗ ଖେଳିବା ଜରୁରୀ। ଏଥିସହ କେତେକ ସାବଧାନତା ମଧ୍ୟ ଜରୁରୀ । ହୋଲି ଖେଳିବା ପୂର୍ବରୁ ଶରୀରରେ ନଡ଼ିଆ କିମ୍ବା ସୋରିଷ ତେଲ ଲଗାଇବା ଆବଶ୍ୟକ। ଶୁଷ୍କ ଶରୀର ରସାୟନିକ ରଙ୍ଗ ଉପରେ ଖରାପ ପ୍ରଭାବ ପକାଉଥିବାରୁ ତୈଳାକ୍ତ ତ୍ୱଚା ଉପରେ ପ୍ରଭାବ ପକାଇବାରେ ବିଳମ୍ବ ଘଟିଥାଏ। ସନସ୍କ୍ରିନ ଲୋସନ ଲଗାନ୍ତୁ। ଖରାରେ ହୋଲି ଖେଳା ଯାଇଥିବାକୁ ଏହା ସିଧାସଳଖ ଅଲଟ୍ରା ଭାଓଲେଟ ରଶ୍ମୀର ପ୍ରଭାବକୁ କମ କରିଥାଏ। ହୋଲି ଖେଳିବା ସମୟରେ ଚଷମା ନିଶ୍ଚୟ ପିନ୍ଧନ୍ତୁ। ଆଖି ଶରୀରର ସବୁଠାରୁ ସମ୍ବେଦନଶୀଳ ଅଙ୍ଗ। ରଙ୍ଗ ପଡ଼ି ଆଖି ଜଳାପୋଡ଼ା, ଲାଲ୍ ହେବା, ଇନଫେକ୍ସନରୁ ଏହାକୁ ସୁରକ୍ଷା ଦିଅନ୍ତୁ। ହୋଲି ଖେଳିସାରିବା ପରେ ଆଖିକୁ ଥଣ୍ଡା ପାଣିରେ ଧୋଇଦିଅନ୍ତୁ। ଆଖିରେ କୌଣସି ଅସୁବିଧା ହେଲେ ତୁରନ୍ତ ଚକ୍ଷୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ। ଶରୀରରେ କୌଣସି ଆଘାତ ଲାଗିଥିଲେ, ରଙ୍ଗରୁ ତାକୁ ଯଥାସମ୍ଭବ ସୁରକ୍ଷା ଦିଅନ୍ତୁ। ଘା’କୁ ଘୋଡ଼େଇ ରଖନ୍ତୁ। ହୋଲି ଖେଳି ସାରି ପୋଷାକ ବଦଳାଇଦିଅନ୍ତୁ। ଦୀର୍ଘ ସମୟ ଧରି ଓଦା ପୋଷାକ ପିନ୍ଧନ୍ତୁ ନାହିଁ।

ହୋଲି ପର୍ବ ପ୍ରେମ ଓ ଭାଇଚାରା ବିସ୍ତାର କରେ। ଏହା ଦେଶରେ ସମନ୍ୱୟ ଓ ସୁଖ ଆଣିଥାଏ। ଭାରତର ଜନସାଧାରଣ ଏହି ଦିନ ଅତ୍ୟନ୍ତ ଆନନ୍ଦର ସହ ଏହି ପର୍ବ ପାଳନ କରନ୍ତି। ହୋଲି ପର୍ବ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଆମଘର

ନୃସିଂହ ଚରଣ ବେହେରା

ଅବସର ନେଲା ପରେ ପରିବାର ସହିତ ଗାଁରେ ରହୁଛନ୍ତି ଅରୁଣ ମହାନ୍ତି । ପରିବାରରେ ତାଙ୍କ ପତ୍ନୀ କିରଣବାଳା, ପୁଅ, ବୋହୂ ଏବଂ ନାତି ନାତୁଣୀ ଦୁଇଜଣ । ପୁଅଟି ଗାଁଠାରୁ ପନ୍ଦର କିଲୋମିଟର ଦୂର ଗାଁରେ ସରକାରୀ ହାଇସ୍କୁଲରେ ଶିକ୍ଷକ ଏବଂ ପ୍ରତିଦିନ ସ୍କୁଟରରେ ସ୍କୁଲ୍‌କୁ ଯିବା ଆସିବା କରେ । ବୋହୂଟି ହେଉଛି ଗୃହିଣୀ । ଘରର ସବୁକାମ ସେ କରେ । ଅରୁଣ ମହାନ୍ତି ଅତି ଉଦାର ପ୍ରକୃତିର ଲୋକ । ଦାନ ଧର୍ମ ମଧ୍ୟ ସେ କରନ୍ତି । ତାଙ୍କ ଧର୍ମ ପତ୍ନୀ କିନ୍ତୁ ତାଙ୍କର ବିପରୀତ ଭାରି ଲୋଭୀ, ଦେହର ମଳିଟିକିଏବି କାହାକୁ ଦିଅନ୍ତି ନାହିଁ । ମାତ୍ର ତାଙ୍କ ବୋହୂ ପ୍ରିୟମ୍ବଦା ଶଶୁରଙ୍କ ପରିକି ଦୟାଳୁ ଆଉ ପରୋପକାରୀ । ଦୁଃଖୀରଙ୍କୀଙ୍କୁ ଦେଖି ଯଥାସାଧ୍ୟ ସାହାଯ୍ୟ କରେ ସେ, ଯାହା ଯାଏନା ତା'ଶାଶୁଙ୍କ ଦେହରେ । ସେଥିପାଇଁ ଅଧିକାଂଶ ସମୟରେ କିରଣବାଳା ବୋହୂ ଉପରେ ରାଗି ଏଣୁତେଣୁ କଥାମାନ କୁହନ୍ତି । ବୋହୂ କିନ୍ତୁ ସେସବୁ କଥାକୁ ମନରେ ଧରେନା । କି ପାଲଟା ଜବାବ ତାଙ୍କୁ ଦିଏନା । ଏମିତି କଥା-କଥାରେ ଧୀରେସୁସ୍ଥେ ଚାଲିଥାଏ ଅରୁଣ ମହାନ୍ତିଙ୍କ ସଂସାର ।

ଶୀତଦିନ । ଶୀତରେ ଥରି ଥରି ଭିକାରିଟିଏ ଆସି ଅରୁଣବାବୁଙ୍କ ଘର ଆଗରେ ଡାକ ପକେଇଲା,'ମା..ଦୁଇ ଦିନ ହେଲା କିଛି ଖାଇନି । ଭୋକରେ ପେଟ ଆଉଟୁ ପାଉଟୁ ହେଉଛି । ଦେହେ ଚାଲିବାକୁ ବି ଦେହରେ ବଳ ନାହିଁ । କ'ଣ ଦିଇଟା ଖାଇବାକୁ ଦିଅନ୍ତୁ । ବୋହୂଟି ଲୋକଟିକୁ ଦେଖି ବାହାରବାରଣ୍ଡାରେ ବସେଇଲା । ରୁଟିତରକାରୀ ଆଣି ପେଟପୁରା ଖାଇବାକୁ ଦେଲା ସେ ଲୋକକୁ । ଖାଇସାରିଲା ପରେ ସେ ଲୋକ ହାତକୁ ଶହେଟଙ୍କା ବଢେଇ ଦେଇ କହିଲା, 'ମଉସା..ଏ ଶହେଟଙ୍କା ରଖ । ଖଣ୍ଡେ ଚାଦର କିଣି ଘୋଡେଇ ହେବ' । ଭିକାରୀଟି ଖୁସିରେ ବୋହୂକୁ କଲ୍ୟାଣ କରି ଚାଲିଗଲା ସେଠାରୁ । ଏସବୁକୁ କିନ୍ତୁ ଚୁପଚାପ୍ ଦେଖୁଥିଲେ କିରଣବାଳା । ରାଗରେ ଜଳି ଯାଉଥିଲା ତାଙ୍କର ସର୍ବାଙ୍ଗ ଶରୀର । ଦୁମ୍‌ଦୁମ୍ ହୋଇ ସେ ବାହାରକୁ ବାହାରି ଆସି କହିଲେ, 'ହଇଲୋ..ପାଠଶାଠ ଦି ଅକ୍ଷର ପଢ଼ିଛୁ ବୋଲି କ'ଣ ମନ ଇଚ୍ଛା କାରବାର କରୁଛୁ ! ତୁ କ'ଣ ଭାବିଲୁ ଏଇଟା ତୋ ବାପଘର' ? ଶାଶୁଙ୍କ କଥା ଶୁଣିବୋହୂକହିଲା, କି କଥା କହୁଛନ୍ତି ମା ! ମୁଁ ଭଲ ଭାବରେ ଜାଣିଛି ଏଇଟା ମୋ ବାପଘର ନୁହେଁ ବରଂ ମୋ ଶାଶୁଘର । ଆଚ୍ଛା ! ମା'ତୁମେ କୁହତ ଏଇଟା କ'ଣ ତୁମ ବାପଘର ହେଉଛି ଯେ ତୁମେ ମୋତେ ସବୁବେଳେ କଟୁ କଥା କହୁଛ ଅଥବା ନୀତିବାକ୍ୟ ଶୁଣେଉଛ ?

ଆରେ ହେଃ..ଦେଖ..ଏ ମଉନ ମୁହିଁ ଆଗରୁକିଛି କହୁନଥିଲା । ହେଲେ ଏବେ କ'ଣ ବଳିବଳି କଥା କହିଲାଣି ? ମୋତେ ଭଲରେ ଚିହ୍ନିନି ବୋଧେ ? ରାଗରେ ମୁହଁ ଫଣ ଫଣ କରି କହିଲେ କିରଣବାଳା ।

ଶାଶୁଙ୍କ କଥା ଶୁଣି ବୋହୂ କହିଲା, ମା' ଆପଣ ଜମାରୁ ରାଗନ୍ତୁନି । ରାଗିଲେ ପୁଣି ବ୍ଲଡ଼ପ୍ରେସର ବଢ଼ିଯିବ ଯେ ! ମୁଁ ସେମିତି ପଚାରି ଦେଲିନା । ଶୁଣମା' ଜଣେ ଅସହାୟଲୋକକୁ ସାହାଯ୍ୟ କରିଦେଲେ ଦୁନିଆ ବଦଳି ନଥାଏ, ବରଂ ଏଇ ଟିକିଏ ଛୋଟଛୋଟ ସାହାଯ୍ୟରେ ସେହି ଅସହାୟ ଲୋକର ଦୁନିଆ କିନ୍ତୁ ନିଶ୍ଚୟ ବଦଳିଯାଏ । କିରଣବାଳାଙ୍କ ସମଗ୍ର ଶରୀର ଜଳି ଗଲା କ୍ରୋଧରେ । କହିଲେ,'ହଇଲୋ !..ତୋର ତ ବହୁତ ସାହସ ହେଲାଣି ଦେଖୁଛି ! ତୁ କ'ଣ ଏତେ ବଡ ହେଇଗଲୁଣି ଯା'ଭିତରେ ଯେ ମୋତେ ନୀତିବାଣୀ ଶୁଣେଉଛୁ' ?

ଦୁଆର ମୁହଁରେ ଚୁପ୍‌ଚାପ୍ ଛିଡାହୋଇ ଶାଶୁବୋହୂଙ୍କ କଥାକୁ ଶୁଣୁଥିଲେ ଅରୁଣବାବୁ । ଘର ଭିତରକୁ ପଶି ଆସି ସେ କହିଲେ, 'ହଃ..ହଃ..ସେଦିନରେ ବଦଳର ତୁମ ଦୁହିଁଙ୍କର କଥାକାଟି । ସକାଳୁସକାଳୁ ଏ ଘରେ କ'ଣ ମୋର ତୋର ଚଳେଇଛ ଶୁଣେ ? ପ୍ରକୃତ କଥା ହେଲା ଏ ଘର ତୁମ ଦୁହିଁଙ୍କର ବାପଘର ନୁହେଁ, ଏଇଟା ହେଉଛି ମୋ ବାପାଙ୍କ ଘର । ଯେମିତି ବିଭିନ୍ନ ନଦୀ ଭିନ୍ନଭିନ୍ନ ସ୍ଥାନରୁ ବୋହିଯାଇ ପାରାବାରରେ ମିଶି ହେଉଥିବି ନିଜ ନିଜ ସତ୍ତାକୁ ସେମିତି ତୁମେ ମାନେ ମଧ୍ୟ ଅଲଗା ଅଲଗା ପରିବାର, ଗୋତ୍ରରୁ ଆସି ଏ ପରିବାରରେ ମିଶି ହେଉଛନ୍ତି ତୁମର ପୂର୍ବ ପରିଚୟକୁ । ତୁମେ ଏବେ ହେଉଛ ଏଇ ପରିବାରର ଆଉ ଏଇ ପରିବାର ହେଉଛି ଏବେ ତୁମର ପରିଚୟ । ତେଣୁ ଅୟଥାରେ ଯୁକ୍ତିତର୍କ କରି କିଛି ଲାଭ ନାହିଁ ।

ବୋହୂ ଯାହା କହିଛି ଠିକ୍ କହିଛି । ଗୋଟିଏ କଥା ମନେ ରଖ..ମନର କଥା ଯଦି ସମସ୍ତେ ବୁଝି ଯାଉଥାନ୍ତେ ତେବେ ଏଇ ସଂସାରରେ କାହାର କାଣିଚାଏ ବି ଦୁଃଖ ନଥାନ୍ତା ।

ହଁ..ଏଇ ଘର ମୋ ବାପା ତୋଳାଇ ଥିଲେ । ବାପା ମା'ତ କେବେଠୁ ଆର ପାରିକି ଗଲେଣି । ଏବେ ଆମେ ଏ ଘରେ ବାସ କରୁଛେ । ତେଣୁ ଏହା ହେଉଛି ଆମ ଘର ।



ପ୍ଲଟ ନମ୍ବର-୨୧୭/ପି,
ବାୟାବାବା ମଠଲେନ୍,
ୟୁନିଟ୍-୯(ଫ୍ଲାଟ), ଭୁବନେଶ୍ୱର-୨୨
ଫୋନ୍-୯୦୯୦୪୫୯୭୪୫

# କଲ୍ୟାଣୀ

ସୁନନ୍ଦା ମହାନ୍ତି

ସାବିତ୍ରୀ ଖୁବ ଡେରିରେ କାମକୁ ଆସିବା ଦେଖି ସିପ୍ରା କିଛି ନକହିଲେ ମଧ୍ୟ ସାବିତ୍ରୀର ବାହୁନା ଶୁଣି ତଟସ୍ଥ ହୋଇଗଲେ। କିଛି ବୁଝି ପାରିଲେନି କଥାଟା। ପାଠ ପଢ଼ିନଥିବା ସାବିତ୍ରୀକୁ ପାଠ ପଢ଼େଇ, ଅକ୍ଷର ବର୍ଣ୍ଣମାଳା ଶିଖେଇ, ଏବେ ସେ ଲେଖି ପଢ଼ି ପାରୁଛି। ଫୌଜିରେ ତା ପୁଅ ଭର୍ତ୍ତି ହେବା ପରେ ତା ପାଖକୁ ଚିଠି ଲେଖିପାରୁଛି। ପୁଣି ମାଆ ଦୁର୍ଗାଙ୍କ ମଣ୍ଡପରେ ନିଜ ଦୁଃଖ ଲେଖି ନବରାତ୍ରୀ ପୂର୍ବରୁ ବାକ୍ସରେ ପକାଇବାକୁ ସିପ୍ରା ନେଇଯାଇଥିଲେ ସାବିତ୍ରୀକୁ। ନବରାତ୍ରୀ ଦିନ ସେହି ସବୁ ଲେଖା ପଢ଼ିବାକୁ ଦାନବୀରମାନେ ଅନେଇ ଥାଆନ୍ତି। ଗୁଳା ଯାହା ହାବୁଡ଼ରେ ଯାହା ପଡିଲା, ଲେଖା ଥିବା ଫୋନ ନମ୍ବରରେ ସେହି ଦାନବୀର ସକ୍ଷମତା ଅନୁଯାଇ ଅର୍ଥ ସାହାଯ୍ୟ କରିଥାନ୍ତି। ତେବେ ସାବିତ୍ରୀର ଅର୍ଥ ସବୁକୁ ତା ମଦ୍ୟପ ସ୍ୱାମୀ ଉଡାଇ ଦେଲାକି ? ନହେଲେ ଏମିତି ବାହୁନା ପକାଇବାର କାରଣ କଣ ? ଆସ୍ତେ ବୁଝେଇଲେ ସିପ୍ରା, କାନ୍ଦେନା ସାବିତ୍ରୀ। ମାଆ ଦୁର୍ଗାଙ୍କ ପୂଜା ଚାଲିଛି। କାନ୍ଦିଲେ ନିଜର ଅମଙ୍ଗଳ ହେବ। ତୁନି ହ। ତୁନି କଣ ହେବି ହେ ମାଆ ମୋ ପୁଅତ ଆଜି ଶହୀଦ ହୋଇ ତ୍ରିରଙ୍ଗା ଭିତରେ ବନ୍ଦେ ମାତରଂ ଧ୍ୱନିରେ ଯାଆନ୍ତାଣି। ଚୁପ କର ସାବିତ୍ରୀ। ତୋ ପୁଅ ପରା ଆସିଛି ଘରକୁ ବରଷକେ ଥରେ ଦୁର୍ଗା ପୂଜାରେ। ମାଆ ଦୁର୍ଗା ତାକୁ ଆୟୁଷ, ଆଶିଷ ଓ ନିରୋଗ ରଖିଥାଆନ୍ତୁ। ତୁମେ ଏତେ ଆଶୀର୍ବାଦ ଦେଉଛ ମାଆ ହେଲେ ତୁମରି ପୁଅ ଗାଡି ଚକ ତଳେ ଆଜି ମୋ ପୁଅ ଜୀବନ ଯାଇଥାନ୍ତା ହେ ମାଆ। ଏଁ କଣ କହିଲୁ, ମୋ ପୁଅ ଗାଡି ତଳେ ! ମାଆ ତମେ ଭଲ ଲୋକ ବୋଲି ମୁଁ କିଛି କହୁନି ସତ ହେଲେ ମୁଁ କଣ ଦେଖୁନି ? କଣ ଦେଖୁଛୁ ତୁ ! ଏଇ ବାବୁଙ୍କ କଥା। ମଦ ପିଇ ଶୋଇ ରହିଥାଆନ୍ତି ଦିନ ଦଶଟା ଯାଏଁ। ପୁଣି ତୁମ ଦେହ ଖରାପ ହେଲେ, ତୁମ ପାଇଁ ଔଷଧ ପତ୍ର ନ କହିଲେ ଆଣନ୍ତିନି ପରା। ମଦ ନିଶାରେ ମଣିଷକୁ କୋଉ ଶୁଭିବ ନା ସେ ବୁଝିବ। ଆଉ ତାଙ୍କରି ପୁଅ ଫଉଜରେ ବଡ଼ ଚାକିରୀ ପାଇ ବଡ଼ ଅଫିସର ହେଇଛନ୍ତି ଯେତେବେଳେ, ସେ ତ ନିଶ୍ଚୟ ପିଉଥିବେ। ମୋରି ପୁଅକୁ ଗାଡି ଚଢେଇ ଦେବାର ଥିଲା ତାଙ୍କର ଆଜି ନବମୀ ଦିନରେ ! ହଉ ଭଗବାନ ବୁଝିବେ।

ସାବିତ୍ରୀର ଶେଷ କେଇପଦ କଥା ଯେତିକି ଦୁର୍ଭେଦ୍ୟ ସେତିକି ଅସହଣୀ ଥିଲା। ଦୁଇବର୍ଷ ହେଲାଣି ତାଙ୍କ ଘରେ କାମ କରେ ସାବିତ୍ରୀ। ନିଜଠାରୁ ଭିନ୍ନ ବୋଲି କେବେ ଭାବନ୍ତିନି ତାକୁ ସିପ୍ରା। ଅନ୍ୟ ମାନେ ତାକୁ ଛୁଁ ନଥିବା, ଅନ୍ୟ ବାସନରେ ଖାଇବାକୁ ଦେବା, ସେ ଥରେ ମାଜି ସାରି ବାସନ ଉଗୁଡେଇ ସାରିବା ପରେ ଆଉଥରେ ଧୋଇବା କେବେ କରନ୍ତିନି ସିପ୍ରା। ବରଂ ସାବିତ୍ରୀ ନିଜେ ଫ୍ରିଜ ଖୋଲେ, ଆକ୍ୱାଗାର୍ଡରୁ ପାଣି ପିଏ। କେତେଥର ପାଣି ପିଇ ଗ୍ଲାସ ନମାଜି ଚାଲିଯାଏ ତ ସେ ନିଜେ ଆଉଥରେ ମାଜିନିଅନ୍ତି ଭିମ ପାଉଡର ଲଗାଇ। ପୁଣି ପାଠ ପଢ଼ାନ୍ତି, ଔଷଧ ଆଣିଦିଅନ୍ତି। ଏତେ ସବୁ କରିବାର ଫଳ ଆଜି ସେ ଦେଲା ତାଙ୍କ ସ୍ୱାମୀଙ୍କ ଚରିତ୍ର ସହ ପୁଅର ଚରିତ୍ର ସଂହାର କରି ଯେ ବାପ ପୁଅ ମଦୁଆ। ସକାଳ ଭୋର ଚାରିଟାରୁ ଉଠି ବଗିଚାରେ ଦୁଇ ଚାରି ଘଣ୍ଟା କାମ କରି ଫେରିବା ପରେ ସ୍ୱାମୀ ଜଳଖିଆ ଖାଇ ରେଷ୍ଟ ନେବା ଭିତରେ ସାବିତ୍ରୀ ଆସେ। ବାସନ ମଜା ମଜ୍ଜି ପରେ ଘର ଓଳେଇଲା ବେଳେ ସୀତାଂଶୁ ଶୋଇଥିବାର ଦେଖି ଭାବିଛି ସେ ମଦ ଖାଇ ଶୋଇଛନ୍ତି ଏଯାଏଁ। ସେ ଜାଣିନି ସକାଳ ଚାରିଟାରୁ ଛଅଟା ଯାଏଁ ବଗିଚା କାମ କରି ଫେରି ବିଶ୍ରାମ ପରେ ସେ ଚାଲିଯାଆନ୍ତି ଅଫିସ। ହଉ ସୀତାଂଶୁଙ୍କୁ ଯାହା ଭାବିଲା ଭାବିଲା, ତାଙ୍କ ପୁଅକୁ ବି ମଦୁଆ କହିଲା ? ସତରେ କଣ ଭବାନୀ ମଦ ପିଇ ଆଜି ଗାଡି ଚଢେଇ ଦେଇଥାଆନ୍ତା ସାବିତ୍ରୀ ପୁଅ ଘନିଆ ଉପରେ ? ଆସୁ ଆଜି ତାର ଦିନେକୁ ସିପ୍ରାଙ୍କର ଦିନେ। କିନ୍ତୁ ଏ କଣ ! ପୁଅ ସଙ୍ଗେ କେତେ ଲୋକ ତାଙ୍କ ଘରେ, ସମସ୍ତଙ୍କ ମୁହଁରେ ଗୋଟିଏ କଥା ଘନିଆ ସକାଳୁ ତାଡି ପିଏ। ସେ ବାଟର ନିୟମ ନଜାଣି ତୁମ୍ଭ ଗାଡି ସାମ୍ନାକୁ ଆସିଗଲା। ତୁମର କିଛି ଦୋଷ ନାହିଁ ଆମେ ଆଖିରେ ଦେଖିଛୁ। ସେ ଥାନାକୁ ଯିବ ତ ଯାଉ। କିଛି ତ ହେଇନି ତାର ପୁଣି ତା ପାଟିରୁ ଦୁର୍ଗନ୍ଧ ବାହାରୁଛି। ତୁମେ ନେଇ ତାକୁ ସୈନ୍ୟ ବିଭାଗରେ ଭର୍ତ୍ତି କରିଦେଲ ତ ମୁହଁ ବଢ଼ିଯିବାରୁ, ଭସ୍ମାସୁର ପରି ନିଜ ହର୍ତ୍ତା କର୍ତ୍ତା ଦଇବ ବିଧାତାଙ୍କ ଉପରେ ଦାଉ ସାଧୁଛି। ଯୁଗେ ଯୁଗେ ଭସ୍ମାସୁରମାନଙ୍କ ଦାଉରୁ ରକ୍ଷା କରିବା ପାଇଁ ତ ନବରାତ୍ରୀ ପୂଜା ଚାଲିଛି, ତୁମେ ବ୍ୟସ୍ତ ହୁଅନାହିଁ, ଆମେ ତା ମାଆକୁ କହୁଛୁ। ବାପ ପୁଅ ତ ମଦୁଆ, ମାଆ କାଳେ ବୁଝିବ। ସାବିତ୍ରୀ ସେତେବେଳକୁ ବାଢ଼ିପଟ ଦେଇ ଛୁ। ସିପ୍ରା କିନ୍ତୁ ବୁଝିସାରିଥିଲେ, ଦୁର୍ଗାପୂଜା ବେଳେ ଷଷ୍ଠୀ ପୂଜା ଦିନ ଜନ୍ମ ପୁଅ ମାଆଙ୍କ ନାମ ଅନୁଯାଇ, ପୁଅର ନାମ ଭାବାନୀ ରଖିଥିବା ଭବାନୀ କେବେ ଅନ୍ୟାୟ ଅନୀତି କରିପାରେନା। ପୁଅକୁ କିଛି ପଚାରିନଥିଲେ ବି ପୁଅ ସବୁ କହିଥିଲା ସିପ୍ରାଙ୍କୁ ଆଉ ସୀତାଂଶୁ କହିଥିଲେ ସବୁ ଦୋଷ ତୋ ମାଆର। ନିଜ କାମ ନିଜେ ନକରି ତା ମାଆକୁ ରଖିଛି। ଦ୍ୱିତୀୟରେ ତା ମାଆକୁ ପାଠ ଶାଠ ପଢ଼େଇ, ଭଲ ମନ୍ଦ, ପାପ ପୁଣ୍ୟ, ବିଚାର ଆଚାର, ନିତି ଅନୀତି, ନ୍ୟାୟ ଅନ୍ୟାୟ ଶିକ୍ଷା ଦେଉଛି। ସେ ଯାହା ସବୁ ଏଠି କହି କାନ୍ଦୁଥିଲା ସବୁ ଶୁଣିଛି ମୁଁ। ପୁଣି ମତେ ଓ ତତେ ମଦୁଆ ରୂପରେଖ ଦେଇଛି। ସବୁ ଭୁଲ ତୋ ମାଆର। ସୀତାଂଶୁଙ୍କ ଶେଷ କେଇପଦ ଶେଷ ହୋଇନି ସାବିତ୍ରୀ ପହଁଚିଲା। ଭୁଲ ମାଗିଲା। କହିଲା ତୁମେ କହିବା ଅନୁଯାଇ ଦାନବୀର କେହି ମୋ ଦୁଃଖ ଶୁଣି ମୋ ନାମରେ ଦଶ ହଜାର ପଠେଇଛି ମାଆ। ମାଆ ଦୁର୍ଗାଙ୍କ ଯୋଗୁଁ ଏତେ ଟଙ୍କା ପାଇଲି, ତୁମକୁ ଜଣାନ୍ତି ନାହିଁ ? ଏଇ ଭୋଗ ନିଅ ମାଆ। ରଖ ରଖ ତୋ ଭୋଗ, କହି ଭାବାନୀ ଓ ସୀତାଂଶୁ ଯେବେ କହିଥିଲେ, ତୋର ଆଉ କାଲିଠୁ କାମକୁ ଆସିବା ଦରକାର ନାହିଁ, ତ ଉଚ୍ଚ ସ୍ୱରରେ ବାହୁନା ପକେଇ ସାବିତ୍ରୀ କହୁଥିଲା ମୋ ମାଆ ମୁହଁ ନଦେଖିଲେ ମୁଁ ରହିପାରିବି ନାହିଁ ହେ ବାବୁ। ମୋ ମାଆ ହାତ ରନ୍ଧା ନଖାଇଲେ ମୁଁ ବଞ୍ଚିବି କେମିତି ହେ ଛୁଆ ବାବୁ ? ତାକୁ ତୁନି କରି, ଖାଇବାକୁ ଦେଇ, ସାବିତ୍ରୀକୁ ଛାଡିଲେ ସିପ୍ରା। ସୀତାଂଶୁ କମ୍ପୁଥିଲେ ଏଇ ବଜାତ ମାଇକିନା ଯୋଗୁଁ ଆଜି ଥାନାଦୁଆର ମାଡିଥାଆନ୍ତୁ ବାପ ପୁଅ ଦୁହେଁ ଆମେ। ସେ କୋଉ ଥାନାକୁ ଗଲା ? ସିପ୍ରାଙ୍କ କଥା ଛଡେଇ ସୀତାଂଶୁ କହୁଥିଲେ, ତୁମ ଯୋଗୁଁ ଦଶ ହଜାର ପାଇଲା, କାହିଁକି ଯିବ ଥାନାକୁ, ସେତକ ବୁଝେଇବାକୁ ସବୁ ନାଟ ତୋ ମାଆର। ସିପ୍ରା ତଥାପି କହୁଥିଲେ ଦୁର୍ଗା ପୂଜାରେ ଶାନ୍ତ ରୁହ, ଉଦ୍ରେଚିତ ଆଚରଣ ଓ ଉଚ୍ଚାରଣ କର ମାଆ ସଦୟ ହେବେ। ସୀତାଂଶୁ କହୁଥିଲେ ଗାନ୍ଧି ନିଜେ ସତ୍ୟ ଅହିଂସା ପଥର ଯାତ୍ରୀ ହୋଇ ଶେଷକୁ ଗୁଳି ଖାଇ ପ୍ରାଣ ତ୍ୟାଗ କଲେ ଆଉ ତମେ ଗାନ୍ଧିବାଦୀ ହୋଇ କଣ ପାଇବ ଆମେ ଜାଣୁ। ସିପ୍ରା କହିଲେ ଗାନ୍ଧି ସେଇଥିପାଇଁ ମହାତ୍ମା, ଜାତିର ପିତା, ସଭିଙ୍କ ଆଦରର ବାପୁ, ଆଉ ମୁଁ ତ ଛାର ନାରୀଟିଏ ଯାହାର ମମତା ପୂର୍ଣ୍ଣ ପଣତରେ ଟିକେ ସ୍ନେହ ବିଞ୍ଚି ଦେବାର ମାଗୁଣି। ନଦେଲେ ନାହିଁ, ଦେଲେ ମଣିକାଞ୍ଚନ ପାଲଟିବାକୁ ଗୋଟେ ସେକେଣ୍ଡ ନିଅଣ୍ଟ।

ସୀତାଂଶୁଙ୍କୁ କହିଦେଲେ ସିନା ସିପ୍ରା ହେଲେ ସବୁବେଳେ ଚିନ୍ତାରେ ଘାରି ମରୁଥାନ୍ତି ପୁଅ ପାଇଁ। ସେଦିନ ସାବିତ୍ରୀ କହୁଥିଲା ଜାଣିଲ ମାଆ ଆମ ଗାଁର ନିଧି ବୁଢାର ଏକମାତ୍ର ପୁଅ କାଳିଆ ତାଙ୍କ ଘର ପାଖ ଝିଅକୁ ବଳତ୍କାର କରିଥିବାରୁ ନିଧି ବୁଢା ନିଜ ଜନମ କଲା ପୁଅକୁ ଧରେଇ ଦେଇ ପୁଲିସକୁ କହୁଛି ତାକୁ ଫାଶୀ ଦେବାକୁ ! କି ଯୁଗ ହେଲା ମାଆ କହୁନ ନିଜ ପୁଅ ଦୋଷକୁ ବାପ ହେଇ ଘୋଡ଼େଇବା କଥା ନା ପୁଲିସକୁ ଧରାଇ ଫାଶୀ ଦେବାକୁ କହିବା କଥା କହିଲ ମାଆ ? ସିପ୍ରା ବୁଝେଇଲେ ସାବିତ୍ରୀକୁ। ଏଇ ନିଧି ବୁଢା ପରି ମଣିଷ ଅଛନ୍ତି ବୋଲି ଦୁନିଆଁ ଚାଲିଛି ଲୋ ସାବି, ନହେଲେ କରୋନା କଣ, ତାଠୁ ଆହୁରି ସାଙ୍ଘାତିକ ଭାଇରସ ସବୁ ମାଡି ଯାଇ ସଂସାର ସାରି ଦିଅନ୍ତେଣି। କେଜାଣି ମାଆ ତୁମ କଥା ମୋ ମୁଣ୍ଡରେ ପଶୁନି। ଏତିକି ବେଳକୁ ଶିବ ସାର ଆସି ପହଁଚିଲେ। ଖୁବ ଭଦ୍ର, ନମ୍ର, ମେଳାପୀ ଲୋକ ସେ। ଜ୍ଞାନ ବୁଦ୍ଧିରେ ମଧ୍ୟ ତାଙ୍କୁ ପରାସ୍ତ କରିବା ସହଜ ନୁହେଁ। ସେଥିରେ ସେ ରାଶି ଫଳ ଶୁଭ ଅଶୁଭ ଗୋଚରରେ ଭଲ ମନ୍ଦ କହିପାରନ୍ତି ତ ସିପ୍ରାଙ୍କ ରାଶିରେ ଗୋଚରରେ ଶନି ଆସୁଛନ୍ତି। ତେଣୁ ପିତୃ ତୁଲ୍ୟ ଲୋକମାନଙ୍କୁ ସମ୍ମାନ କରିବା ଧର୍ମ ଅଟେ ତ ସିପ୍ରା ଭୂମିଷ୍ଠ ପ୍ରଣାମ ବାଢୁଥିଲେ ଶିବ ସାର ଭାଇନାଙ୍କ ଗୋଡ଼ ତଳେ ଆଉ ଭାଇନା ଆର୍ଶୀବାଦ ଦେଇ କହୁଥିଲେ ସୌଭାଗ୍ୟବତୀ ତଥା ପୁତ୍ର କନ୍ୟା ବତୀ ହୋଇ କାଚ ସିନ୍ଦୁର ନେଇ ଅହ୍ୟ ସୁଲକ୍ଷଣୀ ହୁଅ। ଓଃ ମନବୋଧିଆ ଆଶୀର୍ବାଦ ପାଇ, ଭାଇନାଙ୍କୁ ଯଥା ବିଧି ବିଦାୟ ଦେଇ ସାରିଲା ବେଳକୁ ଟିଭିରେ ଶହୀଦ ହେବା ଖବର ଗାଁକୁ ଆସୁଛି ମୃତ ଶହୀଦ ଜବାନଙ୍କ ଶରୀର। ଜାତୀୟ ପତାକା ଭିତରେ ଶହୀଦଙ୍କୁ ରଖି ସ୍ଲୋଗାନ ପରେ ସ୍ଲୋଗାନ, ବନ୍ଦେ ମାତରଂର ଧ୍ୱନି। ଟଳି ପଡିଲେ ସିପ୍ରା। ସାବି ପାଣି ଛାଟି ସାଷ୍ଟାଙ୍ଗ କରି କହୁଥିଲା ତମେ ଯେମିତି ହଉଛ ମାଆ ? ମୋ ପୁଅ ପୁଣି ଫଉଜରେ ଭର୍ତ୍ତି ହୋଇଛି ନା ନାହିଁ। ଆଉ କୋଉ ଗାଁର ଶହୀଦ କଥା ଶୁଣି ଛାନିଆଁ ହେଉଛ ! ସ୍ୱାମୀ ସୀତାଂଶୁ ବଢ଼ାଇ ଦେଇଥିଲେ ପୁଅର ଅନ୍ୟତ୍ର ଚାକିରୀ ହେଇଯାଇଥିବାର ଆପଏଣ୍ଟମେଣ୍ଟ ଲେଟର। ମାଆ ଦୁର୍ଗାଙ୍କ ପୂଜା ମଣ୍ଡପକୁ ମତେ ଟିକେ ନେଇଯା ସାବି କହୁଥିଲେ ସିପ୍ରା। ସାବିତ୍ରୀ ବି କହୁଥିଲା ମୋ ପୁଅକୁ ବି ଏଥର ନେଇଆସିବ ମାଆ। ହଁ ଲୋ ସାବି ବ୍ୟସ୍ତ ହୁଅନା କହି ଦୁର୍ଗାମାଆଙ୍କ ମଣ୍ଡପ ଆଡକୁ ଆଗେଇ ଯାଉଥିଲେ ସିପ୍ରା, ପଛେ ପଛେ ସୀତାଂଶୁ।

ସାକ୍ଷୀଗୋପାଳ
ପୁରୀ
ମୋ-୯୦୪୦୯୭୭୩୨୭

# ପରମ ଆତ୍ମୀୟ

ସୁଦର୍ଶନ ମହାପାତ୍ର



ଯାହାର ଦେହ ଉଲୁସା କଥା ପ୍ରିୟା ହୃଦୟରେ ଖେଳାଇ ଦେଇଥିଲା ପ୍ରେମର ତରଙ୍ଗ, ଖୁସିର ଉଚ୍ଛ୍ୱାସ, କିଆରି କିଆରି ସପନର ମହକରେ ମହକିତ କରିଥିଲା ମନ ଉପବନ ସେଇ ପ୍ରେମିକଟିକୁ ବରିବାକୁ ଠିକ୍ କରିଥିଲା ପ୍ରିୟା ତା ବାପା ମା ଙ୍କ ଇଚ୍ଛା ବିରୁଦ୍ଧରେ।

ବାପା ମାଆ ବୁଝାଇଲେ -' ଝିଅ, ସପନରେ ପେଟ ପୁରେ ନାହିଁ। ସପନ ଭାଙ୍ଗିଲେ ପେଟର ଜ୍ୱାଳା ଅନୁଭବ ହୁଏ। ଯାହାକୁ ତୁ ଭଲ ପାଉଛୁ ସେ ତୁଚ୍ଛା ଅଭିନୟ କରୁଥିବା କଳାକାରଟିଏ। ତା ଉପରେ ଭରସା କରନା। ମିଠା ମିଠା କଥା କହି ତୋତେ ସପନ ରାଇଜରେ ବୁଲଉଛି। ସପନ ଦେଖିବା ଆଉ ସଂସାର ପାତିବା ଏକା କଥା ନୁହେଁ। ଖିଆଲରେ ଆକାଶରୁ ଚାନ୍ଦ ତୋଳା ଯାଇପାରେ, ମାତ୍ର ବାସ୍ତବିକତା ସେଇଟା ନୁହେଁ। ତୋର ସୁଖ ତୋର ଭବିଷ୍ୟତ ପାଇଁ ଆମେ ଯାହା କହୁଛୁ ମାନିନେ। ତୋର ମଙ୍ଗଳ ହେବ।'

ଝିଅ କୌଣସି ପ୍ରକାରରେ ବୁଝିବାର ନାହିଁ। ଗୁମସୁମ ରହିଲା ସେ। ଆଖିରୁ ଲୁହ ଝରାଇ କାନ୍ଦିଲା। ବାପା ମାଆ ଥରକୁ ଥର ଝିଅକୁ ବୁଝେଇବାକୁ ପ୍ରୟାସ କଲେ। ସବୁ ନିଷ୍ଫଳ... !

ଝିଅର ଦିନେ ମନେହେଲା ନିଃଶବ୍ଦ ରାତିରେ କିଏ ଆସିଛି। ପ୍ରୀତି ପ୍ରଣୟର ବାସ୍ନାଟେ ଚହଟିଗଲା ତା ଚାରିପାଖରେ। ଉଲୁସି ଉଠିଲା ସେ। ମନ ଉଚ୍ଛାଟିତ , ଉଲ୍ଲସିତ... ! !

-' ପ୍ରିୟା.. !' ଝରକା ସେପଟେ ଫିସ ଫିସ ସ୍ୱର।

ପ୍ରିୟା ଚାହିଁଲା କ୍ଷଣେ ପ୍ରେମିକର ଶ୍ୟାମଘନ ଅପଘନକୁ। ଧୀରେ ପାଦ ରଖିଲା ଏରୁଣ୍ଡି ବାହାରେ। ପ୍ରେମିକ ହାତରେ ହାତ ଥାପିଲା। ପ୍ରିୟା ର ହାତମୁଠାରେ ତା'ର ଇପ୍ସିତ ସ୍ୱର୍ଗ।

ମନ୍ଦିରରେ ବିବାହ କାର୍ଯ୍ୟ ବି ସମ୍ପାଦିତ ହୋଇଗଲା। ଏବେ ଦୁହେଁ ପତିପତ୍ନୀ। ପ୍ରେମର ବିଜୟ ହୋଇଛି ବୋଲି କହିଲା ପ୍ରେମିକ।

ପ୍ରେମିକ ଛାତିରେ ମଥା ରଖିଲା ପ୍ରିୟା। ଦୁହେଁ ରୋମାଞ୍ଚିତ। ଆଖି ଭର୍ତ୍ତି ସପନ। ମୁଠା ଭର୍ତ୍ତି ସ୍ୱର୍ଗ।

ଦିନେ ମାଆର ଫୋନ୍ ଉଠାଇଲା ପ୍ରିୟା।

-' ତୁ କେମିତି ଅଛୁ ଝିଅ ? ମାଆ ପଚାରିଲା କାନ୍ଦୁରା ସ୍ୱରରେ।

-' ମାଆ ଜାଣିଲୁ ! ଏବେ ମୁଁ ଜୀବନ କ'ଣ ବୁଝୁଛି। ଖୁସିରେ ଅଛି।'

ଏହା ମଧ୍ୟରେ ବିତିଯାଇଛି ଚାରି ମାସ।

ମାଆର ଫୋନ୍ -'ଝିଅ ଗୋଟିଏ ଖରାପ ସ୍ୱପ୍ନ ଦେଖିଲି। ମନ ଭଲ ଲାଗିଲାନି ତ' ଫୋନ୍ କଲି। ତୁ ଭଲରେ ଅଛୁ ତ ?'

ପରେ କଥା ହେବି କହି ଫୋନ୍ ରଖିଲା ଝିଅ। ହେଲେ ସେତେବେଳକୁ ମାଆ ଶୁଣି ସାରିଥିଲା ଝିଅ ପସନ୍ଦ କରି ବାହା ହୋଇଥିବା ପିଲା ପାଟିରୁ ବାହାରୁଥିବା ଅଶ୍ଳୀଳ ଶବ୍ଦପୁଞ୍ଜ।

ଯେଉଁ ଅଳଙ୍କାର ମାନ ପ୍ରିୟା ଖୋଲି ଥରେ ରଖିଥିଲା ପ୍ରେମିକ କଥାରେ; ଦେହକୁ ଆଉ ଫେରିନଥିଲା ସେସବୁ। ଘରୁ ଲୁଚେଇ ଆଣିଥିବା ଟଙ୍କା ଓ ଅଳଙ୍କାର ବ୍ୟାଗଟା ବି ଅନ୍ତର୍ଦ୍ଧାନ। ଏସବୁକୁ ନେଇ ପ୍ରିୟା ପ୍ରଶ୍ନର ଉତ୍ତର ବଦଳରେ ପ୍ରେମିକର ରକ୍ତମୁଖା ଆଖିରେ ଦେଖିଲା ଚୁପ୍ ରହିବାର ଇଙ୍ଗିତ। ସେ ଇଙ୍ଗିତକୁ ଲଂଘିଲା ତ ସତେ ଯେମିତି ଲଂଘିଗଲା ସୀମାରେଖା !

ବଦଳରେ ମିଳିଲା ନିର୍ଯାତନା।

ଥରେ ଯେ ଦୁର୍ଦ୍ଦଶା ଆରମ୍ଭ ହେଲା, ଆଉ ଥମିବାର ନାଁ ନାହିଁ। ପ୍ରିୟାର ଦୁଃଖ ଯନ୍ତ୍ରଣା ଦିନୁଁ ଦିନୁଁ ବଢି ଚାଲିଥିଲା।

-' ଝିଅ ମୋତେ ଡର ଲାଗୁଛି। ତୁ ଭଲରେ ଅଛୁ ତ ?' ଆଉ ଦିନେ ପଚାରିଲେ ମାଆ।

-' ପ୍ରକୃତ ଜୀବନ କ'ଣ ଏବେ ମୁଁ ଜାଣୁଛି, ମାଆ। ଯାହା ତୁମେ ଦୁହେଁ ମୋତେ ବୁଝାଇବାକୁ ଚେଷ୍ଟା କରୁଥିଲ ଆଉ ମୁଁ ଫାଙ୍କି ଦେଇଥିଲି। ବାପା ଙ୍କୁ କହିବୁ ପାରିବେ ତ ମୋତେ କ୍ଷମା କରିଦେଇ ମୋ ପାଇଁ ନୂଆ ଜୀବନଟେ ଗଢ଼ିଦେବେ..' ଝିଅର କାନ୍ଦୁରା ସ୍ୱର ବାରିଲା ମାଆ।

-' ଝିଅ, ଫେରି ଆ ତୁ । ସୁନା ଗହଣା ଠାରୁ ଝିଅ ଆମ ପାଇଁ ବଡ଼। ଆମେ ଥାଉ ଥାଉ ତୁ ନିଜକୁ ଅସହାୟ ଭାବୁଛୁ କାହିଁକି ?' ଶୁଭିଲା ବାପାଙ୍କ ସ୍ୱର।

କୁଞ୍ଜବିହାରୀ ଲେନ୍,
କଟକ

# ବାସି ରୁଟି

ଲୋପାମୁଦ୍ରା ପରିଡ଼ା

ଏ ଭୂଲୋକର ଏ ଅଧକ ଗୋଲାର୍ଦ୍ଧର ଏଇ ଭୁଖଣ୍ଡ କୋଣରେ ଗୋଟିକିଆ ହଳଦିଆ ଦୋତାଲା ଘରଟା ମୋର। ମୁଁ ଏକା ଏତକ ଉପର ଘରଟାରେ କାରବାର ହେବାକୁ । ତଳ ଘରଟା ଏଯାଏଁ ଭଡା ଲାଗିବ ଲାଗିବ ବୋଲି ଲାଗିନି ।

ଏକା କାହିଁକି କହିଲି !

ଆଉ ନୁହେଁ ତ କଣ ! ପିଲେ ହଷ୍ଟେଲରେ ଫାଳେ, ଚାକିରି ଥାନରେ ଫାଳେ। ଯାହା ହାତଟି ଧରି ଏ ଘରକୁ ଆସିଥିଲି ସିଏ ଆମର ମିଲିଟାରି ବାଲାଙ୍କଠୁ ବି ବେଶି ସମୟାନୁବର୍ତ୍ତୀ ଯେ ଘଣ୍ଟା ସାଙ୍ଗରେ ତାଙ୍କର ନିତ୍ୟକର୍ମର ଭାଗମାପ ତଉଲା। ଭୋର ଚାରିରୁ ସଳଖି ଉଠ, ଘଣ୍ଟାଏ ଉପରେ ସହଳ ଚାଲ, ଛ' ବାଜିଲେ ମୁଳଠୁ ଶେଷ ଯାଏ କାଗଜ ପଢ , ଦାନ୍ତ ଘସାଘସି ସାର ଇତ୍ୟାଦି ଇତ୍ୟାଦି ।

ଏତେ ଉଠାପକାକୁ ମୁଁ ଏକୁଟିଆ ଲୋକ। ସଜ ଗୋବରରେ ଥାପି ଥାପି କାନ୍ଥ ଯାକ ଘସି ପାରି ଦବ ପଛେ ସହଜ, ଏମିତିଆ ଖଣ୍ଡେ ଲୋକ ସହ ଚଳିବା ଆଣ୍ଠିଏ ପଙ୍କରେ ଠିଆ ହେବାର ମଳିଛିଆ ଚେଷ୍ଟାଟିଏ ସିନା। ଉହୁଁ।

କ'ଣ ସବୁ ଭାବୁଛି ହୈ ଆଡୁ ସାଡୁ। ସିଏ ଯାହା ହେଉ ମୋ ଇହକାଳ ପରକାଳର ଦେବତା ଜଣକ କିନ୍ତୁ ଭାରି ସରଳ। ମୋ ଭଳିଆ ଆଲୁରି ବାଲୁରୀକୁ ନେଇ ଏତେ ସୁସଂଗଠିତ ଜୀବନଟେ ତିରିଶ ବରଷ କାଳ ଗଢେଇ ଆଣିବା କ'ଣ କମି କଥା !

ଆଜି ବି ଇଏ ଚାଲିବାକୁ ଯାଇଥାନ୍ତି, ମୁଁ ବାସି ପାଇଟିରେ ଲାଗିଥାଏ ଗୋଟିଏ ଗୋଟିଏ କରି । ବୟସ ଓ ଏକୁଟିଆପଣ ହରାଏ କି ବେଶି ଟାଣ କରାଏ କେଜାଣି ! ହ କ'ଣ ତ ଗୋଟେ କରୁଥିବ ଆଉ ।

ବେପରବା ହେଲେ ଅଧା କୁଣ୍ଠା କୁଣ୍ଠି ଅଦା କୁଟା ହେଲା ପରି ଛେଚି ଛେଚି ହଜି ହେଇଯାନ୍ତି ବୋଲି ବିଶ୍ୱାସ । ଛାଡ। ନିତ୍ୟ ସ୍ନାନ ସାରି ଦିଅଁ ପୂଜାରେ ବସିଲି। ଏବେ ପୂଜା କେବଳ ଗଳବସ୍ତ୍ର ହେଇ ଦୀପ ଧୂପକାଠିରେ ତୁଲେଇବା ଚାଲିଛି ଯାହା। ଏଇ ଘରବାରି ଜମିଟା କିଣିଲା ବେଳେ ହିଁ କିସମ କିସମର ଫୁଲ ଫଳ ଗଛ , ପାଚିରି କଡକୁକଡ ଲଗେଇ ଥିଲୁ ଆମେ । ନିତି ଫୁଲ ଗଦା ହେଉଥିଲେ ବି ତୋଳିବାକୁ ମୁଁ ଆଉ ପାରୁନି । ସବୁଦିନିଆ କିଏ କିଏ ତାଙ୍କର ଆପେ ନେଉଥାନ୍ତି ଗଛ ନଣ୍ଡା କରିକି ।

ହଉ ଯୋଉଠି ହେଲେ ବି ତ ଦିଅଁ ମୋର ଫୁଲ ଦିଟା ପିନ୍ଧୁଛନ୍ତି ଭାବି ଖୁସି ହୁଏ। ଏତେ ଟିକିନିଖି ହିସାବରେ ମୁଣ୍ଡ ପୁରାଏନି। ଶେଫାଳି ମୁଠେ କେବେ କେମିତି ଗୋଟେଇ ଆଣେ । ଅଣ୍ଟା ନହକା ପତର ବଙ୍କା। ଆଉ ସେତକ ବି ପାରୁନି। ଯାଃ। କଳା ସାଆନ୍ତ ମୁହଁକୁ ଚାହିଁ କହିଲି ତୁ ତ ଆମର ପାଣି ଟୋପାଏରେ, ଏମିତିକି ପତ୍ରଟେରେ ବି ଶାନ୍ତି ହବୁ ବଲି ଗୀତାରେ କହିଲୁ ହେଲେ ମୁଁ ପାରିଲେ ତ ! ଫୁଲ ସଜ କରନ୍ତି ବୋଲି ନିତି ତତେ କେତେ ମନ କରୁଛି ରେ ଧନ ।' ମନଟା ଉଦାସୀ ଧରିଲା।

ଦିନଟାରେ ଜହ୍ନ ଫିକା ମାରିଗଲା ।

ଦେଖିଲେ ତୋ ମୁଖ

ଘୁଞ୍ଚିଯାଏ ଦୁଃଖ ଏ କଥା ଶୁଣିଛି ମୁହିଁ।।

ଗାଇଲି ସ୍ୱର କରି।

ଭଜନଟେ ଗାଇଦେଲେ ମନଟା ବଳ ପାଇଥାଏ ।

ସିଏ ସେପଟୁ ଚିକିଚିକିଆ ହସଟେ ହସିଦେଇ କହିଲା,' ସେକଥା ଛାଡେ। ପୋଛିନୁ ମୋ ମୁହଁ କୋଉ ଦିନରୁ କହିଲୁ ! ପଣତ କାନି କଣ ଖାଲି ସେ ଗେଟ୍ ଚାବି ବାନ୍ଧିବାକୁ ରଖିଛୁ କି ଲୋ ? ଏଥର ମୁଁ ହସିଦେଲି । ଆମେ ମାଆ ପୁଅଙ୍କ ଗପସପରେ ବାଧା ପକେଇ ଦୁଆରେ ଖଡଖଡ ଶୁଭିଲା। ମୁଁ ଭାବିଲି କିଏ ହେଇଥିବେ। ଗେଟ୍ ତ ଖୋଲାଥାଏ ପ୍ରାୟତଃ । ଦି ତିନି ଥର ପରେ ଉଠିକି ଗଲି। ଚଷମାଟି ନାକ ଉପରକୁ ଠିକେଇ ପଚାରିଲି,' କିଏ ? କିଏ ସେଠି ?ଏଠିକି ଆସ। '

ସଜକଇଁ ପରି ଜ୍ୟୋତ୍ସ୍ନାଧୌତ ମୁହଁଟେ ଦିଶିଲା। ଦୀପ୍ତି ମୟୀ ...ହେଲେ ଅଲୁଳାୟିତ। ମୋ ହାତକୁ ଜରିଟେ ବଢେଇ ଦେଲା। ମୁଁ କଣ, କିଏ, କାହିଁକି, କିଏ ପଠେଇଛି ଏମିତି ଥାକଟେ ପ୍ରସ୍ତୁତ କରିବା ଆଗରୁ ସିଏ କହିଲା,' ମାଆ..... ଫୁଲ' । ଆଉ ମୋ ପାପୁଲିରେ ଥୋଇଦେଇ ଦଉଡି ପଳେଇଲା। ମୁଁ ଚକିତ,ଭାବ ବିହ୍ୱଳ, ଦ୍ରବିତ ଏକାସାଙ୍ଗରେ ଅନୁଭବ କଲି। ଏକଥା ଏବେ ଫି ଦିନ ଘଟିଲା। ମୁଁ ତାକୁ ଅପେକ୍ଷା କରିବା ମୋର ଅଭ୍ୟାସ କରିସାରିଥିଲି । ମୋ ଜଗା ସୁନ୍ଦର ଏବେ ଭାଇଭଉଣୀ ହଳଙ୍କ ସହ ଝକଝକ ଫୁଲ କୁମାର ଦିଶୁଥିଲା। ହରେକ ବାସଚହଟ ରଙ୍ଗ ଅବିର ବୋଳା ଫୁଲ ସିଏ କୋଉଠୁ ବାଛିଚୁନି ଆଣୁଥିଲା ତାକୁ ଜଣା।

ସିଏ ମୋ ପାଇଁ ଗୋଟେ ପରୀ ଥିଲା। ମୁଁ ତାକୁ ବହୁତ ଥର ଭାବିଛି ପଚାରିବି ବୋଲି ତୁ କିଏ, ନାଁ କଣ, ଘର କୋଉଠି, ମତେ କାଇଁ ଫୁଲ ଦଉଚୁ । ହେଲେ ସିଏ ଠିଆ ହେଲେ ତ ମିନିଟିଏ। ମୁଁ କଣ ଆଉ ଦଉଡା ଦଉଡିରେ ପାରିବି ? ଡାକିଲେ ବି ଠିଆ ହବନି ମୂହୁର୍ତ୍ତେ।

ଦିନେ କାଇଁ ସିଏ ଆସିଲାନି। ମୋ ପୂଜା ବେଳ ଗଡିଗଲା। ଇଏ ଚାଲିବାରୁ ଫେରିକି ଆସି ପଚାରିଲେ କଣ ହେଲା ? ମୁଁ ବ୍ୟସ୍ତ ହେଲି। ଚୁଡା ଚକଟା ୟାଙ୍କୁ ଜଳଖିଆରେ ବାଢିଲି। ନିଜେ ସକାଳ ବଟିକା ବି ଖାଇ ନ ଥିଲି କାହିଁକି ନା ପାଦୁକ ପାଇ ନ ଥିଲି। ଘର ଫାଟକ, ଫାଟକ ଘର ଚାରି ଘେରା ପରେ ଧପାଳି ହଉଥିଲି କାଠ ଚଉକି ଡେଣାଟାକୁ ଧରି କି ଗେଟ୍ ଖିଡିଖିଡି ହେଲା । ମୁଁ ଚଞ୍ଚଳ ପାଦରେ ଆଗଭର ହେଇ ଅଗଣାରେ ପାଦ ରଖିଲି।

ଆରେ ! ଆଜି କଣ ଆଗରେ କୁନି ପୁଅଟିଏ ଉଭା।

ବଢେଇ ଦେଲା ଠୁଙ୍ଗାଏ ଟଗର । ମୁଁ କାବା ହେଇ ଚାହିଁଲାରୁ ମୋ ଆଖି ଭାବ ଠଉରେଇ କହିଲା ,' ମୋର ଏତିକିକୁ ହାତ ପାଇଲା। ମତେ ଆଙ୍କୁଡି ପାଙ୍କୁଡିରେ ତୋଳି ଆସେନି। ନାନୀ କାଲି ରାତିଠୁ ମାଆକୁ ନେଇ ବଡ ଡାକ୍ତରଖାନାକୁ ଯାଇଛି । ବାପା ଗାୟବ। ଆସିନି ଏବେ ଯାଏ । ମତେ କହିକି ଯାଇଥିଲା ନାନୀ। '

ତାର ଏକା ନିଶ୍ୱାସକେ ଏତକ କହିବା ପରେ ମୁଁ ତା ହାତକୁ ଧରି ବସିବାକୁ କହିଲି। ଆଉ ବହୁତ ଦିନର ପ୍ରଶ୍ନ ପୁଟୁଳି ଖୋଲିଲି। ମୋ ଆଶ୍ଚର୍ଯ୍ୟ ସବୁର ଅବସାନ ପୁଣି ଲୋଡା କି ନାହିଁ !

- ନାନୀ ପା ସବୁ ଦିନ ତମ ଘରୁ ରୋଟାଲିକା ବାସୋନ୍ଦା ନିଏ । ତମେ ଜାଣିନ ? ତାକୁ ଆମେ ତିନିଜଣ ଚିନି ପାଣି, ଆମୁଳ ଚକଟା କି ସିଝା ଆଳୁଟେ ଚକଟି ଖାଉ। ନ ହେଲେ ସେମିତି ଖାଉ। ଖାଲି ବି ଭଲ ଲାଗେ ଯେ। ହଁ ଟିକେ ଟାଣ ହେଇ ଯାଇଥାଏ । ମାଆ କହିଲା କାହାର ରଣି ରୁହନ୍ତିନି। ସେଥିପାଇଁ ନାନୀ ଫୁଲ ଦଉଥିଲା ସବୁଦିନ ଆଣିକି । ଆଜି ସେପଟେ ଗଲା ବଲି ମତେ କହିଲା। ?

ଦାର୍ଶନିକଟେ ପରି ମୁଖଭଙ୍ଗୀ ଏତେ ସାନ ଚେହେରାଟିରେ ମତେ ଆମୋଦିତ କରୁଥିଲା ।

ହେଁ ? ମୋ ଠୁ ? ରୋଟାଲିକା ବାସୋନ୍ଦା ? କଣ ଗପୁଛି ଲୋ ଏ ଟୋକା ? ତଥାପି ମୁଁ ତାକୁ ସେଇଠି ବସିବାକୁ କହି ଉଠିଗଲି ଭିତରକୁ। ଫ୍ରିଜରେ ସେଓ, ଅଙ୍ଗୁର , ଚଉଠେ ତରଭୁଜ ଏମିତି କିଛିକିଛି ଥିଲା ଆଉ ଟଙ୍କା ଶହେ ମିଶେଇ ତା ହାତକୁ ବଢେଇଲାରୁ ବଲବଲ କି ଚାହିଁଲା ମତେ। ତା ଝାମ୍ପୁରା ଜଟକୁ ସାଉଁଳେଇ ଦେଇ କହିଲି ,' ଯେତିକି ଫୁଲ ତୋ ନାନୀ ଦେଲାଣି ମୋ ଜଗା ପାଇଁ ମୁଁ ଋଣିରେ ତା ପାଖରେ। ଆଚ୍ଛା ଏ ରୋଟାଲିକା ବାସିନ୍ଦୋଟା କଣରେ ? ମୁଁ କେତେ ବେଳେ ଦେଲି ଶୁଣେ ? କହିବୁ ଟିକେ ?'

ସିଏ ସେ ଜରି ବ୍ୟାଗକୁ ସେଇଠି ତଳେ ଥୋଇଦେଇ ତାର ଘସି ହେଇଯାଇଥିବା ସ୍ଲିପର ଟା ଗଳଉ ଗଳଉ କହିଲା , ହେ ହେ ରୁଟି ବା । ତମେ ସବୁଦିନେ ବାହାରେ ପାଞ୍ଚ ଛ' ଟା ରୁଟି ରଖୁଛ ନା ଚଢେଇ, କୁକୁର, ଗାଈ ଖାଇବାକୁ। ଆମେ ତାକୁ ଗଳିକି ଚଟ୍ କିନା ନେଇଯାଉ । ଆମ ମାଆଟା ଟିକେ ବେମାର ରହେ ନା ! ଭୋକ ଲାଗିଲେ ଆଉ କଣ କରିବୁ ? ପେଟ କୋଉ ବୁଝିବ ? ହେଲେ ମୋ ନାନୀ ବୁଝୁଛି । ସିଏ କହୁଛି ସବୁ ଦିନେ ଠିକ୍ ହେଇଯିବ ଆମର । ଭରସା ରଖ । କାଳିଆ ଅଛି । ହେ ହେ । ଦେଖିଆ ! ଯାଃ ହବ ଆଉ । ହଉ ମୁଁ ଚାଲିଲି । କାଲି ଆଣିଦେବି ଏତିକି ଟଗର । ନାନୀ ଆସିଲେ ତାର ଯାହା କରିବ ।

ଟିକେ ଅଟକି ଯାଇ ନଟଖଟିଆ ସ୍ୱରରେ କହିଲା ...

ଆଉ ଜାଣିଛ କି ନାଇଁ ଇଏ ସବୁ ଯୋଉ ଦଉନୁ ଆମେ ତମକୁ ...ହେଲା ...ସିଏ ହେଲା... ତମ, ତମ, ତମ ବାରିର ଫୁଲ , ବୁଝିଲ ।

ତା ମୁହଁରେ ଥିଲା କିଶୋର କେଶବର ଚପଳତା ସହ କୋମଳ ଛାପ। ଦଉଡିକି ପଳେଇଲା ।

କାହା ଘରେ ଟିଭି ଚାଲିଥିଲା ବୋଧେ ଶୁଭୁଥଲା

ଆହେ ନୀଳଗିରି

ତୁମ ଶ୍ରୀପଦେ ଦୟଣା କେରି କେରି

ଆହେ ନୀଳଗିରି ।।

ଆରେ ! ଜରି ପ୍ୟାକେଟଟା ଏଇଠି ରହିଗଲା ଯେ ....

ମୁଁ କାଲି ସକାଳ ପାଇଁ ଅପେକ୍ଷାଟେ ସଯତ୍ନେ ସାଇତିଲି ।



ପାନାଥୁର
ବାଙ୍ଗାଲୋର

31 YEARS
ସମ୍ବାଦ କଳିକା
ଖେଳ
ଭୁବନେଶ୍ୱର, ୧୪ ମାର୍ଚ୍ଚ, ଶୁକ୍ରବାର, ୨୦୨୫



# ରୋହିତଙ୍କ ଅବସର ନେଇ ଗୁଜବ ନ ପ୍ରସାରିବାକୁ ଅପିଲ କଲେ ଡିଭିଲିୟର୍ସ



**ନୂଆଦିଲ୍ଲୀ**

ଚାମ୍ପିଅନ୍ସ ଟ୍ରଫି ଜିତିବା ପରେ ରୋହିତ ଶର୍ମା ଏକଦିବସୀୟ କ୍ରିକେଟରୁ ଅବସର ନେବାର କଳ୍ପନାଜଳ୍ପନାକୁ ଖଣ୍ଡନ କରିଦେଇଥିଲେ। ଏହା ପରେ ବିଶ୍ୱ କ୍ରିକେଟରେ ଏକ ନୂତନ ବିତର୍କ ଆରମ୍ଭ ହୋଇଗଲା ଯେ ରୋହିତ ଶର୍ମା ଠିକ୍ କରିଥିଲେ କି ଭୁଲ। ଅନେକ ଅଭିଜ୍ଞ ଖେଳାଳି ରୋହିତଙ୍କ ନିଷ୍ପତ୍ତିକୁ ଯଥାର୍ଥ କହିଛନ୍ତି। ଏହି ତାଲିକାରେ ପୂର୍ବତନ ଦକ୍ଷିଣ ଆଫ୍ରିକା ଅଧିନାୟକଙ୍କ ନାମ ମଧ୍ୟ ଯୋଡ଼ା ହୋଇଛି। ଏବି ଡିଭିଲିୟର୍ସ ତାଙ୍କ ୟୁଟ୍ୟୁବ ଚ୍ୟାନେଲରେ କହିଛନ୍ତି ଯେ ରୋହିତ ଶର୍ମାଙ୍କ ଅବସର ନେବାର କୌଣସି ଦୃଢ଼ କାରଣ ନାହିଁ। ଏବି ଡିଭିଲିୟର୍ସ ବିଶ୍ୱାସ କରନ୍ତି ଯେ ଭାରତୀୟ ଅଧିନାୟକଙ୍କୁ ସର୍ବକାଳୀନ ଶ୍ରେଷ୍ଠ ଏକଦିବସୀୟ ଅଧିନାୟକମାନଙ୍କ ମଧ୍ୟରୁ ଜଣେ ଭାବରେ ବିବେଚନା କରାଯାଇପାରିବ। ଚାମ୍ପିଅନ୍ସ ଟ୍ରଫି ସମୟରେ ବିଶ୍ୱାସ କରାଯାଉଥିଲା ଯେ ଏହି ଟୁର୍ଣ୍ଣାମେଣ୍ଟ ପରେ ରୋହିତ ଶର୍ମା ତାଙ୍କ ଓଡିଆଇ କ୍ୟାରିୟରକୁ ବିଦାୟ ଦେବେ।

ପୂର୍ବତନ ଦକ୍ଷିଣ ଆଫ୍ରିକା ଅଧିନାୟକ କହିଛନ୍ତି, ଅନ୍ୟ ଅଧିନାୟକଙ୍କ ସହ ତୁଳନା କଲେ, ରୋହିତଙ୍କ ବିଜୟ ପ୍ରତିଶତ ୭୪। ଆପଣ ପୂର୍ବ ଅଧିନାୟକଙ୍କ ଇତିହାସ ଦେଖିପାରିବେ। କାହାର ଉଦାହରଣ ଏହିପରି ଅଛି ? ଯଦି ସେ ଖେଳିବା ଜାରି ରଖନ୍ତି, ତେବେ ତାଙ୍କୁ ସର୍ବକାଳୀନ ଶ୍ରେଷ୍ଠ ଓଡିଆଇ ଅଧିନାୟକମାନଙ୍କ ମଧ୍ୟରୁ ଜଣେ ଭାବରେ ବିବେଚନା କରାଯିବ। ରୋହିତ ଶର୍ମା ନିଜେ କହିଛନ୍ତି ଯେ ସେ ଅବସର ନେଉନାହାନ୍ତି ଏବଂ ଗୁଜବ ନ ପ୍ରସାରିବାକୁ ମଧ୍ୟ ଅପିଲ କରିଛନ୍ତି।

ଏବି ଡିଭିଲିୟର୍ସ ଆହୁରି କହିଛନ୍ତି, ସେ କାହିଁକି ଅବସର ନେବେ ? କେବଳ ଅଧିନାୟକତ୍ୱରେ ନୁହେଁ ବରଂ ବ୍ୟାଟିଂରେ ମଧ୍ୟ ତାଙ୍କର ଏକ ଉତ୍କୃଷ୍ଟ ରେକର୍ଡ ଅଛି। ସେ ଫାଇନାଲରେ ୭୬ ରନ କରିଥିଲେ ଯାହା ଭାରତକୁ କେବଳ ଏକ ଭଲ ଆରମ୍ଭ ଦେଇନଥିଲା ବରଂ ବିଜୟର ମୂଳଦୁଆ ମଧ୍ୟ ପକାଇଥିଲା। ରୋହିତ ଆଗକୁ ଆସି ଚାପରେ ଦଳକୁ ନେତୃତ୍ୱ ଦେଇଥିଲେ। ଏହାକୁ ବିଚାରକୁ ନେଲେ, ରୋହିତ ଶର୍ମାଙ୍କ ଅବସର ନେବାର କୌଣସି କାରଣ ନାହିଁ। ରୋହିତ ଶର୍ମାଙ୍କ ରେକର୍ଡ ତାଙ୍କ କାହାଣୀ କହୁଛି।

# ଆଇପିଏଲ-୨୦୨୫ ଟାଇଟଲ ଜିତିବ ମୁମ୍ବାଇ ଇଣ୍ଡିଆନ୍ସ : ବ୍ରେଟ୍ ଲି

**ନୂଆଦିଲ୍ଲୀ**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ୧୮ତମ ସିଜିନର ବିଗୁଲ ବାଜିସାରିଛି। ଆଇପିଏଲ ୨୦୨୫ ମାର୍ଚ୍ଚ ୨୨ରୁ ଆରମ୍ଭ ହେବାକୁ ଯାଉଛି। ଲିଗ୍‌ର ଶେଷ ମ୍ୟାଚ ୨୫ ମେ'ରେ ଖେଳାଯିବ। ସମସ୍ତ ୧୦ଟି ଦଳ ୧୮ତମ ସିଜିନ ପାଇଁ ପ୍ରସ୍ତୁତି ଆରମ୍ଭ କରିସାରିଛନ୍ତି। ଏହି ସମୟରେ ପୂର୍ବତନ ଅଷ୍ଟ୍ରେଲିୟ କିମ୍ବଦନ୍ତୀ ଦ୍ରୁତ ବୋଲର ବ୍ରେଟ୍ ଲି ଲିଗ୍‌ର ଚାମ୍ପିୟନଙ୍କୁ ନେଇ ଏକ ବଡ଼ ଭବିଷ୍ୟବାଣୀ କରିଛନ୍ତି।




କହି ରଖୁଛୁ ଯେ ଆଇପିଏଲରେ ସର୍ବାଧିକ ଟାଇଟଲ ଜିତିବାର ରେକର୍ଡ ଚେନ୍ନାଇ ସୁପର କିଙ୍ଗ୍‌ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସଙ୍କ ନାମରେ ଅଛି। ଦୁହେଁ ଲିଗ୍‌ରେ ମୋଟ୍ ପାଞ୍ଚଟି ଟ୍ରଫି ଜିତିଛନ୍ତି। ସେହିପରି ଗତବର୍ଷର ଚାମ୍ପିୟନ କୋଲକାତା ନାଇଟ ରାଇଡର୍ସର ୩ଟି ଟାଇଟଲ ରହିଛି। ଯଦି ବ୍ରେଟ୍ ଲିଙ୍କ କଥାକୁ ବିଶ୍ୱାସ କରାଯାଏ, ତେବେ ଚଳିତ ବର୍ଷ ମଧ୍ୟ ଆରସିବି ଆଇପିଏଲ ଟ୍ରଫି ଜିତିପାରିବ ନାହିଁ। ବ୍ରେଟ ଲି କହିଛନ୍ତି ଯେ ମୁମ୍ବାଇ ଇଣ୍ଡିଆନ୍ସ ଏଥର ଆଇପିଏଲ ଟ୍ରଫି ଜିତିପାରିବ। ଚାମ୍ପିୟନ ହେବା ପାଇଁ ମୁମ୍ବାଇ ଇଣ୍ଡିଆନ୍ସକୁ କ'ଣ କରିବାକୁ ପଡ଼ିବ ତାହା ମଧ୍ୟ ବ୍ରେଟ୍ ଲି କହିଛନ୍ତି। ବ୍ରେଟ୍ ଲି କହିଛନ୍ତି ଯେ ଏଥର ଟାଇଟଲ ଜିତିବାକୁ ହେଲେ ମୁମ୍ବାଇକୁ ଆରମ୍ଭରୁ ମ୍ୟାଚ୍ ଜିତିବାକୁ ପଡ଼ିବ। ପ୍ରକୃତରେ, ଗତ କିଛି ସିଜନରେ ମୁମ୍ବାଇ ଇଣ୍ଡିଆନ୍ସର ଆରମ୍ଭ ଭଲ ହୋଇନାହିଁ।

ବ୍ରେଟ୍ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ କହିଛନ୍ତି, ଗତ ୪-୫ ବର୍ଷ ମଧ୍ୟରେ ମୁମ୍ବାଇ ଇଣ୍ଡିଆନ୍ସ ସହିତ ସାଧାରଣତଃ ଯାହା ଘଟେ ତାହା ହେଉଛି ଯେ ସେମାନେ ପ୍ରଥମ ଚାରିରୁ ପାଞ୍ଚଟି ମ୍ୟାଚ୍ ହାରନ୍ତି। ଏବେ ମୁମ୍ବାଇକୁ ଏହାକୁ ପରିବର୍ତ୍ତନ କରିବାକୁ ପଡ଼ିବ। ଯଦି ଏହି ଦଳ ପ୍ରାରମ୍ଭିକ ମ୍ୟାଚଗୁଡ଼ିକରେ ଭଲ ପ୍ରଦର୍ଶନ କରେ ଏବଂ ପ୍ରଥମ ୫-୬ ମ୍ୟାଚ୍ ଜିତିଥାଏ, ତେବେ ସେମାନେ ପ୍ଲେଅଫ ପାଇଁ ଏକ ଦୃଢ଼ ସ୍ଥିତିରେ ରହିବେ। ଯଦି ମୁମ୍ବାଇ ଇଣ୍ଡିଆନ୍ସ ଏହା କରେ, ତେବେ ସେମାନେ ସେମାନଙ୍କର ଷଷ୍ଠ ଟାଇଟଲ ଜିତିପାରିବେ।

ଚେନ୍ନାଇ ସୁପର କିଙ୍ଗସ ସମ୍ପର୍କରେ ବ୍ରେଟ୍ ଲି କହିଛନ୍ତି, ଚେନ୍ନାଇ ସୁପର କିଙ୍ଗସ ତା'ର ଦଳକୁ ପୁନର୍ବାର ଗଢ଼ି ତୋଳିଛି। ଏହାର କିଛି ଶ୍ରେଷ୍ଠ ଖେଳାଳି ଦଳ ଛାଡ଼ି ଦେଇଛନ୍ତି ଯେତେବେଳେ ନୂତନ ଖେଳାଳି ମଧ୍ୟ ଆସିଛନ୍ତି। ସେମାନଙ୍କ ପ୍ରଦର୍ଶନରେ ସ୍ଥିରତା ବଜାୟ ରଖିବା ସେମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ। ଅନ୍ୟପକ୍ଷରେ ମୁମ୍ବାଇ ଇଣ୍ଡିଆନ୍ସ ଚେନ୍ନାଇ ଉପରେ ଉଚ୍ଚସ୍ଥାନ ହାସଲ କରିଛି।

# ଅଷ୍ଟ୍ରେଲିଆର ପୂର୍ବତନ ସ୍ପିନର କୋକେନ କାରବାରରେ ଦୋଷୀ ସାବ୍ୟସ୍ତ

**ସିଡ୍‌ନୀ**

ଅଡ୍ଡୁଆରେ ଅଷ୍ଟ୍ରେଲିଆର ପୂର୍ବତନ ସ୍ପିନର ଷ୍ଟୁଆର୍ଟ ମ୍ୟାକଗିଲ। କୋକେନ କାରବାରରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ମ୍ୟାକଗିଲ। ତେବେ ଆଶ୍ୱସ୍ତିକର କଥା ହେଉଛି, ବଡ଼ ପରିମାଣର ଡ୍ରଗ୍ସ କାରବାରରେ ସାମିଲ ନେଇ ତାଙ୍କୁ କ୍ଲିନ୍‌ଚିଟ୍ ମିଳିଛି। ଅଷ୍ଟ୍ରେଲିଆ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଆଠ ସପ୍ତାହ ପରେ ତାଙ୍କୁ ଦଣ୍ଡିତ କରାଯିବ। ୫୪ ବର୍ଷୀୟ ପୂର୍ବତନ ଲେଗ୍ ସ୍ପିନରଙ୍କୁ ୨୦୨୧ ମସିହା ଏପ୍ରିଲ ମାସରେ ସିଡ୍‌ନୀ ଜିଲ୍ଲା କୋର୍ଟର ଖଣ୍ଡପୀଠ



୩୩୦୦୦୦ ଅଷ୍ଟ୍ରେଲୀୟ ଡଲାର ମୂଲ୍ୟର ଏକ କିଲୋ କୋକେନ୍ କାରବାରରେ ସମ୍ପୃକ୍ତି ମାମଲାରେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। କିନ୍ତୁ ଡ୍ରଗ୍ସ ଯୋଗାଣରେ ସାମିଲ ମାମଲାରେ ସେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି।

# ପାକିସ୍ତାନୀ ଖେଳାଳିଙ୍କୁ ପ୍ରତି ମ୍ୟାଚ୍ ପାଇଁ ମିଳିବ ମାତ୍ର ୩୧୦୦ ଟଙ୍କା

**ଇସଲାମାବାଦ**

ପାକିସ୍ତାନ କ୍ରିକେଟ ବୋର୍ଡ ଖେଳାଳିଙ୍କ ପାଉଣାକୁ ଏପରି କାଟି ଦେଇଛି ଯାହା କଳ୍ପନା ବାହାରେ। ବୋର୍ଡ ଜାତୀୟ ଟି-୨୦ କପରେ ଅଂଶଗ୍ରହଣ କରୁଥିବା ଖେଳାଳିଙ୍କ ମ୍ୟାଚ୍ ଫି' କମ୍ କରିଦେଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଖେଳାଳିମାନଙ୍କୁ ପ୍ରତି ମ୍ୟାଚ୍ ପାଇଁ ୧୦,୦୦୦ ପାକିସ୍ତାନୀ ଟଙ୍କା ଅର୍ଥାତ ଭାରତୀୟ ଟଙ୍କାରେ (୩୧୦୦) ଦିଆଯିବ। ଯାହା ଗତ ସିଜିନ ତୁଳନାରେ ୭୫% କମ୍। ଗତ ବର୍ଷ ଖେଳାଳିମାନଙ୍କୁ ପ୍ରତି ମ୍ୟାଚ୍ ପାଇଁ ୪୦,୦୦୦ ପାକିସ୍ତାନୀ ଟଙ୍କା ଦିଆଯାଇଥିଲା। ୨୦୨୨ ମସିହାରେ ପାକିସ୍ତାନୀ ଖେଳାଳିମାନଙ୍କୁ ପ୍ରତି ମ୍ୟାଚ୍ ପାଇଁ ୬୦,୦୦୦ ଟଙ୍କା ଦିଆଯାଉଥିଲା, ଯାହା ତୁଳନାରେ ଏହି କଟକଣା ଆହୁରି ବଡ଼। ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ଏଥର ଜାତୀୟ ଟି-୨୦ କପରେ, ରିଜର୍ଭ ଖେଳାଳିମାନଙ୍କୁ ପ୍ରତି ମ୍ୟାଚ୍ ପାଇଁ କେବଳ ୧୫୦୦ ଟଙ୍କା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ପିସିବିର ଏହି ନିର୍ଦ୍ଦେଶ ପରେ, ସମସ୍ତ ଘରୋଇ ଖେଳାଳିଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଛି। ଖେଳାଳିମାନେ ଏହାକୁ ନେଇ କ୍ରୋଧିତ ହୋଇଯାଇଛନ୍ତି। ଏସବୁ ମଧ୍ୟରେ ପିସିବି ମୁଖ୍ୟ ମୋହସିନ ନକ୍‌ଭି ଏବେ ଏକ ନୂତନ ରଣନୀତି ପ୍ରସ୍ତୁତ କରିଛନ୍ତି। ଜାତୀୟ ଟି-୨୦ ଚାମ୍ପିଅନସିପ୍‌ରେ ଖେଳିବା ପାଇଁ ମନୋନୀତ ଖେଳାଳି ଏବଂ ରିଜର୍ଭ ଖେଳାଳିଙ୍କ ମ୍ୟାଚ୍ ଫି ହ୍ରାସ ନିଷ୍ପତ୍ତିର ସମୀକ୍ଷା କରିବାକୁ ମୋହସିନ ନକ୍‌ଭି ନିର୍ଦ୍ଦେଶ ଜାରି କରିଛନ୍ତି। ପ୍ରଥମେ ମୋହସିନ ନକଭି ନିଜେ ୭୫ ପ୍ରତିଶତ ପାଉଣା କାଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଏବେ ସେ ନିଜେ ନିଜ ନିଷ୍ପତ୍ତିର ସମୀକ୍ଷା କରୁଛନ୍ତି।

ବର୍ତ୍ତମାନର ଅଧ୍ୟକ୍ଷ ମୋହସିନ ନକ୍‌ଭିଙ୍କ ନେତୃତ୍ୱରେ ପିସିବି ଅନେକ ବଡ଼ ଖର୍ଚ୍ଚ କରିଥିବାରୁ ପାକିସ୍ତାନର ଘରୋଇ ଖେଳାଳିଙ୍କ ମ୍ୟାଚ୍ ଫି' ହ୍ରାସକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଏକ ଆଶ୍ଚର୍ଯ୍ୟଜନକ ବୋଲି କୁହାଯାଉଛି। ଗତ ବର୍ଷ ଅଧ୍ୟକ୍ଷ ହେବା ପରେ, ସେ କହିଥିଲେ ଯେ ପିସିବି ଆକାଉଣ୍ଟରେ ଥିବା ଟଙ୍କା 'ଲୁଚାଇ ରଖିବା ପାଇଁ ନୁହେଁ' ଏବଂ ଏହାକୁ ଖେଳାଳି ଏବଂ ପାକିସ୍ତାନ କ୍ରିକେଟର ସେବାରେ ଖର୍ଚ୍ଚ କରାଯିବ। ସେବେଠାରୁ ପିସିବି ଅନେକ ମହଙ୍ଗା କିନ୍ତୁ ଆବଶ୍ୟକ ଷ୍ଟାଡିୟମ ଅପଗ୍ରେଡ୍ କରିଛି। ଏହା ସହିତ ବିଦେଶୀ ପ୍ରଶିକ୍ଷକ ମାନଙ୍କୁ ମହଙ୍ଗା ଚୁକ୍ତିନାମାରେ ନିଯୁକ୍ତି ଦେଇଛି। ପରେ ସେମାନଙ୍କୁ ଶୀଘ୍ର ବାହାର କରିଦିଆଯାଇଛି।

## ଲକ୍ଷ୍ନୌ ସୁପରଜିଆଣ୍ଟ୍‌ସ ପାଇଁ ଖୁସି ଖବର

# ସୁସ୍ଥ ହେଲେ ଷ୍ଟାର ଅଲରାଉଣ୍ଡର ମିଚେଲ ମାର୍ଶ

**ନୂଆଦିଲ୍ଲୀ**

ଆଇପିଏଲ ୨୦୨୫ ମାର୍ଚ୍ଚ ୨୨ରୁ ଆରମ୍ଭ ହେବାକୁ ଯାଉଛି, ଯେଉଁଥିରେ ପ୍ରଥମ ମ୍ୟାଚ୍ କେକେଆର ଏବଂ ଆରସିବି ଦଳ ମଧ୍ୟରେ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ, ଲକ୍ଷ୍ନୌ ସୁପର ଜିଆଣ୍ଟସକୁ ଏକ ବଡ଼ ଖବର ମିଳିଛି। ଆଘାତ ଯୋଗୁଁ ଚାମ୍ପିଅନ୍ସ ଟ୍ରଫି ୨୦୨୫ରୁ




ଅଷ୍ଟ୍ରେଲିଆ ଦଳରୁ ବାଦ୍ ପଡ଼ିଥିବା ମିଚେଲ ମାର୍ଶ ୨୦୨୫ ଆଇପିଏଲରେ ଖେଳିବେ। ଏବେ କିନ୍ତୁ ତାଙ୍କୁ ଜଣେ ବ୍ୟାଟ୍‌ସମ୍ୟାନ ଭାବରେ ଖେଳିବାକୁ ଅନୁମତି ଦିଆଯାଇଛି। ସେ ଆସନ୍ତା ସପ୍ତାହରେ ଭାରତ ଗସ୍ତରେ ଆସିବେ ବୋଲି ରିପୋର୍ଟ ଅଛି।କ୍ରିକେଟ ଅଷ୍ଟ୍ରେଲିଆ ଏକ ସରକାରୀ ବିବୃତ୍ତିରେ ମାର୍ଶଙ୍କ ଆଘାତକୁ 'ଲୋୟର ବ୍ୟାକ ପେନ ଓ ଡିସଫଙ୍କସନ' ବୋଲି ବର୍ଣ୍ଣନା କରିଛି ଏବଂ ସେ ଭାରତ-ଅଷ୍ଟ୍ରେଲିଆ ଟେଷ୍ଟ ସିରିଜ ପରେ କେବଳ ଗୋଟିଏ ବିଗ୍ ବ୍ୟାସ୍ ଲିଗ୍ ମ୍ୟାଚ୍ ଖେଳିଥିଲେ। କିନ୍ତୁ ତାଙ୍କ ପିଠି ସମସ୍ୟା ଯୋଗୁଁ ସେ ଅଷ୍ଟ୍ରେଲିଆର ଚାମ୍ପିୟନ୍ସ ଟ୍ରଫି ଦଳରେ ସାମିଲ ହୋଇପାରିବେ ନାହିଁ।

ମାର୍ଶ ଫେବୃୟାରୀରେ ଜଣେ ଡାକ୍ତରଙ୍କ ସହିତ ପରାମର୍ଶ କରିଥିଲେ ଏବଂ ସମ୍ପ୍ରତି ବ୍ୟାଟିଂକୁ ଫେରିଥିଲେ। ରିପୋର୍ଟ ଅନୁସାରେ, ତାଙ୍କୁ ଆଇପିଏଲ ୨୦୨୫ ପାଇଁ ଅନୁମୋଦନ କରାଯାଇଛି। କିନ୍ତୁ ଲକ୍ଷ୍ନୌ ସୁପରଜିଆଣ୍ଟସ ତାଙ୍କୁ ବୋଲର ଭାବରେ ବ୍ୟବହାର କରିନପାରେ, ଯାହା ଦଳ ପାଇଁ ରଣନୀତି ପରିବର୍ତ୍ତନରେ ସାହାଯ୍ୟ କରିପାରେ।

ସୂଚନାଯୋଗ୍ୟ, ଲକ୍ଷ୍ନୌ ସୁପରଜିଆଣ୍ଟସ ୨୪ ମାର୍ଚ୍ଚରୁ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଆଇପିଏଲ ୨୦୨୫ରେ ତାଙ୍କର ଅଭିଯାନ ଆରମ୍ଭ କରିବ। ଏହି ସିଜିନ ପାଇଁ ରିଷଭ ପନ୍ତଙ୍କୁ ଅଧିନାୟକ ଭାବରେ ଘୋଷଣା କରାଯାଇଛି ଏବଂ ପୂର୍ବତନ ଡିସି ଅଧିନାୟକଙ୍କ ଉପରେ ଏଥର ତାଙ୍କ ଦଳକୁ ବିଜୟୀ କରାଇବାର ଦାୟିତ୍ୱ ରହିବ।

# ଏପ୍ରିଲ ୭ରୁ କଳିଙ୍ଗ ଷ୍ଟାଡିୟମରେ ୭୩ତମ ସର୍ବ ଭାରତୀୟ ହକି ଚାମ୍ପିୟନସିପ୍-୨୦୨୫

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ଏପ୍ରିଲ ୦୭ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ପୋଲିସ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ୭୩ତମ ସର୍ବ ଭାରତୀୟ ହକି ଚାମ୍ପିୟନସିପ-୨୦୨୫ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଅପରାହ୍ନରେ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଚାମ୍ପିୟନସିପକୁ ଶୃଙ୍ଖଳିତ, ସୁପରିଚାଳନା ସମେତ ବ୍ୟାପକ ବନ୍ଦୋବସ୍ତର ଆୟୋଜନ ସଂକ୍ରାନ୍ତରେ ଡିଜିପି ଶ୍ରୀ ଖୁରାନିଆ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଚାମ୍ପିୟନସିପରେ ଦେଶର ବିଭିନ୍ନ ରାଜ୍ୟର ୨୭ଟି ପୁରୁଷ ଏବଂ ୧୦ଟି ମହିଳା ପୋଲିସ ଟିମ୍ ଅଂଶଗ୍ରହଣ କରିବାର ସମ୍ଭାବନା ରହିଛି।




ଏହା ସହ ବହୁ ଅନ୍ତର୍ଜାତୀୟ ହକି ଖେଳାଳିଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଖେଳାଳି ଓ ଅତିଥିଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ଏହାବ୍ୟତୀତ ସେମାନଙ୍କ ରହଣି ସ୍ଥାନ, ନିୟମିତ ଅଭ୍ୟାସ, ଅତିଥିଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା, ଉଦଘାଟନ ଓ ଉଦ୍‌ଯାପନୀ ସମାରୋହକୁ ଆକର୍ଷଣୀୟ ତଥା ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ଡିଜିପି ବୈଠକରେ ଉପସ୍ଥିତ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖେଳାଳିମାନେ କଳିଙ୍ଗ ଷ୍ଟାଡିୟମ ସମେତ ପୋଖରୀପୁଟ ଓ କିଟ୍ କ୍ୟାମ୍ପସ ଗ୍ରାଉଣ୍ଡରେ ଅଭ୍ୟାସ କରିବେ। ଏଥି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ମଧ୍ୟ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ଖେଳାଳିଙ୍କୁ ଆନୁସଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦେବା ଉପରେ ଡିଜିପି ବୈଠକରେ ଗୁରୁତ୍ୱାରୋପ କରିଥିଲେ।

ଉକ୍ତ ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଲୱେ ଏବଂ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଦୟାଲ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି) ରାଜେଶ କୁମାର, ଅତିରିକ୍ତ ପୋଲିସ କମିଶନର (କଟକ-ଭୁବନେଶ୍ୱର), ନରସିଂହ ଭୋଳ, ଆଇଜିପି (ଟ୍ରେନିଂ) ଅନୁପ କୁମାର ସାହୁ, ଆଇଜିପି (ଏସଏପି) ଅବିନାଶ କୁମାର, ଆଇଜିପି (କ୍ରାଇମବ୍ରାଞ୍ଚ) ଡା ସାର୍ଥକ ଷଡଙ୍ଗୀ , ଡି.ଆଇ.ଜି.ପି (କ୍ରାଇମବ୍ରାଞ୍ଚ) ପ୍ରକାଶ ଆର, ଡିଆଇଜିପି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିଆଇଜିପି (ପର୍ସୋନେଲ) ଯୁଗଳ କିଶୋର କୁମାର ବନୋଥ, ଏସପି (ରେଲୱେ) ବିବେକାନନ୍ଦ ଶର୍ମା, ଡିସିପି (କଟକ) ଖିଲାରୀ ରିଷିକେଶ ଦ୍ୟାନଦେଓ ପ୍ରମୁଖ ଉପସ୍ଥିତ ଥିଲେ ।

# ଜାତୀୟ ମାଷ୍ଟର ଗେମ୍ସରେ ବିଦ୍ୟାଧରଙ୍କୁ ମିଳିଲା ସ୍ୱର୍ଣ୍ଣ

**ବରଗଡ**

ସପ୍ତମ ଜାତୀୟ ମାଷ୍ଟର ଗେମ୍ସ ପ୍ରତିଯୋଗିତାରେ ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଅଧୀନ କାଦୋବାହାଲ ଗ୍ରାମର ବିଦ୍ୟାଧର ସାହୁ କ୍ରୀଡ଼ାରେ ରେକର୍ଡ ସୃଷ୍ଟି କରିଛନ୍ତି। ରାଉରକେଲା ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବ୍ୟକ୍ତିଗତ ଇଭେଣ୍ଟ ୪୦୦ ମି.ରେ ବ୍ରୋଞ୍ଜ, ଲମ୍ଫ ଡିଆଁରେ ରୌପ୍ୟ ଏବଂ ଓଡ଼ିଶା ମାଷ୍ଟର ରିଲେ ଦଳରେ ଭାଗ ନେଇ ସେଠାରେ ୪୦୦ ମି. ରିଲେ ଦୌଡ଼ରେ ସର୍ଣ୍ଣ ପଦକ ପାଇଛନ୍ତି। ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ଜାତୀୟ ପ୍ରତିଯୋଗିତା ମାଷ୍ଟର ଗେମ୍ସ ଫାଉଣ୍ଡେସନର ସାଧାରଣ ସମ୍ପାଦକ କୋଚ୍ ଶିବ ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା।



# ଆଗ୍ରାହାଟ ରାଜଦୋଳ ମେଳଣ ଉଦ୍‌ଯାପିତ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

୪୪ ମଣ୍ଡଳ ରାଜଦୋଳ କମିଟିର ପ୍ରଥମ ଦୋଳ ଉତ୍ସବ ଆଗ୍ରାହାଟ ଦୋଳ ମେଳଣ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଆଗ୍ରାହାଟସ୍ଥିତ ଉତ୍ତରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି ପ୍ରସିଦ୍ଧ ମେଳଣ ଯାତ୍ରାରେ ମଣ୍ଡଳ ଅନ୍ତର୍ଭୁକ୍ତ ମୋଟ ୪୪ଟି ବିମାନ ଅଂଶ ଗ୍ରହଣ କରିଥିଲେ। ଥାନପତି ଦଧିବାମନ ଜୀଉ ଶୋଭାଯାତ୍ରାରେ ଆସି ପ୍ରଥମେ ମେଳଣ ମଣ୍ଡପରେ ଅଧିଷ୍ଠିତ ହେବାପରେ ଚୌଦ୍ୱାର, ପାଇକରାପୁର, ଦେବୀ ନଗର, ଯାଜଭୈରବ ନୂଆଗାଁ, ଚଷାପଡ଼ା, ଚିତ୍ରେଶ୍ୱର, ଜଗତପୁର, ଫକୀରପୁର,ନାନକାର, ତୋରଳ ଆଦି ଅଞ୍ଚଳର ମଠ ଓ ମନ୍ଦିରରେ ପୂଜା ପାଉଥିବା ରାଧାକୃଷ୍ଣଙ୍କ ବିମାନ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଆସି ମେଳଣ କରିଥିଲେ। ରାଜଦୋଳ କମିଟି ତରଫରୁ ପ୍ରତ୍ୟେକ ବିମାନକୁ ସ୍ୱାଗତ କରାଯିବା ସହିତ ଛନ୍ଦା ପ୍ରଦାନ କରାଯାଇ ଥିଲା। ଦୁଇଦିନ ଧରି ଚାଲିଥିବା ଏହି ଯାତ୍ରାର ଦ୍ୱିତୀୟଦିନ ମଙ୍ଗଳବାର ରାତିରେ ଆୟୋଜିତ ଆତସବାଜି ପ୍ରତିଯୋଗିତା ଦେଖିବାପାଇଁ ଯାତ୍ରାପଡ଼ିଆ ଲୋକାରଣ୍ୟ ହୋଇଥିବା ଦେଖିବାକୁ ମିଳିଥିଲା। ଯାତ୍ରାରେ ଶୃଂଖଳା ରକ୍ଷା ପାଇଁ ଚୌଦ୍ୱାର ଆଇଆଇସି ବିଶ୍ୱରଞ୍ଜନ ସାହୁଙ୍କ ନେତୃତ୍ୱରେ ବହୁ ପୋଲିସ ଅଧିକାରୀ ଓ ଫୋର୍ସ ମୁତୟନ ହେବା ସହିତ ଚୌଦ୍ୱାର ଦମକଳ ବାହିନୀ ମେଳାରେ ସଜାଗ ରହିଥିଲେ।

# ଶାହିଦ ଆଫ୍ରିଦି ମୋତେ ଅନେକଥର ଧର୍ମ ପରିବର୍ତ୍ତନ ପାଇଁ କହିଛନ୍ତି : ଦାନିଶ କାନେରିଆ

**ନୂଆଦିଲ୍ଲୀ**

ପାକିସ୍ତାନୀ ବଂଶୋଦ୍ଭବ ହିନ୍ଦୁ କ୍ରିକେଟର ଦାନିଶ କାନେରିଆ କହିଛନ୍ତି ଯେ ତାଙ୍କ କ୍ୟାରିୟର ଠିକ୍ ଉତ୍ଥାନ ସମୟରେ ଶାହିଦ ଆଫ୍ରିଦି ତାଙ୍କୁ ଅନେକ ଥର ଧର୍ମ ପରିବର୍ତ୍ତନ କରିବାକୁ କହିଥିଲେ। ୱାଶିଂଟନ ଡିସିରେ ଅନୁଷ୍ଠିତ ଏକ କଂଗ୍ରେସନାଲ ବ୍ରିଫିଙ୍ଗରେ ପୂର୍ବତନ ଲେଗ-ସ୍ପିନର କାନେରିଆ ପାକିସ୍ତାନରେ ସଂଖ୍ୟାଲଘୁଙ୍କ ଦୁର୍ଦ୍ଦଶା ବିଷୟରେ ଖୋଲାଖୋଲି କହିଥିଲେ।

୨୦୦୦ ରୁ ୨୦୧୦ ମଧ୍ୟରେ ପାକିସ୍ତାନ ପାଇଁ ୬୧ଟି ଟେଷ୍ଟ ଖେଳିଥିବା କାନେରିଆ, ଅନିଲ ଦଲପତଙ୍କ ପରେ ଜାତୀୟ ଦଳକୁ ପ୍ରତିନିଧିତ୍ୱ କରିବାରେ ଦ୍ୱିତୀୟ ହିନ୍ଦୁ କ୍ରିକେଟର ହୋଇଥିଲେ। ପୂର୍ବତନ ପାକିସ୍ତାନ ଲେଗ-ସ୍ପିନର କହିଛନ୍ତି ଯେ ସେ ତାଙ୍କ ଦେଶରେ ସମ୍ମାନ ପାଉ ନଥିବାରୁ ଆମେରିକା ଯିବାକୁ ନିଷ୍ପତ୍ତି ନେଇଥିଲେ।

ନ୍ୟୁଜ ଏଜେନ୍ସି ଏଏନଆଇ ଦାନିଶ କାନେରିଆଙ୍କ କଥାକୁ ଉଦ୍ଧୃତ କରି କହିଛି, 'ପାକିସ୍ତାନରେ ଆମ ସହିତ କିପରି ବ୍ୟବହାର କରାଯାଇଥିଲା ତାହାର ଅଭିଜ୍ଞତା ବାଣ୍ଟିବା ପାଇଁ ଆମେ ସମସ୍ତେ ଏଠାରେ ଏକାଠି ହୋଇଛୁ ?' ଆମେ ଭେଦଭାବର ସମ୍ମୁଖୀନ ହେଲୁ ଏବଂ ଆଜି ଆମେ ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଛୁ। ମୁଁ ବହୁତ ଭେଦଭାବର ସମ୍ମୁଖୀନ ହୋଇଥିଲି ଏବଂ ମୋର କ୍ୟାରିୟର ନଷ୍ଟ ହୋଇଗଲା। ମୁଁ ପାକିସ୍ତାନରେ ଯେଉଁ ସମର୍ଥନ ଏବଂ ସମ୍ମାନ ପାଇବାକୁ ଯୋଗ୍ୟ ଥିଲି ତାହା ପାଇଲି ନାହିଁ। ଏହି ଭେଦଭାବ ଯୋଗୁଁ ମୁଁ ଆଜି ଆମେରିକାରେ ଅଛି। ଆମେ ସଚେତନତା ପାଇଁ ଆମର ସ୍ୱର ଉଠାଇଛୁ ଏବଂ ଆମେରିକା ଜାଣିବା ଉଚିତ ଯେ ଆମେ କେତେ କଷ୍ଟ ପାଇଛୁ।

ଆପଣଙ୍କୁ ମନେ ପକାଇ ଦେଉଛୁ ଯେ ୨୦୨୩ ମସିହାରେ ଏକ ସାକ୍ଷାତକାର ସମୟରେ କାନେରିଆ ପ୍ରକାଶ କରିଥିଲେ ଯେ ଶାହିଦ ଆଫ୍ରିଦି ତାଙ୍କୁ ଅନେକ ଥର ଇସଲାମ ଧର୍ମ ଗ୍ରହଣ କରିବାକୁ କହିଥିଲେ। କାନେରିଆ କହିଛନ୍ତି ଯେ ଶାହିଦ ଆଫ୍ରିଦି ମୋତେ ଅନେକ ଥର ଇସଲାମ ଗ୍ରହଣ କରିବାକୁ କହିଥିଲେ ଯେତେବେଳେ ପୂର୍ବତନ ଅଧିନାୟକ ଇଞ୍ଜମାମ-ଉଲ-ହକ ଏକମାତ୍ର ଅଧିନାୟକ ଥିଲେ ଯିଏ ତାଙ୍କୁ ସମର୍ଥନ କରିଥିଲେ।

ମୁଁ ମୋ କ୍ୟାରିୟରରେ ଭଲ କରୁଥିଲି ଏବଂ କାଉଣ୍ଟି କ୍ରିକେଟ ମଧ୍ୟ ଖେଳୁଥିଲି। ଇଞ୍ଜମାମ-ଉଲ-ହକ ମୋତେ ବହୁତ ସମର୍ଥନ କରିଥିଲେ ଏବଂ ସେ ଏକମାତ୍ର ଅଧିନାୟକ ଯିଏ ମୋତେ ସମର୍ଥନ କରିଥିଲେ। ତାଙ୍କ ବ୍ୟତୀତ, ସୋଏବ



ଅଖତର ମୋତେ ସମର୍ଥନ କରିଥିଲେ। ଶାହିଦ ଆଫ୍ରିଦି ଏବଂ ଅନ୍ୟ ଅନେକ ପାକିସ୍ତାନୀ କ୍ରିକେଟର ମୋତେ ଇସଲାମ ଧର୍ମ ଗ୍ରହଣ କରିବାକୁ କହିଥିଲେ ଏବଂ ମୋତେ ବହୁତ ହଇରାଣ କରିଥିଲେ। ଅନେକ ପାକିସ୍ତାନୀ ଖେଳାଳି ମୋ ସହିତ ଖାଦ୍ୟ ଖାଇ ନଥିଲେ। ଶାହିଦ ଆଫ୍ରିଦି ମୁଖ୍ୟ ବ୍ୟକ୍ତି ଥିଲେ ଯିଏ ମୋତେ ମୋର ଧର୍ମ ପରିବର୍ତ୍ତନ କରିବାକୁ କହିଥିଲେ ଏବଂ ସେ ଅନେକ ଥର ଏପରି କରିଥିଲେ। ଇଞ୍ଜମାମ ଉଲ ହକ କେବେ ଏପରି କଥା କହି ନଥିଲେ।

**Office of the Superintending Engineer**
**Telengirt Canal Division, Amhaguda(k)**
A-1202
**SHORT QUATATION CALL NOTICE NO. 05/14-25 DATE- 11.03.2025**

. . Sealed quotation in plain paper are invited by the undersigned from the reputed authorized firms/ dealers or registered agencies for **Providing split Air Conditioner & CCTV system for upper Kolab project Guest House & CCTV system for Upper Kolab Project Guest House at Bariniput** as follows, so as sale and receive of quotation shall start from dt; 13/03/2025 at 11.00 hr and to reach in this office at 3 00 PM on dated 20.03.2025 and will be opened on dated. 20.03.25 at 3.30 PM in the presence of suppliers or their authorized agents.

| SlNo | Description of Items | Unit | Quantities |
|---|---|---|---|
| 1. | Supplying, Installation, Testing ................... 1.5 ton Split Air Conditioner (Carrier) | No | 4 |
| 2 | 5 KVA Stabilizer for Air Conditioner | No | 4 |
| 3 | Copper Refregerant piping with proper insulation. | Mtr | 4 |
| 4 | 2 mp ip Camera | No | 8 |
| 5 | 4 channel port switch | No | 2 |
| 6 | 8 channel nvr | No | 1 |
| 7 | 2 TB Hard Disk | No | 1 |
| 8 | Cat 6 cable | Mtr | 300 |
| 9 | Security 17 inch monitor | No | 1 |
| 10 | NVR rack | No | 1 |
| 11 | PVC Box | No | 8 |
| 12 | Extension Board | No | 1 |
| 13 | HDMI Cable | No | 1 |
| 14 | Installation Charges | No | 8 |

Further details is available at O/o Superintending Engineer,Telengiri Canal Division Ambaguda
Sd/- Superintending Engineer
Telengiri Canal Division, Ambaguda
OIPR-32434/11/0003/2425

**OFFICE OF THE NOTIFIED ARIEA COUNCIL POLASARA, GANJAM**
Email ID- nacpolasara72@gmail.com Ph.No. 06810-291235
Letter No.:- 599 Date:- 12.03.2025
C-1863
**SHORT TENDER CALL NOTICE**

The undersigned intends to a. procure Vehicle Tyres , Dishwasher, Cold Water Filter, Air Conditioner, Computer Peripherals , Invertor Battery with machine, Speaker for meeting hall , Iron Cash Chest from Manufacturers/Authorised Dealers/ Reputed retailers b. procure Customised Printing Materials from reputed & Experienced Printing firms and c . obtain Repair & Maintenance services from Steel & Iron Fabrication units & /Vehicle Garages for Repair of Mobile Toilet , Water tanker , Tractor Trolley & Municipal Waste Processing Vehicles through participation in a bidding process .

The detailed tender schedule containing specifications with applicable terms and conditions of the bid shall be available in the office of the undersigned which can be obtained from dt. 13.03,2025 at 10.00 AM onwards till dt. 22.03.2025 upto 05.30 PM irrespective of public holidays on deposit of cost of tender paper fees of Rs. 600/- (Rupees Six Hundred only) for each category of items within the last date of sale of bid documents. This office shall remain open for addressing queries and sale of tender paper across the cash counter.

Any Corrigendum / Addendum shall be notified in the news media in due course of time. The undersigned reserves the right to modify/ cancel any or all of the terms & conditions of the bid without assigning any reason thereof.

*Further clarifications can be obtained from :*
Name & Address of the Officer inviting tender :
Executive Officer, NAC Polasara
Near Bus Stand, Polasara, Dist- Ganjam Pin-761105
Ph : 06810 291235 E mail : nacpolsara72@gmail.com
Sd/- Executive Officer
NAC, Polasara, Ganjam
OIPR-13214/11/0007/2425

# ଆଦାନୀ ଫାଉଣ୍ଡେସନ ପକ୍ଷରୁ ମହାବିଦ୍ୟାଳୟରେ ଆରଓ ଫିଲ୍ଟର ମେସିନ ସ୍ଥାପିତ

**ଛତ୍ରପୁର, ନ୍ୟୁଜ୍‌ବ୍ୟୁରୋ**

ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଛତ୍ରପୁର ସ୍ଥିତ ସରକାରୀ ବିଜ୍ଞାନ ମହାବିଦ୍ୟାଳୟରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଙ୍କୁ ନେଇ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଏକ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାର ଆୟୋଜନ କରିବା ସହ ବିଶିଷ୍ଟ ଡାକ୍ତରମାନଙ୍କ ଦ୍ୱାରା ଋତୁସ୍ରାବ ସମୟରେ ପରିଚ୍ଛନ୍ନତା ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବକୁ ନେଇ ଏକ ଆନ୍ତଃ ମହାବିଦ୍ୟାଳୟ ସଚେତନତା କର୍ମଶାଳା ଆୟୋଜନ କରାଯାଇ ଥିଲା, ଯାହାର ପୌରୋହିତ୍ୟ କରିଥିଲେ ଏମ୍‌କେସିଜି ମେଡ଼ିକାଲର ମାନସିକ ବିଭାଗ ମୁଖ୍ୟ ଡକ୍ଟର ଶର୍ମିଷ୍ଠା ପ୍ରିୟଦର୍ଶିନୀ। ଛାତ୍ରୀମାନଙ୍କ ମଧ୍ୟରେ ମାସିକ ଋତୁଚକ୍ର ବିଷୟରେ ଅଧିକ ସଚେତନ କରାଇବା ସହ କିପରି ମାନସିକ ଭାବେ ସୁସ୍ଥ ରହିବେ ତାହା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ଗୋପାଳପୁର ବନ୍ଦରର ବିଜନେସ୍ ମୁଖ୍ୟ ସନ୍ଦୀପ ଜୈସ୍ୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲର ମାନସିକ ବିଭାଗର ମୁଖ୍ୟ ଡକ୍ଟର ଶର୍ମିଷ୍ଠା ପ୍ରିୟଦର୍ଶିନୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।




ଅନ୍ୟମାନଙ୍କ ମଧ୍ୟରେ ଅଜୟ କୁମାର ତ୍ରିପାଠୀ ଅଧ୍ୟକ୍ଷ ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟ, ଭକ୍ତ ବନ୍ଧୁ ଶତପଥୀ, ଶିଳ୍ପ ସମ୍ପର୍କ ମୁଖ୍ୟ ଗୋପାଳପୁର ବନ୍ଦର, ଦେବଦତ୍ତ ମିଶ୍ର ସିଏସଆର ମୁଖ୍ୟ ଗୋପାଳପୁର ବନ୍ଦର ଆଦି ଉପସ୍ଥିତ ଥିଲେ। ଏହି ଅବସରରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ମହାବିଦ୍ୟାଳୟ ପରିସରରେ ୮୦ ଲିଟର କ୍ଷମତା ବିଶିଷ୍ଟ ଏକ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା (ଆରଓ ଫିଲ୍ଟର ମେସିନ) ସ୍ଥାପନା କରାଯାଇଥିଲା ଯାହାଦ୍ୱାରା ମହା-ବିଦ୍ୟାଳୟର ୩୦୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପାଇପାରିବେ। ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜୟ କୁମାର ତ୍ରିପାଠୀ, ଆଦାନୀ ଫାଉଣ୍ଡେସନ ପକ୍ଷରୁ ପ୍ରଥମ ଥର ପାଇଁ ଆୟୋଜନ କରାଯାଇଥିବା ଏହି ଭଳି ଏକ ନିଆରା କାର୍ଯ୍ୟକ୍ରମ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ ଏବଂ ଏତେ ସଂଖ୍ୟକ ପିଲା ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ ସେଥିପାଇଁ ସେ ପିଲାମାନଙ୍କ ଉତ୍ସାହକୁ ସାଧୁବାଦ ଜଣାଇଥିଲେ। ଡକ୍ଟର ଶର୍ମିଷ୍ଠା ପ୍ରିୟଦର୍ଶିନୀ ମାସିକ ଋତୁଚକ୍ରରେ ମହିଳାମାନେ ସମ୍ମୁଖୀନ ହାଉଥିବା ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଏହାକୁ ସାମ୍ନା କରିବାପାଇଁ ମାନସିକ ଭାବେ କିପରି ସୁସ୍ଥ ରହିବେ ସେ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। 'ମହିଳା ସଶକ୍ତିକରଣ' ବିଷୟ ବସ୍ତୁକୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ ଥିଲା ବେଳେ 'ମହିଳା ସଶକ୍ତିକରଣ -ଏକ ପରିକଳ୍ପନା ନା ବାସ୍ତବତା' ବିଷୟକୁ ନେଇ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ବିତର୍କ ପ୍ରତିଯୋଗିତା ଆୟୋଜନ କରାଯାଇ ଥିଲା। ଛାତ୍ରୀମାନେ ବହୁ ଉତ୍ସାହ ସହ ଯୋଗ ଦେଇଥିଲେ। ଆଦାନୀ ଫାଉଣ୍ଡେସନ ପକ୍ଷରୁ କୃତୀ ଛାତ୍ରୀ ମାନଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। କୃତି ଛାତ୍ରୀ ମାନେ ହେଲେ ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ତୃତୀୟ ବର୍ଷର ଛାତ୍ରୀ ରିଶିକା ମିଶ୍ର, କଳା ବିଭାଗର ଦ୍ୱିତୀୟ ବର୍ଷ ଛାତ୍ରୀ ସାଇ ସମ୍ପର୍ଣ୍ଣା, ବିଜ୍ଞାନ ବିଭାଗର ଦ୍ୱିତୀୟ ବର୍ଷ ଛାତ୍ରୀ ଏନ୍ ହରପ୍ରିୟା ରେଡ୍ଡୀ ଯଥାକ୍ରମେ ଇଂରାଜୀ ବିତର୍କରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିଗ୍ରହଣ କରିଥିଲେ। ସେହିପରି ଓଡ଼ିଆ ବିତର୍କରେ କଳା ବିଭାଗର ଦ୍ୱିତୀୟ ବର୍ଷ ଛାତ୍ରୀ, ଶିଖା ନାହାକ, ପ୍ରତିଭା ଆବାସିକ ମହା ବିଦ୍ୟାଳୟର ଖୁଶି ଜେନା ଓ ଡି. କାଜଲ ପାତ୍ର ପ୍ରମୁଖ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିଗ୍ରହଣ କରିଥିଲେ। ସ୍ୱତନ୍ତ୍ର ଜୁରୀ ପୁରସ୍କାରରେ ଓମ୍ ପ୍ରକାଶ ଡୋରା ପୁରସ୍କୃତ ହୋଇଥିବା ବେଳେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଶାଶ୍ୱତୀ ସୌମ୍ୟ ପଟ୍ଟନାୟକ, ତେଜସ୍ୱିନୀ ବେହେରା, ଡି. କାଜଲ ପ୍ରଧାନ, ଦୀପ୍ତିମୟୀ ପଣ୍ଡା, ଶୁଭସ୍ମିତା ଗୌଡ଼ ପ୍ରମୁଖ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିଗ୍ରହଣ କରିଥିଲେ।





# ଆଇଟିଇପି ଲାଗୁ ପାଇଁ ବୁଝାମଣା ପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ରହିଥିବା ଶିକ୍ଷକ ଶିକ୍ଷଣ ଅନୁଷ୍ଠାନମାନଙ୍କରେ (ବିଏଡ଼ କଲେଜରେ) ଇଂଟ୍ରିଗ୍ରେଟେଡ଼ ଟିଚର ଏଜୁକେସନ ପ୍ରୋଗ୍ରାମ (ଆଇଟିଇପି) ଲାଗୁ କରିବା ପାଇଁ ୮ଗୋଟି ଶିକ୍ଷକ ଶିକ୍ଷଣ ଅନୁଷ୍ଠାନ ଆଜି ସେମାନଙ୍କର ନିକଟସ୍ଥ ସରକାରୀ ଡିଗ୍ରୀ ମହାବିଦ୍ୟାଳୟ ମାନଙ୍କ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇସାରିବା ପରେ ଆଗାମୀ ଦିନରେ ନ୍ୟାସନାଲ କାଉନସିଲ ଫର ଟିଚର ଏଜୁକେସନର ନିୟମ ଅନୁଯାୟୀ ଇଂଟ୍ରିଗ୍ରେଟେଡ଼ ଟିଚର ଏଜୁକେସନ ପ୍ରୋଗ୍ରାମକୁ ଲାଗୁ କରିହେବ। ଆଇଟିଇପି ଲାଗୁ ହେବା ଦ୍ୱାରା ଶିକ୍ଷକ ଶିକ୍ଷଣ ଅନୁଷ୍ଠାନ ଗୁଡ଼ିକ ମଲ୍ଟି ଡିସପ୍ଲିନାରୀ ହୋଇପାରିବେ। ଏଥିସହିତ +୨ପରେ ଛାତ୍ରଛାତ୍ରୀମାନେ ଓଞ୍ଚରଚ ମାଧ୍ୟମରେ ୪ ବର୍ଷର ପାଠ୍ୟକ୍ରମରେ ନିଜର ବିଇଡ଼ି ଶିକ୍ଷାକୁ ସମ୍ପୂର୍ଣ୍ଣ କରିପାରିବେ। ବିଗତ ଦିନ ମାନଙ୍କରେ ଛାତ୍ରଛାତ୍ରୀମାନେ +୨ ପରେ ୩ ବର୍ଷ ସ୍ନାତକ ଏବଂ ଏହା ପରେ ୨ ବର୍ଷର ବିଇଡ଼ି ପାଠ୍ୟକ୍ରମ ଅର୍ଥାତ ୫ ବର୍ଷ ପରେ ବିଇଡ଼ି ସାର୍ଟିଫିକେଟ





ପାଇପାରୁଥିଲେ। ଆଇଟିଇପି ଲାଗୁ ହେବା ପରେ ଛାତ୍ରଛାତ୍ରୀମାନେ ସିଧା ସଳଖ ଆଇଟିଇପି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇ ନିଜର ସ୍ନାତକ ଓ ବିଇଡ଼ି ପାଠ୍ୟକ୍ରମକୁ ୪ ବର୍ଷ ମଧ୍ୟରେ ସମାପ୍ତ କରିପାରିବେ। ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ଏହି ପଦକ୍ଷେପ ନିଆଯାଇଛି।

ଏଥିସହିତ ରାଜ୍ୟରେ ଥିବା ୧୮୯ ଗୋଟି ବେସରକାରୀ ସ୍ନାତକ ମହାବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୧୬୮ କୋଟି ଟଙ୍କା ଆର୍ଥିକ ରାଶି ଅନୁମୋଦିତ ହୋଇଛି । ଏହି ଆର୍ଥିକ ରାଶି ଦ୍ୱାରା ମହାବିଦ୍ୟାଳୟ ମାନଙ୍କରେ ଅତିରିକ୍ତ ଶ୍ରେଣୀ ଗୃହ, ଲବ୍ରୋଟୋରୀ, କ୍ୟାଂଟିନ, ପାଠାଗାର, କମନ୍ ରୁମ୍, ମଲ୍ଟି ପର୍ପସ ହଲ୍, ଆଡମିନିଷ୍ଟ୍ରେଟିଭ ଓ ଆକାଡ଼େମିକ ବିଲଡିଂ ଆଦିର ନିର୍ମାଣ, ମରାମତି, ପୁନରୁଦ୍ଧାର କାର୍ଯ୍ୟ କରାଯାଇପାରିବ।

ଏହି ଅବସରରେ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଛାତ୍ରଛାତ୍ରୀମାନେ ଆଭାସୀ ମାଧ୍ୟମରେ ଏକ ଭାବବିନିମୟ କାର୍ଯ୍ୟକ୍ରମରେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ, ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ହେଉଛି ଆମର ଲକ୍ଷ୍ୟ। ମହାବିଦ୍ୟାଳୟ ଗୁଡ଼ିକର ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ସେମାନଙ୍କର ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିବା ଦିଗରେ ଆମେ ପ୍ରତିଶ୍ରୁତିବଦ୍ଧ। ରାଜ୍ୟରେ ଇଣ୍ଟିଗ୍ରେଟେଡ଼ ଟିଚର ଏଜୁକେସନ ପ୍ରୋଗ୍ରାମ ଲାଗୁହେବା ଦ୍ୱାରା ଛାତ୍ରଛାତ୍ରୀମାନେ +୨ ପରେ ୪ ବର୍ଷ ମଧ୍ୟରେ ନିଜର ବିଇଡ଼ି ପାଠ୍ୟକ୍ରମକୁ ସମାପ୍ତ କରିପାରିବେ ଯାହାକି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏଥିସହିତ ବେସରକାରୀ ମହାବିଦ୍ୟାଳୟମାନଙ୍କର ସୁଦୃଢ଼ ଭିତ୍ତିଭୂମି ନିର୍ମାଣ ଓ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଦିଗରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୧୬୮କୋଟି ଟଙ୍କାର ଆର୍ଥିକ ରାଶି ଅନୁମୋଦିତ ହୋଇଛି, ଯାହାକି ନିଶ୍ଚିତ ରୂପେ ମହାବିଦ୍ୟାଳୟର ସାମଗ୍ରିକ ବିକାଶ ଦିବରେ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ ମତବ୍ୟକ୍ତ କରିଛନ୍ତି।

# ଦୁଇ ବର୍ଷରେ ସାପ କାମୁଡାରେ ୧୮୫୯ ମୃତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଦୁଇ ବର୍ଷରେ ସାପ କାମୁଡ଼ାରେ ମଲେଣି ୧୮୫୯ ଜଣ ଲୋକ । ବିଧାୟିକା ସୁବାସିନୀ ଜେନାଙ୍କ ପ୍ରଶ୍ନର ଲିଖିତ ଉତ୍ତର ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ । ୨୦୨୩-୨୪ ଆର୍ଥିକ ବର୍ଷରେ ୧୧୫୦ ଜଣ ସାପ କାମୁଡାରୁ ପ୍ରାଣ ହରାଇଛନ୍ତି । ଏଥିରେ ୧୦୨୨ ଜଣ ପରିବାରକୁ ଅନୁକମ୍ପା ରାଶି ମିଳିଛି । ସେହିପରି ୨୦୨୪-୨୫ ରେ ୭୦୯ ଜନଙ୍କ ସାପ କାମୁଡ଼ାରେ ଜୀବନ ଯାଇଛି। ୪୩୫ ଜଣଙ୍କ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ କରାଯାଇଛି । ୨୦୨୩-୨୪ ରେ ବାଲେଶ୍ୱରରେ ସର୍ବାଧିକ ସାପ କମୁଡ଼ା ମୃତ୍ୟୁ ହୋଇଛି। ତା ପଛକୁ କଟକ ଓ ଗଞ୍ଜାମ ରହିଛନ୍ତି । ୨୦୨୪-୨୫ ରେ କଟକରେ ସର୍ବାଧିକ ଲୋକ ସାପ କାମୁଡାରେ ମରିଛନ୍ତି । ତା ପଛକୁ ରହିଛି ଗଞ୍ଜାମ ଓ କେନ୍ଦୁଝର ।

# ସଡ଼କ ସୁରକ୍ଷା ମାସରେ ଦୁର୍ଘଟଣା ଘଟି ଯାଇଛି ୫୦୫ ଜୀବନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସଡ଼କ ସୁରକ୍ଷା ମାସରେ ସଡ଼କ ଦୁର୍ଘଟଣାରେ ଯାଇଛି ୫୦୫ ଜୀବନ। ଗୋଟିଏ ମାସରେ ହିଁ ୮୪୮ ଦୁର୍ଘଟଣା ହୋଇଛି। ଏଥିରେ ୪୭୨ ଜଣ ଆହତ ହୋଇଥିଲେ ବୋଲି ବିଧାନସଭାରେ ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ସଡ଼କ ସୁରକ୍ଷା ସଚେତନତା ପାଇଁ ରାଜ୍ୟ ସରକାର ଏକ କୋଟି ୮୯ ଲକ୍ଷ ୬୬ ହଜାର ୬୯୪ ଟଙ୍କା ଖର୍ଚ୍ଚ କରିଛନ୍ତି। ଅନ୍ୟପକ୍ଷରେ ଗତ ୫ ବର୍ଷରେ ଓଡ଼ିଶାରେ ସଡ଼କ ଦୁର୍ଘଟଣାରେ ମୋଟ ୫୪୩୩ଜଣଙ୍କ ମୃତ୍ୟୁ ଘଟିଛି। ବର୍ଷକୁ ସଡ଼କ ଦୁର୍ଘଟଣାରେ ୫ ହଜାର ୪୩୩ ଜଣ ମରୁଛନ୍ତି। ସେହିପରି ୧୦୦୦୮ ଆହତ ଓ ୧୧୩୬୬ ଦୁର୍ଘଟଣାର ଶିକାର ହୋଇଛନ୍ତି। ରାଜ୍ୟରେ ଯାନବାହାନ ସଂଖ୍ୟାର ଦ୍ରୁତ ବୃଦ୍ଧି ଓ ସଡ଼କ ସୁରକ୍ଷା ନିୟମ ଉଲଂଘନ ଯୋଗୁଁ ଅଧିକ ଦୁର୍ଘଟଣା ଘଟୁଥିବା ମନ୍ତ୍ରୀ କହିଛନ୍ତି।

# ରାଜ୍ୟରେ ୨୦,୪୩୫ ଏକର ଅନାବାଦୀ ଜମି ଜବରଦଖଲ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ୨୦,୪୩୫ ଏକର ଅନାବାଦୀ ଜମି ଜବରଦଖଲ । ସର୍ବାଧିକ ଯାଜପୁର ଜିଲ୍ଲାରେ ୭୧୬୦ ଅନାବାଦୀ ଜମି ଜବରଦଖଲ ହୋଇଛି । ସମ୍ବଲପୁରରେ ୪୪୦୩ ଏକର ଅନାବାଦୀ ଜମି ଜବରଦଖଲ ହୋଇଥିବା ବେଳେ ମୟୁରଭଞ୍ଜରେ ୨୨୨୪ ଏକର ଅନାବାଦୀ ଜମି ଜବରଦଖଲ ହୋଇଛି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଉତ୍ତର ରଖିଛନ୍ତି।



# ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ନିମନ୍ତେ ଓଏସ୍ଇଏଫ୍ଡି ସଂଘର ଗଣଶିକ୍ଷା ମନ୍ତ୍ରୀ ଓ ସଚିବଙ୍କ ସହ ଆଲୋଚନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଗୁରୁବାର ବିଧାନସଭା ପରିସରରେ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶାଳୀନ ପଣ୍ଡିତଙ୍କ ସହ ସକ୍ଷମ ସଂଗଠନର ସମ୍ପାଦିକା ଶ୍ରୀମତୀ ମନସ୍ମିତା ଜେନା, ଓଡ଼ିଶା ସ୍ପେସିଆଲ ଏଜୁକେଟର ଫେଡ଼େରସନ ଫର ଦିବ୍ୟାଙ୍ଗ ସଂଘର ରାଜ୍ୟ ସମ୍ପାଦକ ଆୟୁଷ୍ମାନ ଚୌଧୁରୀ, ଉପସଭାପତି ବିଶ୍ୱବିଜୟୀ ଦାଶ, ନୟାଗଡ଼ ଜିଲ୍ଲା ସଭାନେତ୍ରୀ ତୃପ୍ତିମୟୀ ପ୍ରଧାନ, କୋର କମିଟି ସଦସ୍ୟା ଶୁଭସ୍ମିତା ମିଶ୍ର ପ୍ରମୁଖ ସହ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଓଡ଼ିଶାର ପ୍ରତ୍ୟେକ ସାଧାରଣ ବିଦ୍ୟାଳୟରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କ ଶିକ୍ଷାର ଉନ୍ନତି ପାଇଁ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ନିମନ୍ତେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା ଏବଂ ଓଏସଇଏଫଡ଼ି ସଂଘର ଦାବି ଥିଲା ଯେ, ସାଧାରଣ ବିଦ୍ୟାଳୟରେ ଯେମିତି ଭିନ୍ନ ଭିନ୍ନ ଶିକ୍ଷକ ନିଯୁକ୍ତି ହେଉଛନ୍ତି, ସେହିପରି ଭାବେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତିର ବିଜ୍ଞାପନ ବାହାର କରାଯାଇ ନିର୍ଦ୍ଦିଷ୍ଟ ଭାବେ ଚୟନ କରାଯାଇ ନିଯୁକ୍ତି ଦିଆଯାଉ। ଏହି ଦାବିକୁ ମନ୍ତ୍ରୀ ଶ୍ରୀ ଗଣ୍ଡ ଓ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ପଣ୍ଡିତ ସହୃଦୟତାର ସହ ନେଇ ଖୁବ୍‌ଶୀଘ୍ର ବିଜ୍ଞପ୍ତି ବାହାର କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସୂଚ଼ନାଥାଉକି, ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କ ଶିକ୍ଷା ପାଇଁ ସାଧାରଣ ବିଦ୍ୟାଳୟରେ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ନିମନ୍ତେ ସୁପ୍ରିମକୋର୍ଟ ଜନସ୍ୱାର୍ଥ ମାମଲାରେ ରାୟ ଶୁଣାଣି କରି ୨୮ ଅକ୍ଟୋବର ୨୦୨୧ରେ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରତ୍ୟେକ ସାଧାରଣ ସରକାରୀ ବିଦ୍ୟାଳୟରେ ଜଣେ ଜଣେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଆଦେଶ ଅନୁପାଳନ ନ ହେବାରୁ ୭ ମାର୍ଚ୍ଚ ୨୦୨୫ ତାରିଖରେ ସର୍ବୋଚ୍ଚ ନ୍ୟାୟଳୟର ନ୍ୟାୟାଧିଶ ସୁଧାଂଶୁ ଧୂଳିଆ ଓ କେ. ବିନୋଦ ଚନ୍ଦ୍ରନ୍ ଖଣ୍ଡପୀଠରେ ସେହି ରାୟ ଉପରେ ଶୁଣାଣି ହୋଇଥିଲା।ଏହି ଶୁଣାଣିରେ ସର୍ବୋଚ୍ଚ ନ୍ୟାୟଳୟ ସମସ୍ତ ରାଜ୍ୟକୁ ୩ ସପ୍ତାହ ଭିତରେ ଅର୍ଥାତ ୨୮ ମାର୍ଚ୍ଚ ସୁଦ୍ଧା ଦୁଇଟି ଖବର କାଗଜ ଓ ଶିକ୍ଷା ବିଭାଗର ୱେବସାଇଟରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ବିଜ୍ଞାପନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ସାଧାରଣ ବିଦ୍ୟାଳୟରେ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦିଆଗଲେ ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନେ ଉତ୍ତମ ଶିକ୍ଷା ପାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେବା ସହ ଆଶାୟୀ ସ୍ୱତନ୍ତ୍ର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉପକୃତ ହୋଇପାରିବେ ବୋଲି ମତପ୍ରକାଶ ପାଇଛି ।

# ଷ୍ଟେନଲେସ ସ୍ୱଚ୍ଛତା ଅଭିଯାନର ବାର୍ଷିକ ସମ୍ମିଳନୀ

**କଳିଙ୍ଗନଗର, ନ୍ୟୁଜ ବ୍ୟୁରୋ**

ଜିନ୍ଦଲ ଷ୍ଟେନଲେସ ଫାଉଣ୍ଡେସନ ଦ୍ୱାରା ଷ୍ଟେନଲେସ ସ୍ୱଚ୍ଛତା ଅଭିଯାନର ବାର୍ଷିକ ସମ୍ମିଳନୀ ଦାନଗଦି ଭବନଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ଜିନ୍ଦଲ ଷ୍ଟେନଲେସ ଲିମିଟେଡ଼ର ଯାଜପୁର ପ୍ଲାଣ୍ଟ ମୁଖ୍ୟ, ଦୀପକ ଅଗ୍ରୱାଲ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହି ପ୍ରକଳ୍ପର ଉପକାରିତା ଉପରେ ଆଲୋକପାତ କରିଥିବାବେଳେ ଗ୍ରାମ୍ୟ ପରିବେଶ ଆବର୍ଜନା ମୁକ୍ତ ନହେଲେ ବିଭିନ୍ନ ମାରାତ୍ମକ ରୋଗ ବ୍ୟାପିବା ସହିତ ଧନ ଜୀବନ ହାନି ହେବାର ଯଥେଷ୍ଟ ସମ୍ଭାବନା ଥାଏ ବୋଲି ମତବ୍ୟକ୍ତ କରିଥିଲେ । ଦୀପକ ଅଗ୍ରୱାଲ ଏହି ପ୍ରକଳ୍ପର ସଫଳ ପରିଚାଳନା ପାଇଁ ଜନସହଯୋଗୀତା ଏବଂ ଜନସହଭାଗୀତା ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟତମ ମୁଖ୍ୟଅତିଥି ଦାନଗଦି ପାଞ୍ଚାୟତ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀ




ପ୍ରଦୀପ କୁମାର ଯୋଗ ଦେଇ ଏହି ଅଭିଯାନ ସୋଲେଇ, ସିଙ୍ଗାଗଡିଆ ଏବଂ ଦାନଗଦି ଗ୍ରାମଗୁଡିକରେ ସ୍ୱଚ୍ଛତା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବେବୋଲି ମତବ୍ୟକ୍ତ କରିଥିବା ବେଳେ ଏହି ପ୍ରକଳ୍ପ ଅଧୀନରେ ନିଆଯାଉଥିବା ବିଭିନ୍ନ ସ୍ୱଚ୍ଛତାଭିତ୍ତିକ କାର୍ଯ୍ୟକ୍ରମ ଗୁଡିକର ବର୍ଦ୍ଧିତ ଲୋକପ୍ରିୟତା ଉପରେ ଖୁସି ବ୍ୟକ୍ତ କରିଥିଲେ ।

ଏହି କାର୍ଯ୍ୟକ୍ରମର କରାଯାଇଥିବା ଗ୍ରାମ୍ୟ ପରିବେଶ ସ୍ୱଚ୍ଛତା ସମ୍ବନ୍ଧୀୟ ଦଳଗତ ଆଲୋଚନାରେ ସ୍ଥାନୀୟ ଗ୍ରାମରୁ ଆସିଥିବା ନେତୃସ୍ଥାନୀୟ ବ୍ୟକ୍ତି ତଥା ଜେଏସଏଲର ଅଧିକାରୀ, ତ୍ରିଜଙ୍ଗା ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚ ଏବଂ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସକ୍ରିୟ ଅଂଶଗ୍ରହଣ କରିବା ସହିତ ଏହି ପ୍ରକଳ୍ପର ଦିଗଗୁଡ଼ିକ ଉପରେ ଅବଲୋକନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୋଲେଇ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟମାନଙ୍କର ମତାମତ ବେଶ ଉତ୍ସାହ ଜନକ ଥିବାବେଳେ ଏହି ପ୍ରକଳ୍ପ ମାଧ୍ୟମରେ ଜିନ୍ଦଲ ଷ୍ଟେନଲେସ ଫାଉଣ୍ଡେସନ କିପରି ସୋଲେଇ ଗ୍ରାମକୁ ଏକ ଆବର୍ଜନା ମୁକ୍ତ ଗ୍ରାମ କରିବାର ପ୍ରୟାସ ଜାରି ରଖିଚି ତାହା ସମ୍ପୂର୍ଣ୍ଣ ରୂପେ ବାରି ହୋଇ ପଡିଥିଲା। ଏହି ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗନେଇଥିବା ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ଏହାସହିତ ଷ୍ଟେନଲେସ ସ୍ୱଚ୍ଛତା ଅଭିଯାନ ପ୍ରକଳ୍ପରେ ଉଲେଖନୀୟ ଯୋଗଦାନ କରିଥିବା ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜିନ୍ଦଲ ଷ୍ଟେନଲେସର ସ୍ୱେଚ୍ଛାସେବୀ ସଂସ୍ଥା ସହଭାଗୀ, ଗ୍ରୀନ ଡ୍ରିମ୍ ଫାଉଂଡେସନର ନିର୍ଦ୍ଦେଶକ, ଆଶିଷ ସତଦେବ ପରିଚାଳନା କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଇଆରବି କନଷ୍ଟେବଲ...

ନିର୍ଦ୍ଦେଶନାମା ଅନୁଯାୟୀ ଏହି ପ୍ରାର୍ଥୀମାନଙ୍କୁ ସୁଯୋଗ ଯୋଗାଇ ଦିଆଯିବ।

ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରି ଏହି 'ଅଧିକ ବୟସ୍କ' ପ୍ରାର୍ଥୀମାନଙ୍କ ପାଇଁ ପରୀକ୍ଷା କରାଯାଇଥିଲା । ତଥାପି ଏହି ପରୀକ୍ଷାର ଫଳାଫଳ ଏପର୍ଯ୍ୟନ୍ତ ଘୋଷଣା କରାଯାଇ ନାହିଁ। ପ୍ରାରମ୍ଭରେ ଆଇଆରବିରେ ୧,୮୦୦ ରୁ ଅଧିକ କନଷ୍ଟେବଲ ପଦବୀ ପାଇଁ ନିଯୁକ୍ତି ଚଳିତ ମାସ ୧୭ ତାରିଖରେ ଆରମ୍ଭ ହେବାକୁ ଥିଲା। ହାଇକୋର୍ଟ ବର୍ତ୍ତମାନ ଏହି ପ୍ରକ୍ରିୟାଗୁଡ଼ିକୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ସୂଚନା ଅନୁଯାୟୀ, ବିଜ୍ଞପ୍ତି ପୂର୍ବରୁ ଛଅ ବର୍ଷ ଧରି ଆଇଆରବି କନଷ୍ଟେବଲ ପଦବୀ ପାଇଁ ନିଯୁକ୍ତି ପ୍ରକାଶ କରାଯାଇ ନଥିଲା। ତେଣୁ ବୟସ କାରଣରୁ ଅନେକ ଚାକିରି ଆଶାୟୀ ପଦବୀ ପାଇଁ ଆବେଦନ କରିବାର ସୁଯୋଗ ପାଇ ନଥିଲେ। ସେମାନେ ଏହି ମାମଲାରେ ହାଇକୋର୍ଟର ହସ୍ତକ୍ଷେପ ଲୋଡ଼ିଥିଲେ ଏବଂ ସେମାନଙ୍କୁ ବୟସ-ଛାଡ ଦେବା ପାଇଁ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଜାରି କରିବାକୁ କୋର୍ଟଙ୍କୁ ଆବେଦନ କରିଥିଲେ।

## ପୋଲାଭରମ ପ୍ରସଙ୍ଗକୁ ...

ହେବାରୁ ଗୃହକୁ ତିନିଥରରେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା। ଗୁରୁବାର ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ସକାଳ ୧୦.୩୦ ମିନଟରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ବିଜେଡ଼ି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନର ଉତ୍ତର ମୁଖ୍ୟମନ୍ତ୍ରୀଙ୍କ ତରଫରୁ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଦେଉଥିବା ବେଳେ ବିଜେଡିର ବିଧାୟକ ମାନେ ଗୃହର ମଧ୍ୟ ଭାଗକୁ ଆସି ପୋଲାଭରମ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ଦାବି କରିବା ସହ ନାରାବାଜି କରିଥିଲେ । ଏଥିଯୋଗୁ ବାଚସ୍ପତି ଗୃହକୁ ମୁଲତବୀ କରିବାକୁ ବାଧ୍ୟ ହୋଇଥିଲେ। ୧୧.୩୦ରେ ପୁନର୍ବାର ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ପୁଣି ବିଜେଡି ବିଧାୟକ ମାନେ ପୋଲାଭରମ ପ୍ରସଙ୍ଗକୁ ନେଇ ନାରାବାଜି କରିଥିଲେ । ଅନ୍ୟ ପକ୍ଷରେ କଂଗ୍ରେସ ବିଧାୟକ ମାନେ ମଧ୍ୟ ହାତରେ ପ୍ଲାକାର୍ଡ ଧରି ମହିଳା ଅପରାଧ ପ୍ରସଙ୍ଗରେ ନାରାବାଜି କରିଥିବା ଦେଖିବାକୁ ମିଳିଥିଲା । ବାଚସ୍ପତି ସୁରମା ପାଢ଼ୀ କହିଥିଲେ ଯେ ବିଜେଡି ଦଳ ପକ୍ଷରୁ ପୋଲାଭରମ ପ୍ରସଙ୍ଗରେ ମୁଲତବୀ ପ୍ରସ୍ତାବ ଆଲୋଚନା ପାଇଁ ନୋଟିସ ଦିଆଯାଇଥିଲା । ତେବେ ଏହି ମାମଲା ନ୍ୟାୟାଳୟରେ ବିଚାରାଧିନ ଥିବାରୁ ଗୃହର ନିୟମାବଳୀ ଅନୁସାରେ ଏହି ପ୍ରସ୍ତାବ ଉପରେ ଆଲୋଚନା ହୋଇ ପାରିବ ନାହିଁ । ଅନ୍ୟ ପକ୍ଷରେ ବିରୋଧୀ ବିଧାୟକ ମାନେ ହଟ୍ଟଗୋଳ ଜାରୀ ରଖିଥିଲେ । ବାଚସ୍ପତି ଗୃହରୁ ୧୨.୧୫ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ୧୨.୧୫ରେ ଗୃହ କାର୍ଯ୍ୟ ପୁଣି ଥରେ ଆରମ୍ଭ ହେବା ମାତ୍ରେ ସମାନ ସ୍ଥିତି ଉତ୍ପନ୍ନ ହୋଇଥିଲା । ଫଳରେ ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ୧୫ ମିନିଟ ଲେଖାଏଁ ଦୁଇ ଥର ତା ପରେ ଆଉ ୮ ମିନିଟ୍ ମୁଲତବୀ ରଖିଥିଲେ। ଏହା ପରେ ବାଚସ୍ପତି ଗୃହକୁ ଆସିଥିଲେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କୁ ବକ୍ତବ୍ୟ ରଖିବା ପାଇଁ ସୁଯୋଗ ଦେଇଥିଲେ। ଶ୍ରୀ କାଡାମ କହିଥିଲେ ଯେ, ଗୃହରେ ବାଚସ୍ପତିଙ୍କୁ ଅସମ୍ମାନ କରିବା ଭଳି କୌଣସି ଅଶୋଭନୀୟ କାର୍ଯ୍ୟ କଂଗ୍ରେସ ଦଳ ତରଫରୁ କରାଯାଇ ନାହିଁ। ବାଚସ୍ପତିଙ୍କୁ ଆମ ଦଳ ସବୁବେଳେ ସମ୍ମାନ ଦେଇଆସିଛି ଏବଂ ଏହି ଧାରା ବଜାୟ ରହିବ। ତେବେ ଗତକାଲିର ଘଟଣା ସମ୍ପର୍କରେ ଉଲ୍ଲେଖକରି ଶ୍ରୀ କାଡାମ କହିଥିଲେ ନାରୀ ସୁରକ୍ଷା ପ୍ରସଙ୍ଗରେ ଆମ ଦଳ ତରଫରୁ ସରକାରଙ୍କ ଠାରୁ ଉତ୍ତର ମଗାଯାଇଥିଲା। ରାଜ୍ୟରେ ନାରୀ ସୁରକ୍ଷା ଦିଗରେ ସରକାର କଠୋର ପଦକ୍ଷେପ ଗ୍ରହଣ କରିବା ନେଇ ଆମ ଦଳ ପକ୍ଷରୁ ଦାବି କରାଯାଇଥିଲା। ସେଥିପାଇଁ ଆମେ ଗୃହରେ ରାଜ୍ୟରେ ବଢିଚାଲିଥିବା ମହିଳା ଅତ୍ୟାଚାର ଘଟଣାର ପ୍ରତିବାଦ ଜଣାଉଥିଲୁ ଏବଂ ମନ୍ତ୍ରୀ ଉତ୍ତର ଦେଉଥିବା ବେଳେ ତାଙ୍କୁ ହାତଯୋଡି ନିବେଦନ କରିଥିଲୁ ଯେ, ପ୍ରଥମେ ନାରୀ ସୁରକ୍ଷା ପ୍ରସଙ୍ଗରେ ସରକାର ଉତ୍ତର ଦିଅନ୍ତୁ। କିନ୍ତୁ ତାହା ହୋଇନଥିଲା। ସେଥିରେ ବିବ୍ରତ ହୋଇ ଆମ ଦଳର ବିଧାୟକ ତାରା ପ୍ରସାଦ ବାହିନୀପତି ମନ୍ତ୍ରୀଙ୍କୁ ଉତ୍ତର ଦେବା ବେଳେ ଯୋଡ ହସ୍ତରେ ବାରଣ କରୁଥିବା ବେଳେ ଶାସକ ଦଳର ବିଧାୟକମାନେ ତାଙ୍କ ଉପରେ ଆକ୍ରମଣ କରିଥିଲେ ଏବଂ ତାଙ୍କୁ ଠେଲାପେଲା ମଧ୍ୟ କରିଥିଲେ। ଏପରିକି ସଂସଦୀୟ ବ୍ୟାପାର ମନ୍ତ୍ରୀ ମଧ୍ୟ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେଇଥିଲେ। ଏଭଳି ଘଟଣା ନିନ୍ଦନୀୟ। ଯାହା ବିଧାନସଭାରେ ଆଦୌ ଘଟିବା ଉଚିତ ନୁହେଁ। ଏହି ଘଟଣା ପାଇଁ ଶ୍ରୀ ବାହିନୀପତିଙ୍କୁ ସସ୍‌ପେଣ୍ଡ କରାଯାଇଛି। ହେଲେ ଶାସକ ଦଳରୁ ଯେଉଁମାନେ ଗଣ୍ଡଗୋଳରେ ସଂପୃକ୍ତ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଗୃହର ଗରିମା ଓ ପରମ୍ପରା ରକ୍ଷା ପାଇଁ ଶାସକ ଦଳ ଓ ସରକାର ଗୃହରେ ନମ୍ର ଆଚରଣ ପ୍ରଦର୍ଶନ କରିବା ଦରକାର। ବିରୋଧୀ ଦଳ ଯେଉଁ ପ୍ରସଙ୍ଗରେ ଆଲୋଚନା କରିବାକୁ ଚାହୁଁଛନ୍ତି ତାର ଉତ୍ତର ଦେବାର ଦରକାର। ସେଥିପ୍ରତି ସରକାର ସଚେତନ ନହୋଇ ଉଗ୍ର ଭାବେ ଯେପରି ଆଚରଣ କରୁଛନ୍ତି ତାହା ଠିକ୍ ନୁହେଁ। ବର୍ତ୍ତମାନ ପରିପ୍ରେକ୍ଷୀରେ ଶ୍ରୀ ବାହିନୀପତିଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିନିଆଯାଉ ବୋଲି ଶ୍ରୀ କାଡାମ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ଏହି ପ୍ରସଙ୍ଗରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ସର୍ବଦଳୀୟ ବୈଠକ ଡକାଇ ବିଚାର ଆଲୋଚନା ପାଇଁ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ସରକାରୀ ଦଳ ମୁଖ୍ୟ ସଚେତକ, କଂଗ୍ରେସ ବିଧାୟକ ଦଳ ନେତା, ବିଜେଡିର ବରିଷ୍ଠ ବିଧାୟକ ପ୍ରତାପ ଦେବ, ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖଙ୍କୁ ତାଙ୍କ ଚାମ୍ବରକୁ ଡାକିଥିଲେ ଏବଂ ଗୃହକୁ ଅଧଘଣ୍ଟା ପାଇଁ ମୁଲତବୀ କରିଥିଲେ। ସର୍ବଦଳୀୟ ବୈଠକରେ ଶ୍ରୀ ବାହିନୀପତିଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ନେଇ ଆଲୋଚନା ହୋଇଥିଲା। ତେବେ ବୈଠକରେ ଯୋଗଦେଇଥିବା କଂଗ୍ରେସ ବିଧାୟକଦଳ ନେତା ଶ୍ରୀ କାଡାମ ରାଜ୍ୟରେ ମହିଳାଙ୍କ ଉପରେ ଚାଲିଥିବା ଅତ୍ୟାଚାର ନେଇ ଗୃହ କମିଟି ଗଠନ ଦାବି ଉଠାଇଥିଲେ। ବାଚସ୍ପତି ଶ୍ରୀମତୀ ପାଢ଼ୀ ଗୃହରେ ଆଶୋଭନୀୟ ଆଚରଣ ପ୍ରଦର୍ଶନ ଏବଂ ଚେୟାର ପ୍ରତି ଅସମ୍ମାନ କରିଥିବାରୁ ପ୍ରଥମେ ବିଧାୟକ ଶ୍ରୀ ବାହିନୀପତି ଗୃହରେ କ୍ଷମା ପ୍ରାର୍ଥନା କରିବାକୁ ଜଣାଇଥିଲେ। ହେଲେ ଏହି ପ୍ରସଙ୍ଗରେ କୌଣସି ସ୍ପଷ୍ଟ ସୂଚନା ଶ୍ରୀ କାଡାମ ଦେଇନଥିବା ଜଣାପଡିଛି। ଗୁରୁବାର ଦିନ କଂଗ୍ରେସ ବିଧାୟକ ମାନେ ବିଧାନସଭାରେ ପ୍ରଶ୍ନକାଳକୁ ବର୍ଜନ କରିଛନ୍ତି । ସେମାନେ ପ୍ରଶ୍ନକାଳରେ ସାମିଲ ନହୋଇ ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଇଥିବା ଦେଖିବାକୁ ମିଳିଥିଲା।

## ଓପିଏସ୍‌ସି ...

ପ୍ରାର୍ଥୀଙ୍କ ନାମ ସୁପାରିସ କରାଯାଇଛି। ସଫଳ ହୋଇଥିବା ପ୍ରାର୍ଥୀଙ୍କ ତାଲିକାରେ ସୋମେଶ ରଣବିଜୁଳି ଓଜେଏସ-୨୦୨୩ ପରୀକ୍ଷାରେ ଟପ୍ପର ହୋଇଥିବା ବେଳେ, ଅରୁଣିମା ପତି ଏବଂ ପାୟଲ ଆଗ୍ଗା ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଓପିଏସସି ଦ୍ୱାରା ପ୍ରକାଶିତ ଏକ ବିଜ୍ଞପ୍ତିରେ କୁହାଯାଇଛି, ସମସ୍ତଙ୍କ ଅବଗତି ପାଇଁ ଜଣାଯାଉଛି ଯେ, କମିଶନ ଏଠାରେ ୨୦୨୩-୨୪ର ବିଜ୍ଞାପନ ସଂଖ୍ୟା ୩୦ ଅନୁଯାୟୀ, ଓଡ଼ିଶା ନ୍ୟାୟିକ ସେବା-୨୦୨୩ରେ ସିଭିଲ ଜଜ ପଦବୀରେ ନିଯୁକ୍ତି ପାଇଁ ଯୋଗ୍ୟତା କ୍ରମରେ ୩୩ (୨୪-ମହିଳା) ପ୍ରାର୍ଥୀଙ୍କ ନାମ (ତାଲିକା ସଂଲଗ୍ନ) ସୁପାରିସ କରାଯାଇଛି।

## ପରିବେଶ ସନ୍ତୁଳନ...

ଲୋକମାନଙ୍କ ଆର୍ଥିକ ଉନ୍ନତି ପାଇଁ ଦୃଷ୍ଟି ଦିଆଯାଉଛି। ନନ୍ଦନକାନନକୁ ବିଶ୍ୱସ୍ତରୀୟ ପ୍ରାଣୀ ଉଦ୍ୟାନରେ ପରିଣତ କରି ପର୍ଯ୍ୟଟନର ବିକାଶ କରିବା ପାଇଁ ବିଭାଗ କାର୍ଯ୍ୟ କରୁଛି। ସରକାରଙ୍କ ପଦକ୍ଷେପ ଫଳରେ ରାଜ୍ୟରେ ୫୫୮.୫୭ ବର୍ଗକିଲୋମିଟର ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳରେ ଅଭିବୃଦ୍ଧି ଘଟିଛି ଯାହା ଦେଶରେ ତୃତୀୟ ସର୍ବାଧିକ। ସେହିପରି ରାଜ୍ୟରେ ହେନ୍ତାଳ ବଣ ଅଞ୍ଚଳରେ ୧.୫୫ ବର୍ଗ କିଲୋମିଟର ଅଭିବୃଦ୍ଧି ଘଟିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ମୋଟ ଏକ କୋଟି ୬୭ ଲକ୍ଷ ଚାରା ରୋପଣ, ୩ କୋଟି ଚାରା ବଣ୍ଟନ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ମହାନଦୀ ମିଶନ ଯୋଜନାରେ ୫୩ କୋଟି, ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଏକ ପେଡ୍ ମା କେ ନାମ ଅଭିଯାନରେ ୫ କୋଟି ୬୦ ଲକ୍ଷ ୬୮ ହଜାର ୯୯୦ ସଂଖ୍ୟକ ବୃକ୍ଷ ଚାରା ରୋପଣ କରାଯାଇଛି। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ ଯୋଜନାରେ ୧୦ଟି ଜିଲ୍ଲାର ୧୪ଟି ବନ ଖଣ୍ଡରେ ୧୦୩୦ କୋଟି ଟଙ୍କା ବ୍ୟୟରେ କାର୍ଯ୍ୟକାରୀ ହେଉଛି। ହାତୀ ଚଲାପଥ ଉନ୍ନତିକରଣ ଓ ସଂରକ୍ଷଣ ପାଇଁ ୨୫ କୋଟି ଟଙ୍କା, ବନ୍ୟଜନ୍ତୁ ଓ ସେମାନଙ୍କ ଆବାସସ୍ଥଳୀର ସୁରକ୍ଷା ସଂରକ୍ଷଣ ପାଇଁ ୭୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ସେହିପରି ପରିବେଶ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ୨୧ କୋଟି, ଆମ ଶିମିଳିପାଳ ଯୋଜନା ପାଇଁ ୫୦ କୋଟି, ନନ୍ଦନକାନନ ପାଇଁ ୪୦ କୋଟି, ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ପାଇଁ ୩ କୋଟି ୩୨ ଲକ୍ଷ, ଚିଲିକା ଲାଗୁନ୍‌ରେ ଏକ୍ଲୀକୃତ ଓ ଜୈବ ପୁନରୁଦ୍ଧାର କାର୍ଯ୍ୟ ପାଇଁ ୪ କୋଟି ୯୯ ଲକ୍ଷ ୯୯ ହଜାର ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି। ପ୍ରାକୃତିକ ସମ୍ପଦ ଓ ଜୈବ ପଦ୍ଧତିର ସଂରକ୍ଷଣ ପାଇଁ ୧୬ କୋଟି, ଆଞ୍ଚଳିକ ଉଦ୍ଭିଦ କେନ୍ଦ୍ର ପାଇଁ ୧୯ କୋଟି ୨୦ ଲକ୍ଷ ଟଙ୍କାର ପ୍ରସ୍ତାବ ରଖାଯାଇଛି ବୋଲି ମନ୍ତ୍ରୀ କହିଥିଲେ। ମନ୍ତ୍ରୀଙ୍କ ଉତ୍ତର ପରେ ଖର୍ଚ୍ଚ ଦାବି ବାଚନିକ ଭୋଟ୍‌ରେ ଗୃହର ଅନୁମୋଦନ ଲାଭ କରିଥିଲା। ତେବେ ଏହା ପୂର୍ବରୁ ବିଜେଡ଼ି ବିଧାୟକମାନେ ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି କକ୍ଷ ତ୍ୟାଗ କରିଥିଲେ। ଖର୍ଚ୍ଚ ଦାବି ଗୃହୀତ ହେବା ପରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ଗୃହକୁ ସୋମବାର ପୂର୍ବାହ୍ନ ୧୦ଟା ୩୦ ଯାଏଁ ମୁଲତବୀ ଘୋଷଣା କରିଥିଲେ। ପୂର୍ବରୁ ଏହି ଆଲୋଚନାରେ ବିଧାୟକ ସର୍ବଶ୍ରୀ ତୁଷାରକାନ୍ତି ବେହେରା, ଭାସ୍କର ମଢେଇ, ଧ୍ରୁବଚରଣ ସାହୁ, ପଦ୍ମଲୋଚନା ପଣ୍ଡା, ରମେଶ ଚନ୍ଦ୍ର ବେହେରା, ନରସିଂହ ମାଡକାମୀ, ଉମା ଚରଣ ମଲ୍ଲିକ, ସୌଭିକ୍ ବିଶ୍ୱାଳ, ଭାଦବ ହାଂସଦା, ରୁପୁ ଭାତ୍ରା ପ୍ରମୁଖ ଭାଗ ନେଇଥିଲେ।

# ୧୭ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆଗାମୀମାର୍ଚ୍ଚ ୧୭ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣିବନ୍ଦ ରହିବ ।ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ବଳବତର ଥିବା ହେତୁ ଆସନ୍ତା ସୋମବାର ମାର୍ଚ୍ଚ ୧୭ ତାରିଖ ଦିନ ଭୁବନେଶ୍ୱର,ୟୁନିଟ-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ଓ ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ।ଏ ସଂପର୍କରେ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ଓଜେଏସ୍ କୃତକାର୍ଯ୍ୟ ପରୀକ୍ଷାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଜେଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଲେଖିଛନ୍ତି: ଓଡ଼ିଶା ନ୍ୟାୟିକ ସେବା ପରୀକ୍ଷା ୨୦୨୩ରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ପରୀକ୍ଷାର୍ଥୀଙ୍କୁ ମୋର ଶୁଭେଚ୍ଛା ଜଣାଉଛି। ନିଜର କଠିନ ପରିଶ୍ରମ ଏବଂ ଅଧ୍ୟବସାୟ ବଳରେ ଆପଣମାନେ ଏହି ସଫଳତା ହାସଲ କରିଛନ୍ତି। ଆଗାମୀ ଦିନରେ ଲୋକଙ୍କୁ ସର୍ବୋତମ ସେବା ପ୍ରଦାନ ସହ ଓଡ଼ିଶାର ନ୍ୟାୟ ବ୍ୟବସ୍ଥାକୁ ଆହୁରି ଦୃଢ଼ କରିବାରେ ଆପଣମାନଙ୍କ ମହତ୍ୱପୂର୍ଣ୍ଣ ଯୋଗଦାନ ରହିବ ବୋଲି ମୋର ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-60-24

**କାର୍ଯ୍ୟର ବିବରଣୀ :** ଖୋର୍ଦ୍ଧା ରୋଡ଼ ଠାରେ ନୂଆ ECoRSA-ଖୋର୍ଦ୍ଧା ରୋଡ଼ ଫୁଟବଲ ପଡ଼ିଆରେ ଫ୍ଲଡ୍ ଲାଇଟିଙ୍ଗ (Flood Lighting) ବନ୍ଦୋବସ୍ତ ବ୍ୟବସ୍ଥା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 83,40,501.63, EMD : ₹ 1,66,800/-, ଶେଷ ହେବା ଅବଧି : 3 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.02.04.2025ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ଖୋର୍ଦ୍ଧା ରୋଡ଼

PR-1082/P/24-25

CAD-2842

**NOTICE INVITING TENDER**

**Office of Chief CSO/ CSO-cum-District Managers Odisha State Civil Supplies Corporation Ltd.**
**District : BARGARH**

Tender No. for the Block/ULB for KMS 2024-25 :

1. Attabira Block/NAC-959/07.03.2025
2. Bheden Block-960/07.03.2025
3. Ambabhona Block-961/07.03.2025
4. Bargarh Block/Municipality-962/07.03.2025
5. Barpali Block/NAC-963/07.03.2025
6. Bhatii Block-964/07.03.2025
7. Bijepur Block/NAC-965/07.03.2025
8. Gaisilet Block-966/07.03.2025
9. Jharbandh Block -967/07.03.2025
10. Padampur Block /NAC -968/07.03.2025
11. Sohela Block-969/07.03.2025
12. Paikmal Block -970/07.03.2025

District Manager, Odisha State Civil Supplies Corporation Ltd., Bargarh invites tender in Double Cover System through **ONLINE MODE ONLY on e-procurement portal www.tendersodisha.gov.in** for the works below.

| | | |
|---|---|---|
| 1 | Name of the Work | Selection and Appointment of Transport Contractors for transportation of **(i)** Paddy from Paddy Purchase Centres (PPCs) / Mandis to Rice Mill points in Bargarh District & **(ii)** Custom Miller Rice (CMR) from Rice Mills points to Rice Receiving Centers (RRCsJ/Depots in Bargarh District for the KMS 2024-25. |
| 2 | Availability of tender documents in the portal | **From Dt. 12.03.2025 5:00 PM onwards** |
| 3 | Last date & time for receipt of complete Tender Documents in the portal | **Dt24.03.2025 Upto 5:00PM** |
| 4 | Date & time for opening of Technical Bid | **Dt.25.03.2025 at 11:00 AM** |
| 5 | Name & address of the Officer Inviting Tender | **District Manager, OSCSC Ltd.. Bargarh** |

Tender Documents & other details can be seen from the e-procurement portal www.oscsc.in, www.foododisha.in, www.tendersodisha.gov.in and www.bargarh.nic.in. Amendments /corrigendum/cancellation/re-tenders etc. if any shall be published only in above websites.

Sd/- Chief CSO-cum/District OSCSC Ltd.,Bargarh

OIPR-07036/11/0004/2425

**OFFICE OF THE REGULATED MARKET COMMITTEE, PARALAKHEMUNDI, GAJAPATI**
**e-mail: rmcpkd123@gmail.com**

**SHORT TENDER CALL NOTICE NO. 411 /RMC DATED. 11.03.2025**

Short Tender call Notice from the Registered Contractors has been issued under RMC Paralakhemundi. The details the tender available at office. The Intending bidders are requested to visit to office for purchase of tender paper and other further enquiry of the above the tender.

| | |
|---|---|
| Tender document sold | : 13.03.2025 to 24.03.2025 |
| Receive of tender document | : upto 25.03.2025 at 5.PM. |
| Tender will open | : 28.03.2025 at 11 AM at office of the RMC Paralakhemundi |

Sd/-
Secretary
RMC, Paralakhemundi

ଭୁବନେଶ୍ୱର
୧୪ ମାର୍ଚ୍ଚ,
ଶୁକ୍ରବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଓ ଗୁଣ୍ଡିଚାମନ୍ଦିର ଅନୁଧ୍ୟାନ କଲେ ଗଜପତି ମହାରାଜ



**ଭୁବନେଶ୍ୱର, ୧୩/୦୩ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅନୁଧ୍ୟାନ କଲେ ଗଜପତି ମହାରାଜ ଦିବ୍ୟ ସିଂହ ଦେବ। ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବୁଲି ସେ ଅନୁଧ୍ୟାନ କରିଛନ୍ତି। ଗଜପତି ମହାରାଜ ଗୁଣ୍ଡିଚା ମନ୍ଦିର ମଧ୍ୟ ବୁଲି ଦେଖିଛନ୍ତି। ଏହା ସହ ଅଧାପନ୍ତରିଆ ପ୍ରକଳ୍ପ, ମଠଗୁଡ଼ିକର ପୁନଃରୁଦ୍ଧାର କାର୍ଯ୍ୟ ନିରୀକ୍ଷଣ କରିଛନ୍ତି। ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ବୁଲି ଦେଖିଛନ୍ତି। ଗଜପତିଙ୍କ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ବିଭିନ୍ନ ମଠର ମହନ୍ତ, ଜିଲ୍ଲାପାଳ, ଏସ୍‌ପି ଓ ବିସିସି ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଗଜପତି କହିଛନ୍ତି ଯେ, ବଡ଼ ଦାଣ୍ଡ ଉନ୍ନୟନ, ଶ୍ରୀ ଜଗନ୍ନାଥ ସାଂସ୍କୃତିକ କେନ୍ଦ୍ର, ରଘୁନାଥ ଲାଇବ୍ରେରୀ, ଆନନ୍ଦ ବଜାର ସହିତ ଭକ୍ତଙ୍କ ପାଇଁ ଅନ୍ନକ୍ଷେତ୍ର ନିମନ୍ତେ ସରକାରଙ୍କ ସହ ଆଲୋଚନା କରାଯିବ। ସରକାରୀ ସ୍ତରରେ ଏ ସବୁ ଆଲୋଚନା ହୋଇ କାମ ଦୃତ ଗତିରେ ଆରମ୍ଭ ହେବ। ଭକ୍ତଙ୍କ ସଂଖ୍ୟା ବଢ଼ିଥିବାରୁ ଆନନ୍ଦ ବଜାରରେ ପ୍ରସାଦ ସେବନ ସୁବିଧା ହୋଇପାରୁନି। ଭକ୍ତମାନଙ୍କ ସୁବିଧା ପାଇଁ ଶ୍ରୀମନ୍ଦିର ଉତ୍ତର ଦ୍ୱାର ବାହାରେ ଅନ୍ନକ୍ଷେତ୍ର କରାଯିବାର ଯୋଜନା ରହିଛି। ଯେଉଁଠି ଭକ୍ତମାନେ ସୁବିଧାରେ ମହାପ୍ରସାଦ ସେବନ କରିପାରିବେ। ଗୁରୁବାର ସକାଳେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅନୁଧ୍ୟାନ ସମୟରେ ପୁରୀ ଗଜପତି ମହାରାଜ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆନନ୍ଦ ବଜାରରେ ମହାପ୍ରସାଦ ବିକ୍ରି ହେବ। କିନ୍ତୁ ଭକ୍ତଙ୍କ ସୁବିଧା ପାଇଁ ମହାପ୍ରସାଦ ସେବନ ନିମନ୍ତେ ଏକ ପ୍ରଶସ୍ତ ସ୍ଥାନ ଓ ଉତ୍ତମ ବ୍ୟବସ୍ଥା ହେବ। ସରକାରଙ୍କ ସହ ଆଲୋଚନା କରି ଏହାକୁ ଆଗକୁ ନେବାକୁ ନିବେଦନ କରିବୁ। ଗଜପତି ମହାରାଜ ଦିବ୍ୟସିଂହ ଦେବ ଆହୁରି କହିଛନ୍ତି, ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପାଇଁ କିଛି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଶ୍ରୀମନ୍ଦିର ସ୍ଥାୟୀ କାର୍ଯ୍ୟାଳୟ ହେବ। ପୂର୍ବଟିକୁ ଅଭ୍ୟର୍ଥନା କକ୍ଷ କରାଯିବ। ଶ୍ରୀଜଗନ୍ନାଥ ସାଂସ୍କୃତିକ ଲାଇବ୍ରେରୀ ଓ ରଘୁନନ୍ଦନ ଲାଇବ୍ରେରୀର ଉନ୍ନତିକରଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ବଡ଼ଦେଉଳରେ ଦୋଳ ଉତ୍ସବ: ମେଣ୍ଢାପୋଡ଼ି, ଦୋଳବେଦୀରେ ବିଜେ ହେଲେ ଠାକୁରେ

**ପୁରୀ, ୧୩/୦୩ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଛି ମହାପ୍ରଭୁଙ୍କ ଦୋଳୋତ୍ସବ। ସେହି କ୍ରମରେ ଗୁରୁବାର ଦୋଳବେଦୀରେ ଅନୁଷ୍ଠିତ ହୋଇଛି ମେଣ୍ଢାପୋଡ଼ି ନୀତି। ବଡ଼ଦେଉଳରୁ ଦୋଳବେଦୀକୁ ଶ୍ରୀଦୋଳଗୋବିନ୍ଦ, ଭୂଦେବୀ ଓ ଶ୍ରୀଦେବୀ ବିଜେ କରିଛନ୍ତି। ଦୋଳବେଦୀସ୍ଥିତ ଅଗ୍ନି ଉତ୍ସବ ଗୃହ ନିକଟରେ ବିରାଜମାନ କରିଥିଲେ ଚଳନ୍ତି ପ୍ରତିମା। ଅଗ୍ନି ସଂଯୋଗ ପରେ ଅଗ୍ନି ଗୃହକୁ ପ୍ରଦକ୍ଷଣ କରିଥିଲେ ଠାକୁର ଠାକୁରାଣୀ। ସହସ୍ରାଧିକ ଭକ୍ତଙ୍କ ଗହଣରେ ସମ୍ପନ୍ନ ହୋଇଛି ଦୋଳ ଉତ୍ସବ ନୀତି। ଶ୍ରୀମନ୍ଦିରର ମେଣ୍ଢାପୋଡ଼ି ନୀତିକୁ ହିନ୍ଦି ଭାଷୀ ଶ୍ରଦ୍ଧାଳୁମାନେ କୁହନ୍ତି ହୋଲିକା ଦହନ



ଉତ୍ସବ। ଶ୍ରୀମନ୍ଦିରରେ ଠାକୁରଙ୍କ ଚାଚେରୀ ବେଶ ଅନୁଷ୍ଠିତ ହୋଇଛି। ଚାଚେରୀ ଭୋଗ ଓ ଦକ୍ଷିଣୀଘର ଭୋଗ ସରିଛି। ଘଣ୍ଟ, ଛତା, ଫଗୁ ସର୍ବାଙ୍ଗ ନୀତିହୋଇ ବନ୍ଦାପନା ଓ ରାଜନୀତି ହୋଇଛି। ମହାଲକ୍ଷ୍ମୀଙ୍କ ମନ୍ଦିରକୁ ଦିଁଅ ବିଜେ କରିଥିଲେ। ସେଠାରେ ବିଧି ସମ୍ପନ୍ନ ହୋଇ ଠାକୁରମାନେ ଦୋଳବେଦୀ ଅଭିମୁଖେ ଯାତ୍ରା କରିଥିଲେ। ସନ୍ଧ୍ୟା ଧୂପ ସରିବା ପରେ ଶ୍ରୀମନ୍ଦିରକୁ ବାହୁଡ଼ିଥିଲେ ଠାକୁର ଠାକୁରାଣୀ। ଏହି ଅବସରରେ ହିନ୍ଦି ଭାଷୀ ଭକ୍ତଙ୍କ ଅଧିକ ସମାଗମ ହୋଇଥିଲା। ଦୋଳବେଦୀ ପରିସରରେ ମାରୱାଡ଼ି ସମ୍ପ୍ରଦାୟର ଶ୍ରଦ୍ଧାଳୁମାନେ ହୋଲିକା ରାକ୍ଷସୀର ପ୍ରତିମୂର୍ତ୍ତି ତିଆରି କରିଥିଲେ। ଘସି (ଶୁଖିଲା ଗୋବର)କୁ ସୂତାରେ ଗୁଡ଼ାଇ ଛୋଟ ଛୋଟ କାଠରେ ସଜାଇ ହୋଲିକା ରାକ୍ଷସୀର ପ୍ରତିମୂର୍ତ୍ତି ଗଢିବା ପରେ ସେଥିରେ ଅଗ୍ନି ସଂଯୋଗ କରିଥିଲେ। କୁହାଯାଏ ରାକ୍ଷସ ହୀରଣ୍ୟକସ୍ୟୁପର ଭଉଣୀ ହେଉଛି ହୋଲିକା ରାକ୍ଷସୀ। ବହୁ ପ୍ରକାରେ ଚେଷ୍ଟା କରି ପ୍ରହଲ୍ଲାଦଙ୍କୁ ମାରିପାରିଲେନି ହୀରଣ୍ୟକସିପୁ। ଶ୍ରୀକୃଷ୍ଣଙ୍କ ଭକ୍ତ ତଥା ହୀରଣ୍ୟକସ୍ୟୁପୁର ପୁତ୍ର ପ୍ରହଲ୍ଲାଦକୁ ହତ୍ୟା କରିବାକୁ ହୋଲିକା ଷଡ଼ଯନ୍ତ୍ର ରଚିଥିଲା। ହୋଲିକା ବରପ୍ରାପ୍ତି ହୋଇଥିଲେ ନିଆଁରେ ପୋଡ଼ିବେ ନାହିଁ। ଏଣୁ ପ୍ରହଲ୍ଲାଦଙ୍କୁ କୋଳରେ ଧରି ପୋଡ଼ି ପକାଇବ ବୋଲି ଭାବିଥିଲା। କିନ୍ତୁ ପ୍ରହଲ୍ଲାଦ ଥିଲେ ଠାକୁରଙ୍କ ଭକ୍ତ ଓ ନିଷ୍ପାପ। ଏଣୁ ସଙ୍କଟରେ ପଡ଼ି ପ୍ରହଲ୍ଲାଦ ମହାପ୍ରଭୁ ଶ୍ରୀକୃଷ୍ଣଙ୍କୁ ଜପ କରିବାରୁ ଠାକୁରେ ତାଙ୍କୁ ବଞ୍ଚାଇଥିଲେ। ଅନ୍ୟପଟେ ହୋଲିକା ଜଳି ଯାଇଥିଲା। ଅଧର୍ମ ଉପରେ ଧର୍ମର ବିଜୟ ହୋଇଥିଲା। ଏହି ପରମ୍ପରା ବହୁ ପ୍ରାଚୀନ। ଜାଗରଠାରୁ ଏନେଇ ପ୍ରସ୍ତୁତି ଆରମ୍ଭ ହୋଇ ହୋଲିକା ଦହନ ଉତ୍ସବରେ ଶେଷ ହୁଏ ବୋଲି ବିବେଚନା କରାଯାଏ।

# ଓଜେଏସ୍ ପରୀକ୍ଷାରେ କିଟ୍ ଲ' ସ୍କୁଲ୍‌ର ୩ ଛାତ୍ରଛାତ୍ରୀ କୃତକାର୍ଯ୍ୟ



**ଭୁବନେଶ୍ୱର, ୧୩।୩ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ବିଚାର ବିଭାଗୀୟ ସେବା (ଓଜେଏସ୍) ପରୀକ୍ଷାରେ କିଟ୍ ଲ' ସ୍କୁଲ୍‌ର ୩ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ଗୁରୁବାର ଓଜେଏସ୍ -୨୦୨୩ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଏଥିରେ କିଟ୍ ଲ' ସ୍କୁଲ୍‌ରୁ ୩ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଲ' ସ୍କୁଲ୍‌ର ଅଭିପ୍ସା ମହାକୁଡ଼ ୧୨ତମ, ଶ୍ରୀୟଙ୍କା ଦାଶ ୧୩ ତମ ଓ ଆର୍ଯ୍ୟ କୁମାର ସେନାପତି ୧୮ତମ ସ୍ଥାନରେ ରହିଛନ୍ତି। ଅଭିପ୍ସା ରାଜ୍ୟ ସରକାରଙ୍କ ଅର୍ଥ ବିଭାଗରେ ସହକାରୀ ନିର୍ଦ୍ଦେଶକ, ଆଇନ୍ ଭାବେ କାର୍ଯ୍ୟ କରୁଥିବା ବେଳେ ଶ୍ରୀୟଙ୍କା ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଗବେଷଣା ସହକାରୀ ଭାବେ କାର୍ଯ୍ୟ କରୁଛନ୍ତି। ଏହି ସଫଳତାରେ ଅଭିଭାବକ ତଥା ଛାତ୍ରଛାତ୍ରୀମାନେ କିଟ୍ ଲ' ସ୍କୁଲ୍‌କୁ ଧନ୍ୟବାଦ ଜଣାଇବା ସହ ଏଠାରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଥିବାରୁ କିଟ୍ ଲ' ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଲଗାତାର ସଫଳତା ହାସଲ କରିଆସୁଛନ୍ତି ବୋଲି କହିଛନ୍ତି। ଅପରପକ୍ଷରେ ଏହି ଅଭୂତପୂର୍ବ ସଫଳତାରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରିବା ସହ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କିଟ୍ ଲ' ସ୍କୁଲ୍‌ର ଗୁଣାତ୍ମକ ଶିକ୍ଷା ଓ ଅଧ୍ୟାପକ ଅଧ୍ୟାପିକାଙ୍କ ନିରନ୍ତର ପ୍ରୟାସ ଯୋଗୁଁ କିଟ୍ ଲ' ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ପ୍ରତ୍ୟେକ ବର୍ଷ ସଫଳତା ପାଇ ଆସୁଛନ୍ତି ଓ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ହାସଲ କରିପାରୁଛନ୍ତି ବୋଲି ଡ. ସାମନ୍ତ କହିଛନ୍ତି।



ଭୁବନେଶ୍ୱର : ଗୀତଗୋବିନ୍ଦ ସଦନ ପରିସରରେ କବିତା ମହାନ୍ତିଙ୍କ ଦ୍ୱାରା ଲିଖିତ ପୁସ୍ତକ "ପାଳଭୂତ ଓ ଅନ୍ୟାନ୍ୟ ଗଳ୍ପ" ଏବଂ "ଦିନ ଯାଏ କଥା ରହେ (ଲକ୍‌ଡାଉନ-୨୦୨୦)"କୁ ଉନ୍ମୋଚନ କରୁଛନ୍ତି ମୁଖ୍ୟ ଅତିଥି ପୂର୍ବତନ ବିଧାୟକ ସୌମ୍ୟରଂଜନ ପଟ୍ଟନାୟକ, ବିଶିଷ୍ଟ ସ୍ତମ୍ଭକାର ଦାଶ ବେନହୁର, ବରିଷ୍ଠ ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଞ୍ଜନ, ରବି ନାରାୟଣ ନନ୍ଦ (ପୂର୍ବତନ ଆଇଏଏସ୍) ଓ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)



ଭୁବନେଶ୍ୱର : ରାଜଭବନ ପରିସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ଆସିଷ୍ଟାଣ୍ଟ ଚିଫ୍ ଅଫ୍ ଏୟାର ଷ୍ଟାଫ୍ ଏଭିଏମ୍‌ଡି. ପି ହିରାନୀ। (ଫଟୋ : ସମ୍ବାଦ କଳିକା)

# ଏପ୍ରିଲ୍ ପହିଲାରୁ ଆୟୁଷ୍ମାନ ଭାରତ: ଉପକୃତ ହେବେ ୩.୫୨ କୋଟି ଲୋକ

**ଭୁବନେଶ୍ୱର, ୧୩/୦୩ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ କାର୍ଯ୍ୟକାରୀ ହେବ ଆୟୁଷ୍ମାନ ଭାରତ- ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା। ଆସନ୍ତା ଏପ୍ରିଲ୍ ପହିଲାରୁ ସାରା ରାଜ୍ୟରେ ଏହି ଯୋଜନାର ଶୁଭାରମ୍ଭ କରାଯିବ। ଏଥିସହ ଆୟୁଷ୍ମାନ ବୟୋବନ୍ଦନା ଯୋଜନା ମଧ୍ୟ ଶୁଭାରମ୍ଭ ହେବ। ରାଜ୍ୟର ସମୁଦାୟ ୩.୫୨ କୋଟି ଲୋକ ଉପକୃତ ହେବେ। ଏନେଇ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ରାଜ୍ୟର ୧୪୩୮ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କରାଯିବ। ଯୋଜନାର ପ୍ରଚାର ଓ ପ୍ରସାର ପାଇଁ ସଚେତନତା ଅଭିଯାନ ଆରମ୍ଭ ହେବ। ବୈଠକର ତଥ୍ୟ ଅନୁଯାୟୀ, ଉଭୟ ଆୟୁଷ୍ମାନ ଭାରତ



ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ୬୭ ଲକ୍ଷ ୮୦ ହଜାର, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ୩୫ ଲକ୍ଷ ୮୪ ହଜାରରୁ ଅଧିକ ପରିବାର ଉପକୃତ ହେବେ। ଅର୍ଥାତ୍ ରାଜ୍ୟର ୧ କୋଟି ୩ ଲକ୍ଷରୁ ଅଧିକ ପରିବାର ଉପକୃତ ହେବେ। ବ୍ୟକ୍ତିଗତ ଭାବେ ୩.୪୬ କୋଟିରୁ ଅଧିକ ଲୋକ ଉପକୃତ ହେବେ। ଏହି ୨ଟି ଯୋଜନା ଓଡ଼ିଶାରେ ସଂଯୁକ୍ତ ଭାବେ କାର୍ଯ୍ୟକାରୀ ହେବ। ପ୍ରତ୍ୟେକ ହିତାଧିକାରୀଙ୍କୁ ଗୋଟିଏ କାର୍ଡ ଦିଆଯିବ। ବୟୋବନ୍ଦନା ଯୋଜନାରେ ହିତାଧିକାରୀମାନେ ଅଲଗା ଏକ ସ୍ୱତନ୍ତ୍ର କାର୍ଡ ପାଇବେ। ୭୦ ବର୍ଷରୁ ଅଧିକ ବୟସ ଲୋକଙ୍କୁ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ସାମିଲ କରାଯିବ। ୭୦ ବର୍ଷରୁ ଅଧିକ ଲୋକଙ୍କ ସଂଖ୍ୟା ୨୩ ଲକ୍ଷ ୧୨ ହଜାର ୯୭୯ ଥିବା ବେଳେ ଏଥିରୁ ୧୭ ଲକ୍ଷ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ସାମିଲ ଥିବାରୁ ଅଧିକ ୬ ଲକ୍ଷ ହିତାଧିକାରୀ ଏହି ଯୋଜନାରେ ଯୋଡ଼ି ହେବେ। ପ୍ରତ୍ୟେକ ପୁରୁଷ ହିତାଧିକାରୀଙ୍କୁ ୫ ଲକ୍ଷ ଟଙ୍କା, ମହିଳା ହିତାଧିକାରୀଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଯୋଗାଇଦିଆଯିବ। ଗୋଟିଏ ପରିବାରରେ ୭୦ ବର୍ଷରୁ ଅଧିକ ବୟସର ହିତାଧିକାରୀ ଥିଲେ, ପରିବାର ପ୍ରତି ଚିକିତ୍ସା ଖର୍ଚ୍ଚ ସର୍ବାଧିକ ୧୫ ଲକ୍ଷ ଟଙ୍କା ହେବ। ହିତାଧିକାରୀମାନେ ଦେଶର ୨୯ ହଜାରରୁ ଅଧିକ ସରକାରୀ ଓ ପଞ୍ଜୀକୃତ ବେସରକାରୀ ଡାକ୍ତରଖାନାରେ ଚିକିତ୍ସା ସୁବିଧା ପାଇପାରିବେ। ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ସୂଚନା ଓ ଲୋକସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ଆଇଟି ବିଭାଗ ସଚିବ ବିଶାଲ ଦେବ, ସ୍ୱାସ୍ଥ୍ୟ ବିଭାଗ ସଚିବ ଅଶ୍ୱତୀ ଏସ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋପାଳପୁର ବେଳାଭୂମିରେ ଅଲିଭ୍ ରିଡ୍‌ଲେଙ୍କ ଅଦିନିଆ ଅଣ୍ଡାଦାନ

**ଭୁବନେଶ୍ୱର, ୧୩/୦୩ ନ୍ୟୁଜ ବ୍ୟୁରୋ**

ଗୋପାଳପୁର ବେଳାଭୂମିରେ ଚାଲିଛି ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅଦିନିଆ ଅଣ୍ଡାଦାନ। ଗତ ମାସ ଋଷିକୂଲ୍ୟା ମୁହାଣରେ ଅଲିଭ୍ ରିଡ୍‌ଲେଙ୍କ ଗଣ ଅଣ୍ଡାଦାନ ସରିଥିଲା। ନିର୍ଦ୍ଦିଷ୍ଟ ସ୍ଥାନରେ ହଜାର ହଜାର ସଂଖ୍ୟାରେ କଇଁଛ ଅଣ୍ଡାଦାନ କରିଥିଲେ। ଏବର୍ଷ ସର୍ବକାଳୀନ ରେକର୍ଡ ବି ହୋଇଥିଲା। ଏବେ ଗୋପାଳପୁର ବେଳାଭୂମିରେ କିଛି ଅଲିଭ୍ ରିଡ୍‌ଲେ ଅଣ୍ଡାଦାନ କରୁଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ପରିବେଶବିତ୍ ଏବଂ ପର୍ଯ୍ୟଟକ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏଭଳି ଦୃଶ୍ୟ ପରିଲକ୍ଷିତ ହେଉଥିବା ଅନୁମାନ କରିଛନ୍ତି ପରିବେଶବିତ୍।

# ଜଳୁଛି ଅଧା ଓଡ଼ିଶାର ଜଙ୍ଗଲ : ନିଆଁ ଲିଭାଇବାକୁ ନାକେଦମ୍ ବନ କର୍ମଚାରୀ

**ଭୁବନେଶ୍ୱର, ୧୩/୩ ନ୍ୟୁଜ ବ୍ୟୁରୋ**

ଜଳୁଛି ଅଧା ଓଡ଼ିଶାର ଜଙ୍ଗଲ। ନିଆଁ ଲିଭାଇବାକୁ ନାକେଦମ୍ ବନ କର୍ମଚାରୀ। ରାଜ୍ୟର ପ୍ରାୟ ଜଙ୍ଗଲରେ ଲାଗିଛି ନିଆଁ। ବନ ବିଭାଗ ତଥ୍ୟ କହୁଛି, ରାଜ୍ୟରେ ସର୍ବାଧିକ ୧ ହଜାର ୪୨୬ଟି ସ୍ଥାନରେ ଲାଗିଥିଲା ବନାଗ୍ନି। ସେହିପରି ଗୁରୁବାର ସୁଦ୍ଧା ରାଜ୍ୟର ୭୪୭ଟି ସ୍ଥାନରେ ଜଙ୍ଗଲ ନିଆଁ ଲାଗିଛି। ଚଳିତ ବର୍ଷ ଆରମ୍ଭରୁ ମାର୍ଚ୍ଚ ସୁଦ୍ଧା ୧୦ ହଜାର ୪୫୫ଟି ସ୍ଥାନରେ ଦେଖିବାକୁ ମିଳିଛି ଜଙ୍ଗଲ ନିଆଁ। ଏହି ଦୁଇଦିନର ଜଙ୍ଗଲ ନିଆଁକୁ ମିଶାଇଲେ ସଂଖ୍ୟା ସାଢ଼େ ୧୨ ହଜାରରେ ପହଞ୍ଚିଲାଣି। ସେହିପରି ଫରେଷ୍ଟ ସର୍ଭେ ଅଫ ଇଣ୍ଡିଆ ତଥ୍ୟ କହୁଛି, ଗତ ସପ୍ତାହକ ମଧ୍ୟରେ ରାଜ୍ୟରେ ୪ ହଜାର ୫୦୩ଟି ସ୍ଥାନରେ ଜଙ୍ଗଲ ନିଆଁ ଲାଗିଛି। ଯାହା ତେଲଙ୍ଗାନା ପରେ ଦେଶର ଦ୍ୱିତୀୟ ସର୍ବାଧିକ। ଏମିତିକି ଦେଶବ୍ୟାପୀ ୨୧୦ଟି ସ୍ଥାନରେ ବଡ଼ ଧରଣର ଜଙ୍ଗଲ ନିଆଁ ଲାଗିଥିବା ବେଳେ ସେଥିରୁ ୭୭ଟି କେବଳ ଓଡ଼ିଶାରେ ଲାଗିଛି।

## କଟକରେ ବେଆଇନ୍ ବନ୍ଧୁକ କାରଖାନା ଠାବ

# ୩୦ରୁ ଅଧିକ ବନ୍ଧୁକ ଜବତ : ୪ ଗିରଫ

**କଟକ, ୧୩/୦୩ ନ୍ୟୁଜ ବ୍ୟୁରୋ**

ଏସଟିଏଫ୍‌କୁ ମିଳିଛି ବଡ ସଫଳତା। କଟକ ବୟାଳିଶି ମୌଜାରେ ବେଆଇନ୍ ବନ୍ଧୁକ କାରଖାନା ଠାବ ହୋଇଛି। ୩୦ରୁ ଅଧିକ ବନ୍ଧୁକ ସହ ୪ ଜଣଙ୍କୁ ଗିରଫ କରିଛି ଏସଟିଏଫ୍। ଦୀର୍ଘ ଦିନରୁ ଏଠାରେ ବେଆଇନ ଭାବେ ବନ୍ଧୁକ ତିଆରି କରାଯାଉଥିଲା ଏବଂ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଯୋଗାଣ କରାଯାଉଥିଲା। କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଗୁରୁବାର ଏସଟିଏଫ୍ ଟିମ୍ ବନ୍ଧୁକ କାରଖାନା ଉପରେ ଚଢଉ କରିଥିଲା ଏବଂ ସେଠାରୁ ୩୦ରୁ ଅଧିକ ବେଆଇନ୍ ବନ୍ଧୁକ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଥିବା ସୂଚନା ମିଳିଛି।

## ପାଣ୍ଡେରାରେ ହେବ ଆଧୁନିକ ମାଛ ବଜାର

# ଡବଲ ଇଞ୍ଜିନ ସରକାରଙ୍କୁ ଧନ୍ୟବାଦ ଦେଲେ ଅପରାଜିତା



**ଭୁବନେଶ୍ୱର, ୧୩/୦୩ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରରେ ସ୍ଥାପନ ହେବାକୁ ଯାଉଛି ୫୦ କୋଟି ଟଙ୍କା ବ୍ୟୟବରାଦରେ ଏକ ଆଧୁନିକ ମାଛ ମାର୍କେଟ୍। ଉତ୍ତର ଭୁବନେଶ୍ୱର ପାଣ୍ଡେରା ଅଞ୍ଚଳରେ ଏହି ଆଧୁନିକ ମାଛ ମାର୍କେଟ ପାଇଁ ଦୀର୍ଘ ସମୟରୁ ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରି ଆସୁଥିଲେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ୨୦୨୪ ସେପ୍ଟେମ୍ବର ମାସରେ ଭୁବନେଶ୍ୱର ସାଂସଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ସବିଶେଷ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ସହମତି ପରେ ଏହି ପ୍ରକଳ୍ପ କେନ୍ଦ୍ରକୁ ଯାଇଥିଲା। ଖୁସିର କଥା ଯେ, କେନ୍ଦ୍ର ମତ୍ସ୍ୟ ଓ ପଶୁ ପାଳନ, ଡାଏରୀ ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ଏହି ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। ପାଣ୍ଡେରା ନିକଟରେ ୫.୮୦ ଏକର ଜମିରେ ଏହି ଆଧୁନିକ ମାଛ ମାର୍କେଟ ସ୍ଥାପନ କରାଯିବ। ଏଥିପାଇଁ ୫୦ କୋଟିର ଅନୁଦାନ ମଞ୍ଜୁର କରିଛନ୍ତି। ଏହି ଅବସରରେ ଡବଲ ଇଞ୍ଜିନ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ।

# ଆଇଓଆରରେ ଭାରତର ମାଷ୍ଟରଷ୍ଟ୍ରୋକ୍ : ସମୁଦ୍ର ଭିତରେ ଚୀନ୍‌ର ସବୁ ଷଡ଼ଯନ୍ତ୍ରକୁ ମାତ୍ ଦେବ ଗୁଇନ୍ଦା ନୌସୈନିକ ଭିତ୍ତିଭୂମି

**ନୂଆଦିଲ୍ଲୀ, ୧୩/୦୩**

ଭାରତର ସାମୁଦ୍ରିକ ଶକ୍ତି ବର୍ତ୍ତମାନ ଏକ ନୂଆ ଦିଗକୁ ଗତି କରୁଛି। ଆନ୍ଧ୍ରପ୍ରଦେଶର ରାମବିଲ୍ଲି ଠାରେ ଥିବା ପାହାଡ ତଳେ ଭାରତ ଏକ ଗୁଇନ୍ଦା ନୌସେନା ଭିତ୍ତିଭୂମି ନିର୍ମାଣ କରୁଛି ଯାହା ପରମାଣୁ ଆକ୍ରମଣକୁ ମଧ୍ୟ ସହ୍ୟ କରିପାରିବ। ଏହାର ନାଁ ରହିଛି ଆଇଏନ୍‌ଏସ୍ ବାର୍ଷା। ପ୍ରାୟ ୩.୭ ବିଲିୟନ ଡଲାର ମୂଲ୍ୟରେ ନିର୍ମିତ ଏହି ଶିବିର ଭାରତର ପରମାଣୁ ବୁଡ଼ାଜାହାଜ ଶିବିରକୁ ସୁରକ୍ଷିତ ଏବଂ ଶକ୍ତିଶାଳୀ କରିବ। ଆଇଏନ୍‌ଏସ୍ ବର୍ଷା ଭାରତର ମୁଖ୍ୟ ନୌବାହିନୀ ବିଶାଖାପାଟନମ୍ ଠାରୁ ପ୍ରାୟ ୭୦ କିଲୋମିଟର ଦୂରରେ ଅବସ୍ଥିତ ଏବଂ ଏହାକୁ ଏପରି ଭାବରେ ନିର୍ମାଣ କରାଯାଇଛି ଯେ ପରମାଣୁ ବୁଡ଼ାଜାହାଜ ଏଠାରେ ଗୁପ୍ତ ଭାବରେ ଯାଇପାରିବ। ଏହାର ଉଦ୍ଦେଶ୍ୟ ହେଉଛି ଭାରତର ସାମୁଦ୍ରିକ ଶକ୍ତିକୁ ଏତେ ଶକ୍ତିଶାଳୀ କରିବା ଯେ କୌଣସି ଶତ୍ରୁ ଦେଶ ବିଶେଷ କରି ଚୀନ୍-ଭାରତ ଉପରେ ପ୍ରାଧାନ୍ୟ ଦେଇପାରିବ ନାହିଁ। ଆଇଏନ୍‌ଏସ୍ ବର୍ଷା ହେଉଛି ଏକ ଭୂତଳ ପରମାଣୁ ବୁଡ଼ାଜାହାଜ ଶିବିର, ଯେଉଁଠାରେ ପ୍ରାୟ ୧୨ଟି ପରମାଣୁ ବୁଡ଼ାଜାହାଜ ସୁରକ୍ଷିତ ଭାବରେ ଗଚ୍ଛିତ ହୋଇପାରିବ। ବିଶେଷ କଥା ହେଉଛି ଏହି ଶିବିର ଏତେ ସୁଦୃଢ଼ ଭାବରେ ନିର୍ମାଣ କରାଯାଉଛି ଯେ ଯଦି ଭାରତ ଉପରେ ପରମାଣୁ ଆକ୍ରମଣ ମଧ୍ୟ ହୁଏ, ତଥାପି ଏଠାରେ ଉପସ୍ଥିତ ଥିବା ବୁଡ଼ାଜାହାଜ ସୁରକ୍ଷିତ ରହିବ ଏବଂ ଶତ୍ରୁ ଦେଶ ଉପରେ ଭାରତ ପ୍ରତିଶୋଧ ନେବାକୁ ସକ୍ଷମ ହେବ। ଏହି କେନ୍ଦ୍ର ଭାବା ପରମାଣୁ ଅନୁସନ୍ଧାନ କେନ୍ଦ୍ର (ବିଏଆରସି) ଠାରୁ ମାତ୍ର ୧୬ କିଲୋମିଟର ଦୂରରେ ଅବସ୍ଥିତ, ଯାହା ନୌସେନାକୁ ଆଣବିକ ଜ୍ଞାନକୌଶଳ ଏବଂ ସମ୍ବଳକୁ ସିଧାସଳଖ ପ୍ରବେଶ କରିଥାଏ। ଏବେ ପ୍ରଶ୍ନ ଉଠୁଛି ଯେ, ଭାରତକୁ କାହିଁକି ଏହାର ଆବଶ୍ୟକତା ପଡ଼ିଲା କହିରଖୁଛୁ ଯେ, ଚୀନ୍ କ୍ରମାଗତ ଭାବରେ ନିଜର ନୌସେନା ଶକ୍ତି ବୃଦ୍ଧି କରିବାରେ ଲାଗିଛି। ଚାଇନାରେ ୧୨ଟି ଆଣବିକ



ବୁଡ଼ାଜାହାଜ ଅଛି, ସେଥିମଧ୍ୟରୁ ୬ଟି ବୁଡ଼ାଜାହାଜ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିବାରେ ସକ୍ଷମ। ଏହି ପରିପ୍ରେକ୍ଷିରେ ଭାରତରେ ବର୍ତ୍ତମାନ କେବଳ ୨ଟି ପରମାଣୁ ବୁଡ଼ାଜାହାଜ ଅଛି। ତାହା ହେଉଛି ଆଇଏନ୍‌ଏସ୍ ଆରିହନ୍ତ ଏବଂ ଆଇଏନ୍‌ଏସ୍ ଆରିଘାଟ। ତୃତୀୟ ପରମାଣୁ ବୁଡ଼ାଜାହାଜ ଆଇଏନ୍‌ଏସ୍ ଅରିନ୍ଧମନ୍ ବର୍ତ୍ତମାନ ସମୁଦ୍ର ପରୀକ୍ଷଣ କରୁଛି ଏବଂ ଖୁବ୍ ଶୀଘ୍ର ନୌସେନାରେ ପ୍ରବେଶ କରିବ। ଚୀନ୍‌ର ରଣନୀତି ହେଉଛି ଭାରତ ମହାସାଗରରେ ନିଜର ସ୍ଥିତିକୁ ଦୃଢ଼ କରିବା, ଯାହା ଦ୍ୱାରା ଏହା ଭାରତ ଉପରେ ଚାପ ସୃଷ୍ଟି କରିପାରିବ। ଚୀନ୍ ଆଫ୍ରିକାର ଜିବୁଟି ଏବଂ ମିଆଁମାରର କାୟୁକପିୟୁ ପରି ଅଞ୍ଚଳରେ ନିଜର ନୌସେନା ବାହିନୀ ନିୟୋଜିତ କରିଛି। କେବଳ ଏତିକି ନୁହେଁ, ଚୀନ୍‌ର ସମ୍ପୂର୍ଣ୍ଣ ବାଣିଜ୍ୟ ଏବଂ ଶକ୍ତି ଯୋଗାଣ ମାଲାକା ଷ୍ଟ୍ରେଟ୍ ଦେଇ ଯାଇଥାଏ। ଯଦି ଭାରତ ଏହି ମାର୍ଗରେ ନିଜର ଆଧିପତ୍ୟକୁ ଦୃଢ଼ କରେ, ତେବେ ଚୀନ୍ ଉପରେ ଏହା ବଡ଼ ଚାପ ପକାଇବ। ଆଇଏନ୍‌ଏସ୍ ବର୍ଷା ସହିତ ଭାରତର ରଣନୀତି କେବଳ ବୁଡ଼ାଜାହାଜରେ ସୀମିତ ନୁହେଁ। ବରଂ ମଧ୍ୟପ୍ରଦେଶଠାରୁ ୧୨୦୦ କିଲୋମିଟର ଦୂରରେ ଥିବା ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ ଭାରତ ପାଇଁ ଏକ ରଣନୀତିକ ସାମ୍ମୁଖ୍ୟ ହୋଇ ରହିଛି। ଏହି ଦ୍ୱୀପପୁଞ୍ଜ ଗୋଷ୍ଠୀ ମାଲାକା ଷ୍ଟ୍ରେଟ୍ ଉପରେ ନଜର ରଖିବା ପାଇଁ ଏକ ଆଦର୍ଶ ସ୍ଥିତିରେ ରହିଛି। ଭାରତ ବର୍ତ୍ତମାନ 'ସି ଡିନାଏଲ୍' ରଣନୀତି ଆପଣେଇଛି। ଏହାର ଅର୍ଥ ହେଉଛି ଭାରତ ଏହାର ବୁଡ଼ାଜାହାଜକୁ ଏତେ ଶକ୍ତିଶାଳୀ ସ୍ଥିତିରେ ରଖିବ ଯେ ଶତ୍ରୁ ଦେଶ, ବିଶେଷ କରି ଚୀନ୍, ଭାରତ ମହାସାଗରରେ ଏହାର କାର୍ଯ୍ୟକଳାପକୁ ଖୋଲାଖୋଲି ଭାବେ କରି ପାରିବ ନାହିଁ। ଏଥିପାଇଁ ଆଇଏନ୍‌ଏସ୍ ବର୍ଷା ନିର୍ମାଣ କରାଯାଉଛି ଯାହା ଦ୍ୱାରା ଯଦି କୌଣସି ଯୁଦ୍ଧ ପରିସ୍ଥିତି ଉପୁଜେ ତେବେ ଭାରତର ଆଣବିକ ବୁଡ଼ାଜାହାଜ ସୁରକ୍ଷିତ ରହିବ ଏବଂ ଆବଶ୍ୟକ ସ୍ଥଳେ ଚୀନ୍ ବିରୋଧରେ ଘାତକ ଆକ୍ରମଣ ଆରମ୍ଭ ହୋଇପାରିବ। ଆଇଏନ୍‌ଏସ୍ ବର୍ଷା ନିର୍ମାଣ ଦ୍ରୁତ ଗତିରେ ଅଗ୍ରଗତି କରୁଛି ଏବଂ ଆଶା କରାଯାଉଛି ଯେ ଏହା ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯିବ। ଏଥିରେ ଏକ ଭୂତଳ ବୁଡ଼ାଜାହାଜ ଶିବିର, ମରାମତି କେନ୍ଦ୍ର ଏବଂ ଏକ ଅତ୍ୟାଧୁନିକ କମାଣ୍ଡ ସେଣ୍ଟର ରହିବ। ଏହି ଶିବିର ଭାରତକୁ ସମୁଦ୍ର ତଳେ ଏକ ଅଦୃଶ୍ୟ ଶକ୍ତି ଯୋଗାଇବ, ଯାହା ଚୀନ୍ ଭଳି ଦେଶ ପାଇଁ ଭାରତକୁ ଚ୍ୟାଲେଞ୍ଜ କରିବା ଅଧିକ କଷ୍ଟସାଧ୍ୟ କରିବ। ଆଇଏନ୍‌ଏସ୍ ବର୍ଷା କେବଳ ଭାରତର ଆଣବିକ ଶକ୍ତି ସୁରକ୍ଷିତ କରିବ ନାହିଁ ବରଂ ଭାରତ ମହାସାଗରରେ ଚୀନ୍‌ର ବଢୁଥିବା ପ୍ରଭାବକୁ ରୋକିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ରଣନୀତିକ ପଦକ୍ଷେପ ବୋଲି ପ୍ରମାଣିତ ହେବ। ଏହି ଶିବିର ସ୍ପଷ୍ଟ କରିବ ଯେ ସମୁଦ୍ର ତଳେ ଶତ୍ରୁ ଦେଶ ଉପରେ ଏକ ବିରାଟ ପ୍ରତିଶୋଧ ଆକ୍ରମଣ କରିବାକୁ ଭାରତର ଶକ୍ତି ଜାରି ରହିଛି।